# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

◆VOLUME- 41 ◆ISSUE-153 ◆BHUBANESWAR ◆TUESDAY ◆28 NOVEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୫୩ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୮ ନଭେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦




ପଲ୍ ଲିଞ୍ଚଙ୍କୁ ୨୦୨୩ ବୁକର୍ ସମ୍ମାନ

▶ପୃଷ୍ଠା ୧୪ ଦେଖନ୍ତୁ...


DSPL-419

ଆମ ଓଡ଼ିଶା ନବୀନ ଓଡ଼ିଶା

# ଆମ ବ୍ୟାଙ୍କ

ପ୍ରତି ଗ୍ରାମ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସେବା ପାଇଁ
ଏକ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ

CSP Plus Outlet



୧୫ଗୋଟି ବ୍ୟାଙ୍କିଙ୍ଗ୍ ସେବା ଉପଲବ୍ଧ

୪,୩୦୦ରୁ ଊର୍ଦ୍ଧ୍ୱ ବ୍ୟାଙ୍କ ବିହୀନ ଗ୍ରାମ ପଞ୍ଚାୟତରେ CSP Plus ଶାଖା

ବୃଦ୍ଧ, ଗର୍ଭବତୀ ମହିଳା ଏବଂ ଭିନ୍ନକ୍ଷମ
ଲୋକଙ୍କ ପାଇଁ ଡୋରଷ୍ଟେପ୍ ସେବା

ମାନ୍ୟବର ମୁଖ୍ୟମନ୍ତ୍ରୀ
## ଶ୍ରୀ ନବୀନ ପଟ୍ଟନାୟକଙ୍କ
କରକମଳରେ ଆମ ବ୍ୟାଙ୍କ ଉଦ୍‌ଘାଟନ

୨୮ ନଭେମ୍ବର ୨୦୨୩, ସମୟ ସନ୍ଧ୍ୟା ୫ ଘଟିକା
କନଭେନସନ୍ ସେଣ୍ଟର୍, ଲୋକସେବା ଭବନ
ଓଡ଼ିଶା ସେକ୍ରେଟାରିଏଟ, ଭୁବନେଶ୍ୱର

ସହଯୋଗୀ ବ୍ୟାଙ୍କ

SBI | pnb | Union Bank | UCO BANK | BOI | Bank of Baroda




OIPR - 05001/13/0014/2324

Finance Department, Government of Odisha | www.finance.odisha.gov.in

# କାର୍ତ୍ତିକ ପୂର୍ଣ୍ଣିମାରେ ଭାସିଲା ଧରମ ବୋଇତ


ପାରାଦ୍ୱୀପ ବନ୍ଦର


ଲୋକାରଣ୍ୟ ପୁରୀ ସମୁଦ୍ର ବେଳାଭୂମି


ଭୁବନେଶ୍ୱର ବିନ୍ଦୁସାଗର କୂଳ

# ରତ୍ନସିଂହାସନରେ ମହାପ୍ରଭୁଙ୍କ ସୁନାବେଶ

**ପୁରୀ,୨୭।୧୧(ସମିସ):** ଧର୍ମମାସ କାର୍ତ୍ତିକ ଶେଷ ହୋଇଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ, ସୋମବାର ରତ୍ନସିଂହାସନରେ ମହାପ୍ରଭୁ ସୁନାବେଶ ତଥା ରାଜରାଜେଶ୍ୱର ବେଶରେ ଦର୍ଶନ ଦେଇଛନ୍ତି। ୨ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ରବିବାର ସ୍ୱତନ୍ତ୍ର ନୀତି ଥିବାରୁ ଠାକୁରଙ୍କ ପହୁଡ଼ ହୋଇ ନଥିଲା। ତେଣୁ ସୋମବାର ଭୋର୍ ୫ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଅବକାଶ ପୂଜା ପରେ ରୋଷହୋମ ସରି ଦାରୁଦିଅଁଙ୍କ ସୁନାବେଶ ଆରମ୍ଭ ହୋଇଥିଲା। ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟବସ୍ତ୍ରରେ ଠାକୁରଙ୍କୁ ରାଜରାଜେଶ୍ୱର ବେଶରେ ଭୂଷିତ କରିଥିଲେ। ଏହି ବେଶରେ ଶ୍ରୀବିଗ୍ରହ ବହୁବିଧ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ସୁବର୍ଣ୍ଣ ଶ୍ରୀଭୁଜ, ଶ୍ରୀପୟର, କାନ, କଦମ୍ବମାଳି, ହରିଡ଼ା କଦମ୍ବମାଳି, ବାହାଡ଼ା ମାଳି, ତାବିଜ ମାଳି, ବାଘ ନଖମାଳି, ସେବତୀ ମାଳି, ହଳମୂଷଳ, ଚକ୍ର, ତ୍ରିଶାଖା, ଅଳକା, ଶ୍ରୀମୁଖ ପଦ୍ମ, ରୂପା ଶଙ୍ଖ, ଓଡ଼ିଆଣି, ଚନ୍ଦ୍ରସୂର୍ଯ୍ୟ, ତିଳକ (ଚିତା), ଘାଘଡ଼ା ମାଳି, କୁଣ୍ଡଳ ଓ ତଡଗୀ ଲାଗି ହୋଇଥିଲେ। ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭା ପାଇଥିଲା।



ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ଲାଗି ଭୋରୁ ଭୋରୁ ସିଂହଦ୍ୱାରରେ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗି ଯାଇଥିଲା। ସିଂହଦ୍ୱାର ସମ୍ମୁଖରେ ପୁଲିସ ପକ୍ଷରୁ ହୋଇଥିବା ମାନବ ଶୃଙ୍ଖଳ(ହ୍ୟୁମାନ୍ ଚେନ୍) ଦ୍ୱାରା ଶ୍ରଦ୍ଧାଳୁମାନେ ଠେଲାପେଲାରୁ ମୁକ୍ତି ପାଇ ଶୃଙ୍ଖଳିତ ଭାବେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଆଉ କାହାରିକୁ ଧାଁ ଧପଡ଼ କରିବାକୁ ପଡ଼ିନଥିଲା। ତେବେ ଦର୍ଶନ ସାରି ଆସିବା ପରେ ଖୁସି ହୋଇଯାଇଥିଲେ ଶ୍ରଦ୍ଧାଳୁ। ପୁଲିସର ମାନବଶୃଙ୍ଖଳ ବ୍ୟବସ୍ଥାକୁ ପ୍ରତିଦିନ ବଜାୟ ରଖିବା ଲାଗି ଅନେକ ଭକ୍ତ ଫିଡ୍‌ବ୍ୟାକ ଦେଇଛନ୍ତି। ଏଥିସହ ପୁଲିସ ଓ ଯୁବ ଶକ୍ତି ୭୫୦ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ (ତାଙ୍କ ରହଣିସ୍ଥଳରୁ ଗାଡ଼ିରେ ଆଣି ମହାପ୍ରଭୁଙ୍କ ଦର୍ଶନ କରାଇ ପୁଣି ତାଙ୍କୁ ସୁରକ୍ଷିତ ଭାବେ ନେଇ ଛାଡ଼ିଥିଲେ) ଏଣ୍ଡ-ଟୁ-ଏଣ୍ଡ ଦର୍ଶନ କରାଇଥିଲେ। ସୂଚନାଥାଉ କି, ବର୍ଷକ ମଧ୍ୟରେ ମହାପ୍ରଭୁଙ୍କର ପାଞ୍ଚଥର ସୁନାବେଶ ଅନୁଷ୍ଠିତ ହୋଇଥାଏ। ତନ୍ମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣିମାରେ ହେଉଥିବା ସୁନାବେଶ ଅନ୍ୟତମ।

**ଦର୍ଶନ କଲେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ**

■ ସରିଲା କାର୍ତ୍ତିକ ମାସ

## ଆଜିଠୁ ହେବ ରତ୍ନଭଣ୍ଡାରର ଲେଜର ସ୍କାନିଂ

**ପୁରୀ, ୨୭।୧୧ (ସମିସ):** ଶେଷ ହେଲା ଧର୍ମମାସ କାର୍ତ୍ତିକ। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ମଙ୍ଗଳବାରଠାରୁ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରର ଲେଜର୍ ସ୍କାନିଂ କରାଯିବ। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍‌ଆଇକୁ ପୂର୍ବରୁ ଅନୁମତି ଦିଆସରିଛି। କାର୍ତ୍ତିକ ମାସ ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଅଧିକ ରହୁଥିବାରୁ ପୂର୍ଣ୍ଣିମା ପରଦିନ ଲେଜର ସ୍କାନିଂ ପାଇଁ ଧାର୍ଯ୍ୟ ରହିଥିଲା। ତେବେ ମଙ୍ଗଳବାରଠାରୁ ଲେଜର ସ୍କାନିଂ ଆରମ୍ଭ ହେବ। ଆବଶ୍ୟକ ପଡ଼ିଲେ, ଭିତର ରତ୍ନଭଣ୍ଡାରର ମଧ୍ୟ ଲେଜର୍ ସ୍କାନିଂ କରାଯିବ। ଏଥିସହ ଶ୍ରୀମନ୍ଦିର ପରିସର ଅନ୍ୟାନ୍ୟ ଛୋଟବଡ଼ ମନ୍ଦିରର ମଧ୍ୟ ସ୍କାନିଂ କରାଯିବା ଲାଗି ନିଷ୍ପତ୍ତି ହୋଇଛି।

ବିଭିନ୍ନ ସମୟରେ ରତ୍ନଭଣ୍ଡାର ସ୍ଥିତିକୁ ନେଇ ପ୍ରଶ୍ନ ଉଠିବା ପରେ ଏହାର ବାସ୍ତବ ସ୍ଥିତି ଜାଣିବା ପାଇଁ ଏଏସ୍‌ଆଇ ଲେଜର ସ୍କାନିଂ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନର ଅନୁମତି ଲୋଡ଼ିଥିଲା। ତେଣୁ ଏଏସ୍‌ଆଇକୁ ଲେଜର ସ୍କାନିଂ ପାଇଁ ଅନୁମତି ଦେଇସାରିଛି ମନ୍ଦିର ପ୍ରଶାସନ। ଗତ ୪ତାରିଖରେ ଅନୁଷ୍ଠିତ ହୋଇଥିଲା ରତ୍ନଭଣ୍ଡାର ସବ୍ କମିଟି ବୈଠକ। ଏଥିରେ ବିସ୍ତୃତ ଭାବେ ରତ୍ନଭଣ୍ଡାର ସମ୍ପର୍କରେ ଆଲୋଚନା ହେବା ସହ ଲେଜର୍ ସ୍କାନିଂ ନେଇ ମଧ୍ୟ ତର୍ଜମା କରାଯାଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ପରଦିନ ଲେଜର ସ୍କାନିଂ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ, ମଙ୍ଗଳବାରଠାରୁ ଲେଜର ସ୍କାନିଂ ଆରମ୍ଭ କରାଯିବ। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, କାର୍ତ୍ତିକ ମାସରେ ଭକ୍ତଙ୍କ ଭିଡ଼ ହେଉଥିବାରୁ ପୂର୍ଣ୍ଣମୀ ପରଦିନ ଲେଜର ସ୍କାନିଂ ପାଇଁ ଏଏସ୍‌ଆଇକୁ ଅନୁମତି ଦିଆଯାଇଛି। ସେମାନେ ଯେକୌଣସି ସମୟରେ ତାଙ୍କର ସୁବିଧା ଦେଖି ଲେଜର ସ୍କାନିଂ କରିପାରିବେ। ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରର ଲେଜର ସ୍କାନିଂ କରାଯିବ।

**୪୨ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା**

## ଓଡ଼ିଶା ମଣ୍ଡପକୁ ସ୍ୱର୍ଣ୍ଣ ପୁରସ୍କାର

**ଭୁବନେଶ୍ୱର,୨୭ ।୧୧(ସମିସ):** ୪୨ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ପାଭିଲିୟନ୍‌କୁ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ଅଂଶଗ୍ରହଣକାରୀ ରାଜ୍ୟମାନଙ୍କର ପାଭିଲିୟନ୍ ମଧ୍ୟରୁ ଶ୍ରେଷ୍ଠ ପାଭିଲିୟନ୍ ଭାବେ ଓଡ଼ିଶା ଏହି ପୁରସ୍କାର ପାଇଛି। ନୂଆଦିଲ୍ଲୀସ୍ଥିତ ପ୍ରଗତି ମୈଦାନର ପରିସରରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ଓଡ଼ିଶା ତରଫରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏବଂ ଓଡ଼ିଶା ପାଭିଲିୟନ୍‌ର ନିର୍ଦ୍ଦେଶକ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂହ ଖରୋଲାଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

ଚଳିତ ବର୍ଷର ବିଷୟବସ୍ତୁ "ବସୁଧୈବ କୁଟୁମ୍ବକମ୍, ୟୁନାଇଟେଡ୍ ବାଇ ଟ୍ରେଡ୍" ଆଧାରରେ ପ୍ରାଚୀନ କଳିଙ୍ଗର ଗୌରବମୟ ନୌବାଣିଜ୍ୟ ପରମ୍ପରା ଏବଂ ଉତ୍କଳୀୟ କଳାକୃତିକୁ ପ୍ରଗତି ମୈଦାନର ୨ ନମ୍ବର ହଲ୍‌ରେ ଜୀବନ୍ତ ଭାବେ ଓଡ଼ିଶା ପକ୍ଷରୁ ପ୍ରଦର୍ଶିତ କରାଯାଇଥିଲା। ଏଥିପାଇଁ ପାଭିଲିୟନ୍ ପ୍ରଥମ ଦିନରୁ ହିଁ ଦର୍ଶକମାନଙ୍କ ଅହେତୁକ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା।

ମହିଳା ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଇ ଓଡ଼ିଶା ମଣ୍ଡପରେ ରାଜ୍ୟ ସରକାରଙ୍କ ଓରମାସ୍, ମିଶନ୍ ଶକ୍ତି, ହସ୍ତତନ୍ତ ଓ ବୟନ, ଓଡ଼ିଶା ମିଲେଟ୍ ମିଶନ, ଅଣୁ-କ୍ଷୁଦ୍ର-ମାଧ୍ୟମ ଉଦ୍ୟୋଗ, ପର୍ଯ୍ୟଟନ, ଜନଜାତି ଉନ୍ନୟନ, ହସ୍ତଶିଳ୍ପ ଆଦି ୮ଟି ବିଭାଗ/ସହଯୋଗୀ ସଂସ୍ଥାମାନଙ୍କର ୨୪ଟି ଷ୍ଟଲ ସ୍ଥାନ ପାଇଥିଲା। ନୌକାର ଡେକ୍ ଓ ଷ୍ଟଲ ଉଭୟରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଏବଂ ହସ୍ତଶିଳ୍ପୀମାନଙ୍କ ଦ୍ୱାରା ଉତ୍ପାଦିତ କରୁଣା ରେଶମ ବସ୍ତ୍ର ଏବଂ ସମ୍ବଲପୁରୀ, ଟସର, ଡଙ୍ଗରିଆ ଜନଜାତି ଶାଲ ଓ କୋଟପାଡ଼ ହସ୍ତତନ୍ତ ଲୁଗା ସମେତ ଧାନ, କାଇଞ୍ଚ, ଅଦରକାରୀ କାଗଜ ଆଦିରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀ ଏବଂ ଲାଞ୍ଜିଆ ସଉରା ଚିତ୍ର କଳା, ରଘୁରାଜପୁର ପଟ୍ଟଚିତ୍ର, ପିପିଲି ଚାନ୍ଦୁଆ ସହିତ ମିଲେଟ ଜାତୀୟ ବିଭିନ୍ନ ଖାଦ୍ୟଦ୍ରବ୍ୟ ଉପଲବ୍ଧ ହୋଇଥିଲା।



● ବୁଲିଲେ ୫ ଲକ୍ଷ ଲୋକ, ୭୦ ଲକ୍ଷର ବ୍ୟବସାୟ
● ପାଭିଲିୟନ୍‌ରେ ଥିଲା ୮ ବିଭାଗର ୨୪ ଷ୍ଟଲ

**ପାରାଦୀପ ବୋଇତ ବନ୍ଦାଣ ଉତ୍ସବରେ ରାଷ୍ଟ୍ରପତିଙ୍କ ଆହ୍ୱାନ**

# 'ବାଣିଜ୍ୟ ବ୍ୟବସାୟ ପ୍ରତି ଯୁବପିଢ଼ି ଅଧିକ ଆଗ୍ରହୀ ହୁଅନ୍ତୁ'

**ଜଗତସିଂହପୁର/ପାରାଦୀପ,୨୭ ।୧୧(ସମିସ):** ଯୁବପିଢ଼ି ଚାକିରି କରିବାରେ କିଛି ଅସୁବିଧା ନାହିଁ। କିନ୍ତୁ ସେମାନେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ବେଶୀ ଆଗ୍ରହୀ ଓ ଆଗଭର ହୁଅନ୍ତୁ। ନିଜ ରୁଚି ଅନୁସାରେ ନୂଆନୂଆ ଶିଳ୍ପ ପ୍ରତିଷ୍ଠାରେ ମନୋନିବେଶ କରନ୍ତୁ। ଏହାଦ୍ୱାରା ସେମାନେ ନିଜେ ଜୀବିକା ଅର୍ଜନ କରିବା ସହ ଅନ୍ୟମାନଙ୍କୁ ନିଯୁକ୍ତି ଦେଇପାରିବେ। ପାରାଦୀପଠାରେ ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବକୁ ଉଦ୍‌ଘାଟନ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଯୁବପିଢ଼ିଙ୍କୁ ଏପରି ଆହ୍ୱାନ ଦେଇଛନ୍ତି।

ପାରାଦୀପ ବନ୍ଦର ୱେଟ୍ ବେସିନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ମୁର୍ମୁ ଆହୁରି କହିଥିଲେ ଯେ ସମୁଦ୍ର ସବୁବେଳେ ସୃଜନଶୀଳ। ସମୁଦ୍ରକୁ ସେ ଭାରତୀୟ ଉପଦ୍ୱୀପର ବାଣିଜ୍ୟ-ବ୍ୟବସାୟ, ଅର୍ଥନୈତିକ ଓ ଆନ୍ତର୍ଜାତିକ ସମ୍ପର୍କର ସ୍ରଷ୍ଟା ବୋଲି ଅଭିହିତ କରିଥିଲେ। ପାରାଦ୍ୱୀପ ବନ୍ଦର ଆଜି ବିଶ୍ୱରେ ଶ୍ରେଷ୍ଠ ବନ୍ଦର ମଧ୍ୟରୁ ଅନ୍ୟତମ ହୋଇପାରିଛି। ବନ୍ଦରର ଭିତ୍ତିଭୂମି ଆହୁରି ସୁଦୃଢ଼ ହେବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ଦରକାର। ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ଏହି ଭବ୍ୟ ବୋଇତ-ବନ୍ଦାଣ ଉତ୍ସବରେ ଯୋଗଦେଇ ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ। ରାଷ୍ଟ୍ରପତି ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍‌ରେ ନିର୍ମିତ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ତାଙ୍କୁ ପାରମ୍ପରିକ ଲୋକନୃତ୍ୟ ସହ ଉତ୍ସବସ୍ଥଳକୁ ପାଛୋଟି ନିଆଯାଇଥିଲା। ସେଠାରେ ସାଧବ ସାଧବାଣୀଙ୍କୁ ରାଷ୍ଟ୍ରପତି ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାର ଅସ୍ମିତାର ପ୍ରତୀକ ବୋଇତକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ତଟରକ୍ଷୀ ବାହିନୀର ଜାହାଜ ଅମୋଘରେ ବସି ରାଷ୍ଟ୍ରପତି ବନ୍ଦର ମଧ୍ୟକୁ ଯାତ୍ରା କରିଥିଲେ।



ସମ୍ମାନିତ ଅତିଥି ରାଜ୍ୟପାଳ ରଘୁବର ଦାସ ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ଶ୍ରେଷ୍ଠ ବୋଲି ଅଭିହିତ କରିଥିଲେ। ୪୮୦ କିମି ଦୀର୍ଘ ଓଡ଼ିଶାର ତଟରେଖା ଦେଶର ସମୃଦ୍ଧିରେ ସହାୟକ ହୋଇଆସିଛି ଏବଂ ଐତିହ୍ୟର ମୂକସାକ୍ଷୀ ପାରାଦୀପ ବନ୍ଦର ଏହି ପରମ୍ପରାକୁ ବଜାୟ ରଖିବ ବୋଲି ସେ ଆଶାପ୍ରକାଶ କରିଥିଲେ। ସମ୍ମାନିତ ଅତିଥି କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ମନ୍ତ୍ରୀ ଶ୍ରୀପଦ ଯଶୋ ନାୟକ, ମନ୍ତ୍ରୀ ଶାନ୍ତନୁ ଠାକୁର, ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ, ପାରାଦ୍ୱୀପ ବିଧାୟକ ସମ୍ବିତ୍ ରାଉତରାୟ, ଜିଲ୍ଲାପାଳ ପାରୁଲ ପଟୱାରି, ଏସପି ରାହୁଲ ପି ଆର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ରାଷ୍ଟ୍ରପତି ୨୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କର ଉଦ୍‌ଘାଟନ କରିଥିଲେ। ଏଥିସହ ବନ୍ଦର ଟାଉନ ସିପ୍‌ର ନିରବଚ୍ଛିନ୍ନ ଜଳ ଯୋଗାଣ ପାଇଁ ରାଷ୍ଟ୍ରପତି ଏକ ନୂତନ ଜଳାଶୟ ଓ ଜଳ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ରାଷ୍ଟ୍ରପତି ଏକ ଭିଟିଏମ୍‌ଆଇଏସ୍ କ୍ଷମତା ସମ୍ପନ୍ନ ସିଗନାଲ୍ ଷ୍ଟେସନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

■ ଆଣ୍ଡାମାନରେ ସୃଷ୍ଟି ହେଲା ଲଘୁଚାପ

## ୨୯ରେ ଅବପାତ, ପରବର୍ତ୍ତୀ ୪୮ ଘଣ୍ଟାରେ ବାତ୍ୟା

**ଭୁବନେଶ୍ୱର, ୨୭ ।୧୧ (ସମିସ):** ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଛି ଲଘୁଚାପ। ଏହି ଲଘୁଚାପ ବର୍ତ୍ତମାନ ଘନୀଭୂତ ହେଉଥିବା ବେଳେ ୨୯ ତାରିଖ ସୁଦ୍ଧା ଏକ ଅବପାତରେ ପରିଣତ ହେବ। ଏହାର ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଆହୁରି ଶକ୍ତିଶାଳୀ ହୋଇ ବାତ୍ୟାର ରୂପ ନେବ। ଏହି ବାତ୍ୟାଟି ଶକ୍ତିଶାଳୀ ରୂପ ନେବ ବୋଲି ଜଣାଯାଇଥିଲେ ହେଁ କେଉଁଠାରେ ସ୍ଥଳଭାଗ ଛୁଇଁବ, ତା'ର କୌଣସି ସ୍ୱଷ୍ଟ ଚିତ୍ର ଏଯାବତ୍ ଆସିପାରିନାହିଁ। ଲଘୁଚାପଟି ବାତ୍ୟାରେ ପରିଣତ ହେବ ବୋଲି ପୂର୍ବରୁ ପାଣିପାଗ ବିଶେଷଜ୍ଞମାନେ ଆକଳନ କରୁଥିଲେ। ପାଣିପାଗର ବିଭିନ୍ନ ମଡେଲ୍‌ରୁ ବି ଏ ସଂପର୍କରେ ଇଙ୍ଗିତ ମିଳିଥିଲା। ତେବେ ସୋମବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଏ ସଂପର୍କରେ ବିଧିବଦ୍ଧ ସୂଚନା ଦିଆଯାଇଛି।

ଆଇଏମ୍‌ଡିର ସୂଚନାନୁଯାୟୀ, ଦକ୍ଷିଣ ଆଣ୍ଡାମାନ ପାର୍ଶ୍ୱବର୍ତ୍ତୀ ମଲାକ୍କା ଷ୍ଟ୍ରେଟ୍‌ରେ ଏହି ଲଘୁଚାପ ସୃଷ୍ଟି ହୋଇଛି। ଏହା ପଶ୍ଚିମଉତ୍ତର ପଶ୍ଚିମ ଦିଗରେ ଗତି କରି ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ୨୯ତାରିଖ ବେଳକୁ ଏକ ଅବପାତର ରୂପ ନେବ। ଏହାର ପରବର୍ତ୍ତୀ ୪୮ ଘଣ୍ଟାରେ ଆହୁରି ଘନୀଭୂତ ହୋଇ ବାତ୍ୟା ରୂପ ନେବାର ସମ୍ଭାବନା ରହିଛି। ଅନ୍ୟପଟେ ବର୍ତ୍ତମାନ ରାଜ୍ୟ ଉପରେ ଗୋଟିଏ ପଶ୍ଚିମା ଝଡ଼ର ପ୍ରଭାବ ରହିଛି। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ କାଉଁଳିଆ ରହିଛି। ମଙ୍ଗଳବାର ମଧ୍ୟ କିଛି ଜିଲ୍ଲାରେ ଏହି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ରହିଛି ପାଣିପାଗ କେନ୍ଦ୍ର କହିଛି ଯେ ମଙ୍ଗଳବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଦେବଗଡ଼, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ଆଶଙ୍କା ରହିଛି।

## ଲୋକକଥା




ଅଶୋଧିତ ତେଲ ଦର ଖସିଚାଲେ
ଖସୁନି ତୈଳ ଦର,
ବିପ୍ପଣନ ବାଲା ମାଲାମାଲ ହାଏ
ଖାଉଟିକୁ ମାଡ଼େ ଡର।
'ଆଚ୍ଛାଦିନ' ସରକାର,
ଭାତରେ ମାରିବା ପାଇଁ କରୁଛନ୍ତି
ବ୍ୟବସ୍ଥା ସବୁ ପ୍ରକାର !!

# ହାତ ପାଆନ୍ତାରେ ମିଳିବ ବ୍ୟାଙ୍କ ସେବା

**ଭୁବନେଶ୍ୱର,୨୭ ।୧୧(ସମିସ):** ସାମାଜିକ ନିରାପତ୍ତା ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା, ରାଜ୍ୟ ସରକାରଙ୍କର ବିଭିନ୍ନ ସରକାରୀ ସହାୟତା, ମହିଳା-ଯୁବ-କୃଷକଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ବ୍ୟାଙ୍କ ଋଣ ପ୍ରତ୍ୟେକ କ୍ଷେତ୍ରରେ ବ୍ୟାଙ୍କ ଜମାଖାତା ଅପରିହାର୍ଯ୍ୟ। ମାତ୍ର କେନ୍ଦ୍ର ସରକାରଙ୍କ କ୍ରମାଗତ ଅବହେଳା ଯୋଗୁଁ ଓଡ଼ିଶାର ହଜାର ହଜାର ଗାଁ ଏବେ ବି ବ୍ୟାଙ୍କ ସେବାରୁ ବଞ୍ଚିତ। ଉପାନ୍ତ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସିଂହଭାଗ ଲୋକ ଏବେ ବି ବ୍ୟାଙ୍କ ସେବା ପାଇପାରୁ ନାହାନ୍ତି। ଏହାକୁ ଦୂର କରିବାକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି ପଦକ୍ଷେପ। ଚଳିତ ଆର୍ଥିକ ବର୍ଷରୁ ବ୍ୟାଙ୍କ ସେବାରୁ ବଞ୍ଚିତ ପଞ୍ଚାୟତରେ ଖୋଲିବ 'ଆମ ବ୍ୟାଙ୍କ'। ରାଜ୍ୟ ସରକାରଙ୍କ ଅର୍ଥ ଓ ପଞ୍ଚାୟତିରାଜ ବିଭାଗ ଏଥିପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଚଳିତ ବର୍ଷ ଅଗଷ୍ଟ ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶାର ୪୩୭୩ଟି ବ୍ୟାଙ୍କ ବିହୀନ ଗ୍ରାମ ପଞ୍ଚାୟତରେ 'ସିଏସ୍‌ପି ପ୍ଲସ୍' ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍ ଖୋଲିବା ନେଇ ମିଳିଥିବା ମଞ୍ଜୁରୀ ଆଧାରରେ ଗତିଶୀଳ ହୋଇଛି 'ଆମ ବ୍ୟାଙ୍କ' ଖୋଲାଯିବା କାର୍ଯ୍ୟକ୍ରମ। ଏଥିପାଇଁ ସରକାର ୫ ବର୍ଷ ପର୍ଯ୍ୟନ୍ତ ବିନା ମୂଲ୍ୟରେ ବ୍ୟାଙ୍କ ଗୁଡ଼ିକୁ ଗୃହ ଯୋଗାଇ ଦେବେ। ଏଥିସହ ଓଡ଼ିଶା ସରକାର ଏକକାଳୀନ ସ୍ଥାୟୀ ଖର୍ଚ୍ଚ ଏବଂ ୩ ବର୍ଷ ପାଇଁ ଆବର୍ତ୍ତୀ ଖର୍ଚ୍ଚ ବହନ କରିବେ। ଏହା ଦ୍ୱାରା ଗ୍ରାମାଞ୍ଚଳର ଲୋକେ ବିଶେଷକରି ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାମାନେ ନିଜ ଘର ପାଖରେ ବ୍ୟାଙ୍କ ସେବା ପାଇବାକୁ ସକ୍ଷମ ହେବେ।

■ ୪୩୭୩ ପଞ୍ଚାୟତରେ ଖୋଲିବ 'ଆମ ବ୍ୟାଙ୍କ'
■ ନିଜସ୍ୱ ଉଦ୍ୟମରେ ରାଜ୍ୟ ସରକାରଙ୍କ ପଦକ୍ଷେପ
■ ଅଗଷ୍ଟରେ ରାଜ୍ୟ କ୍ୟାବିନେଟ୍ ଦେଇଥିଲା ମଞ୍ଜୁରୀ
■ ପ୍ରକ୍ରିୟା ଆରମ୍ଭ, ଚଳିତ ଆର୍ଥିକ ବର୍ଷରୁ କାର୍ଯ୍ୟକ୍ଷମ

ମିଳିଥିବା ସୂଚନା ଅନୁସାରେ ବ୍ୟାଙ୍କ ନଥିବା ଗ୍ରାମ ପଞ୍ଚାୟତରେ ସିଏସ୍‌ପି ପ୍ଲସ୍ ଆଉଟ୍‌ଲେଟ୍ ମାଧ୍ୟମରେ ରାଜ୍ୟ ସରକାର ବ୍ୟାଙ୍କ ସେବା ଯୋଗାଇ ଦେବେ। ଅର୍ଥ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗ ନିଜ ମଧ୍ୟରେ ସମନ୍ୱୟ ରଖି ମିଳିତ ଭାବରେ ଏଥିପାଇଁ କାର୍ଯ୍ୟ କରିବେ। ଏ ନେଇ ଉଭୟ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ୨୦୨୪ ଶେଷ ସୁଦ୍ଧା ରାଜ୍ୟର ସବୁ ପଞ୍ଚାୟତରେ ବ୍ୟାଙ୍କ ସେବା ପହଞ୍ଚାଇବା ଲାଗି ସରକାର ଲକ୍ଷ୍ୟ ରଖିଥିବା ବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୫୦% ପଞ୍ଚାୟତରେ ବ୍ୟାଙ୍କ ଖୋଲିବ ବୋଲି ସୂଚନା ମିଳିଛି। ଏଥିନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଦି ୬ଟି ବ୍ୟାଙ୍କର କର୍ତ୍ତୃପକ୍ଷଙ୍କୁ ପ୍ରସ୍ତୁତି ଆରମ୍ଭ ପାଇଁ କୁହାଯାଇଛି। ଅର୍ଥ ବିଭାଗ ବ୍ୟାଙ୍କ ଖୋଲିବା ନିମନ୍ତେ ସହାୟତା ଯୋଗାଇ ଦେବ ଏବଂ ପଞ୍ଚାୟତିରାଜ ବିଭାଗ ଜିଲ୍ଲା ପ୍ରଶାସନ ସହାୟତାରେ ବ୍ୟାଙ୍କ ଲାଗି ଭିତ୍ତିଭୂମି ପ୍ରସ୍ତୁତ କରିବ।

ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓଡ଼ିଶା ସରକାରଙ୍କର ଏକ ମୁଖ୍ୟ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଅଧିକାଂଶ ଅଞ୍ଚଳରେ ବ୍ୟାଙ୍କ ନ ଥିବାରୁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ହାସଲରେ ବାଧା ସୃଷ୍ଟି ହୋଇଛି। ବ୍ୟାଙ୍କ ଗୁଡ଼ିକ ଦ୍ୱାରା ବ୍ୟାଙ୍କବିହୀନ ପଞ୍ଚାୟତରେ ସ୍ଥାୟୀ ଶାଖା ସ୍ଥାପନ କାର୍ଯ୍ୟ ଅତ୍ୟନ୍ତ ମନ୍ଥର ରହିଛି। ଓଡ଼ିଶାରେ ପ୍ରାୟ ୬୫% ପଞ୍ଚାୟତରେ ବ୍ୟାଙ୍କ ସେବା ଏବେ ବି ଅପହଞ୍ଚ ହୋଇ ରହିଛି। ୬୭୯୮ ଗ୍ରାମ ପଞ୍ଚାୟତ ମଧ୍ୟରୁ ବ୍ୟାଙ୍କ ସେବା ନଥିବା ୪୩୭୩ ପଞ୍ଚାୟତରେ ବ୍ୟାଙ୍କ ନାହିଁ।

■ ଦୁର୍ଘଟଣାରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

## ଦୁଇ ଦୃଷ୍ଟିବାଧିତଙ୍କୁ କଲେ ଚକ୍ଷୁଦାନ

**ଡେରାବିଶ, ୨୭।୧୧(ସମିସ):** ମୃତ୍ୟୁ ପରେ ଚକ୍ଷୁଦାନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ହରିଅଙ୍କ ଗ୍ରାମର ପ୍ରଫୁଲ୍ଲ କୁମାର ଦାସଙ୍କ ପୁଅ ଇଂ ଚିତ୍ତପ୍ରଜ୍ଞ ଦାସ (୨୬)। ତାଙ୍କର ଆଖି ଦୁଇଟି ଦୁଇଜଣ ଦୃଷ୍ଟିବାଧିତଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯାଇଛି। ସୂଚନା ମୁତାବକ, ପ୍ରଫୁଲ୍ଲ କୁମାର ଦାସଙ୍କ ପୁଅ ଚିତ୍ତପ୍ରଜ୍ଞ ରବିବାର ବିଳମ୍ବିତ ରାତିରେ ବାଇକ୍‌ରେ କେନ୍ଦ୍ରାପଡ଼ାରୁ ଚାନ୍ଦୋଳ ଆସୁଥିବା ବେଳେ ସଲାର ମଠ ନିକଟରେ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ସମୟରେ ପରିବାରବର୍ଗଙ୍କ ପକ୍ଷରୁ ଚିତ୍ତଙ୍କ ଚକ୍ଷୁ ଦୁଇଟିକୁ ଦାନ କରାଯାଇଥିଲା। ଡେରାବିଶ ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।





ଗିଲ୍ ଗୁଜରାଟ ଟାଇଟନ୍ସ ଅଧିନାୟକ

▶ଖେଳ ପୃଷ୍ଠା ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-153 •BHUBANESWAR •TUESDAY •28 NOVEMBER 2023 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୫୩ •ଭୁବନେଶ୍ୱର •ମଙ୍ଗଳବାର •୨୮ ନଭେମ୍ବର ୨୦୨୩ •ପୃଷ୍ଠା-୧୬ •ଟ.୬.୦୦


### କାର୍ତ୍ତିକ ପୂର୍ଣ୍ଣିମାରେ କାର୍ତ୍ତିକ ପାଣ୍ଡିଆନଙ୍କ ବିଜେଡିରେ ଯୋଗଦାନ

# ରାଜନୀତିରେ ପ୍ରବେଶ, ବିକାଶର ସଂକଳ୍ପ



## 'ନବୀନ ଓଡ଼ିଶା' ସେନାପତିଙ୍କ ନୂଆ ଇନିଂସ୍

- ମୁଖ୍ୟମନ୍ତ୍ରୀଙ୍କ ପାଦ ଛୁଇଁ ରାଜ୍ୟର ନିଃସ୍ୱାର୍ଥ ସେବା ଲାଗି ଶପଥ
- ବିଜେଡିର ଶଙ୍ଖ ବ୍ୟାଜ୍ ପିନ୍ଧାଇଲେ ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ
- ପ୍ରତ୍ୟୁଷରେ ଶ୍ରୀଜଗନ୍ନାଥ ଓ ସନ୍ଧ୍ୟାରେ ତାରାତାରିଣୀଙ୍କ ଆଶିଷ ଭିକ୍ଷା
- ରାଜ୍ୟବାସୀଙ୍କ ପାଇଁ ନିଷ୍ଠାର ସହ ମିଳିମିଶି କାମ କରିବାକୁ ଆହ୍ୱାନ

■ **ଭୁବନେଶ୍ୱର, ୨୭ ।୧୧ (ସମିସ):** ପବିତ୍ର ଧର୍ମ ମାସର କାର୍ତ୍ତିକ ପୂର୍ଣ୍ଣମୀର ଶୁଭ ଲଗ୍ନରେ ରାଜନୀତିରେ ପାଦ ଦେଇଛନ୍ତି ରାଜ୍ୟ ବିକାଶର 'ନବୀନ' ସେନାପତି କାର୍ତ୍ତିକ ପାଣ୍ଡିଆନ। ମୁଖ୍ୟମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀ ତଥା ଅତ୍ୟନ୍ତ ବିଶ୍ୱସ୍ତ କାର୍ତ୍ତିକ ନବୀନ ନିବାସରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଦ ଛୁଇଁ ବିଜେଡିରେ ବିଧିବଦ୍ଧ ଯୋଗ ଦେଇଛନ୍ତି। ଅତ୍ୟନ୍ତ ନିରାଡ଼ମ୍ବର ଭାବରେ ଦଳର ସବୁ ବରିଷ୍ଠ ନେତାଙ୍କ ଉପସ୍ଥିତିରେ କାର୍ତ୍ତିକଙ୍କୁ ମୁଖ୍ୟମନ୍ତ୍ରୀ ଦଳରେ ଗ୍ରହଣ କରିଛନ୍ତି। ▶ପୃଷ୍ଠା-୯

### "ନିଷ୍ଠା ଓ ନମ୍ରତାର ସହ ଓଡ଼ିଶାବାସୀଙ୍କ ସେବା କରିବି"

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ତଥା ଆପଣମାନଙ୍କ ସମସ୍ତଙ୍କ ସହଯୋଗରେ ମୁଁ ନମ୍ରତା, ନିଷ୍ଠା ଓ ନିଃସ୍ୱାର୍ଥପରତାର ସହ ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ସେବା କରିବି ବୋଲି କହିଛନ୍ତି ଅବସରପ୍ରାପ୍ତ ଆଇଏଏସ୍ ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଆଜି ନବୀନ ନିବାସରେ ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦେବା ପରେ ଶ୍ରୀ ପାଣ୍ଡିଆନ୍ ଏହା ଉଲ୍ଲେଖ କରି ନୂଆ ଓଡ଼ିଶା ଗଢ଼ିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

### ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ନବୀନଙ୍କ ଆଶୀର୍ବାଦ

ନବୀନ ନିବାସରେ ବିଜୁ ଜନତା ଦଳରେ ଯୋଗଦେବା ଅବସରରେ କାର୍ତ୍ତିକ ପାଣ୍ଡିଆନଙ୍କୁ ଆଶୀର୍ବାଦ ପ୍ରଦାନ ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବେଶ୍ କିଛି ବର୍ଷ ହେଲା କାର୍ତ୍ତିକ ଓଡ଼ିଶାର ଲୋକଙ୍କ କଲ୍ୟାଣ ପାଇଁ ନିଷ୍ଠାପର ଭାବେ ଅବିଶ୍ରାନ୍ତ ପରିଶ୍ରମ କରି ଆସୁଛନ୍ତି। ତାଙ୍କର ଏହି ଉତ୍ସର୍ଗୀକୃତ ସେବା ଦେଖି ଓଡ଼ିଶାବାସୀ ତାଙ୍କ ପ୍ରତି ଶ୍ରଦ୍ଧା ଓ ସମର୍ଥନ ଅଜାଡ଼ି ଦେଇଛନ୍ତି। ଏହି ସେବା ହିଁ ତାଙ୍କୁ ଓଡ଼ିଶାବାସୀଙ୍କ ବିଶ୍ୱାସଭାଜନ କରିଛି, ରାଜ୍ୟବାସୀଙ୍କ ମନରେ ତାଙ୍କ ପ୍ରତି ପ୍ରଗାଢ଼ ସମ୍ମାନ ସୃଷ୍ଟି ହୋଇଛି। ଆଜି ଠାରୁ ସେ ବିଜେଡିର ସଦସ୍ୟ ଭାବେ ଓଡ଼ିଶାବାସୀଙ୍କ କଲ୍ୟାଣ ପାଇଁ ପୂର୍ବପରି ଅଧ୍ୟବସାୟ ଜାରି ରଖିବେ। ମୁଁ ତାଙ୍କର ଉଜ୍ଜ୍ୱଳମୟ ରାଜନୈତିକ ଜୀବନ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ମା' ତାରାତାରିଣୀଙ୍କ ଆଶୀର୍ବାଦ ନେଲେ କାର୍ତ୍ତିକ ପାଣ୍ଡିଆନ



■ **ବ୍ରହ୍ମପୁର / ପାତ୍ରପୁର / ପୁରୁଷୋତ୍ତମପୁର, ୨୭ ।୧୧ (ସମିସ):** 'ନବୀନ ଓଡ଼ିଶା' ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଜେଡିରେ ଯୋଗଦାନ ପରେ ସେ ପ୍ରଥମେ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଦର୍ଶନ ପାଇଁ ପହଞ୍ଚିଥିଲେ। ତାଙ୍କ ସହ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ତଥା ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ବିଜେଡି ପର୍ଯ୍ୟବେକ୍ଷକ ମାନସ ରଞ୍ଜନ ମଙ୍ଗରାଜ, ବିଜେଡି ମିଡିଆ ସେଲ ଅଧ୍ୟକ୍ଷ ଅମିତ କୁମାର ମଲ୍ଲିକ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ପ୍ରମୁଖଙ୍କୁ ଜିଲ୍ଲା ବିଜେଡି ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପରେ ମା' ତାରାତାରିଣୀଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଦର୍ଶନ ପରେ ମନ୍ଦିର ବେଢ଼ା ପରିକ୍ରମା କରି ସମସ୍ତ ବିଜେଡି ନେତା ଓ କର୍ମୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଭି. କେ.ପାଣ୍ଡିଆନ ଗଞ୍ଜାମ ଜିଲ୍ଲାପାଳ ଥିବାବେଳେ ତାରାତାରିଣୀ ପୀଠର ସକଳ ଉନ୍ନତି ପାଇଁ ଚେଷ୍ଟା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କ ଉଦ୍ୟମରେ ତାରାତାରିଣୀ ମନ୍ଦିରର ରୂପାନ୍ତରଣ ହୋଇପାରିଛି। ଦେଶର ଏକ ପ୍ରମୁଖ ଶକ୍ତିପୀଠ ଭାବେ ତାରାତାରିଣୀ ମନ୍ଦିର ମୁଣ୍ଡ ଟେକିଛି। ମା'ଙ୍କ ଆଶୀର୍ବାଦ ବିଶ୍ୱାସ ନେଇ ସେ ଦର୍ଶନ କରି ତାଙ୍କର ରାଜନୀତିରେ ଭବିଷ୍ୟତ ଆରମ୍ଭ କରି ଓଡ଼ିଶାବାସୀଙ୍କ ସେବା କରିବାର ଆଶା ରଖିଛନ୍ତି। ଏହି ଅବସରରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟନାୟକ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଆସିକା ସାଂସଦ ପ୍ରମିଳା ବିଷୋୟୀ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ବ୍ଲକ ▶ପୃଷ୍ଠା-୯


ଆମ ଓଡ଼ିଶା ନବୀନ ଓଡ଼ିଶା

5T | ଓଡ଼ିଶା ସରକାର | SVKM

ଇନ୍‌ଫୋଭ୍ୟାଲି, ଖୋର୍ଦ୍ଧା ଠାରେ ଏନ୍‌ଏମ୍‌ଆଇଏମ୍‌ଏସ୍ ଏବଂ ଅନ୍ୟ ଶିକ୍ଷା ଭିତ୍ତିଭୂମି ନିର୍ମାଣ ନିମନ୍ତେ

ଓଡ଼ିଶା ସରକାର
ଏବଂ
ଶ୍ରୀ ଭିଲେ ପାର୍ଲେ କେଲାଭଣୀ ମଣ୍ଡଳ ଟ୍ରଷ୍ଟ

ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର

୨୮ ନଭେମ୍ବର ୨୦୨୩ ॥ ସନ୍ଧ୍ୟା ୫ଟା ୪୫ମିନଟ୍

ଭବିଷ୍ୟତ ପାଇଁ ଏକ ସଶକ୍ତ ଓ ସୁଦୃଢ଼ ଶିକ୍ଷା ବ୍ୟବସ୍ଥାର ଐତିହାସିକ ସହଭାଗିତା



ଉଚ୍ଚ ଶିକ୍ଷା ବିଭାଗ, ଓଡ଼ିଶା ସରକାର

# ‘ନବୀନ ଓଡ଼ିଶା’ର କର୍ମଯୋଗୀ ସିପାହୀ





ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରଶାସନିକ ଅଧିକାରୀ ଭାବରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳର ଅନୁଭୂତି କାର୍ତ୍ତିକ ପାଣ୍ଡିଆନଙ୍କୁ କରିଛି ଅଭିଜ୍ଞ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ର ଅଧିକାରୀ ଭାବରେ ଯୋଗଦେବା ଓ ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟବ୍ୟାପୀ ବୁଲିବୁଲି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି ସମୟରେ ସେ ଦେଖିଛନ୍ତି ସାଧାରଣ ଲୋକଙ୍କ ସମସ୍ୟା । ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ଯୋଗାଯୋଗ, ପରିବହନ, କୃଷି ସମସ୍ୟା ସମ୍ପର୍କରେ ସାଧାରଣ ଲୋକଙ୍କ ଆପତ୍ତିକୁ ସେ ଗୋଟିଗୋଟି ତର୍ଜମା କରି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଛନ୍ତି । ଏହାର ସମାଧାନ ପଥ ବାହାର କରିଛନ୍ତି । ଦେଇଥିବା ପ୍ରତିଶ୍ରୁତି ପୂରଣ ନିମନ୍ତେ ଗ୍ରହଣ କରିଛନ୍ତି ତ୍ୱରିତ ପଦକ୍ଷେପ । ନବୀନଙ୍କ ସ୍ୱପ୍ନର ଓଡ଼ିଶାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ତାଙ୍କୁ ଦିଆଯାଇଥିବା ‘ନବୀନ ଓଡ଼ିଶା’ ଅଧ୍ୟକ୍ଷ ଭାବରେ ବିକାଶ ପାଇଁ ହୋଇଛନ୍ତି ପ୍ରତିବଦ୍ଧ ।























# କାର୍ତ୍ତିକ ପାଣ୍ଡିଆନ ୨.୦



ପ୍ରଶାସନିକ ଦକ୍ଷତା, ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି, ଦାୟିତ୍ୱ ପ୍ରତି ପ୍ରଗାଢ଼ ନିଷ୍ଠା, ଓଡ଼ିଶାର ବିକାଶ ପ୍ରତି ପ୍ରତିବଦ୍ଧତା କାର୍ତ୍ତିକ ପାଣ୍ଡିଆନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆସ୍ଥାଭାଜନ କରିଛି । ସମୟାନୁବର୍ତ୍ତିତା, କର୍ତ୍ତବ୍ୟପରାୟଣତା, ଦାୟିତ୍ୱବୋଧତା ତାଙ୍କ କର୍ମମୟ ଜୀବନ ଓ ବ୍ୟକ୍ତିତ୍ୱକୁ ଅଧିକ ଋଦ୍ଧିମନ୍ତ ଓ ବଳିଷ୍ଠ କରିଛି । ରାଜ୍ୟ ପ୍ରଶାସନଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ମଧ୍ୟରେ ସେ ନିଜ ପାଇଁ ସୃଷ୍ଟି କରିଛନ୍ତି ଏକ ସ୍ୱତନ୍ତ୍ର ସ୍ଥାନ । ଓଡ଼ିଶାକୁ ସମୃଦ୍ଧ ଓ ସଶକ୍ତ କରିବା ନିମନ୍ତେ ନବୀନ ପଟ୍ଟନାୟକଙ୍କ ପ୍ରତ୍ୟେକ ନିଷ୍ପତ୍ତିକୁ ପ୍ରଶାସନିକ ସ୍ତରରେ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି କାର୍ତ୍ତିକ । ଓଡ଼ିଶାକୁ ଦେଶର ଶୀର୍ଷ ସମୃଦ୍ଧ ରାଜ୍ୟରେ ପରିଣତ କରିବା ନିମନ୍ତେ ଆରମ୍ଭ ହୋଇଥିବା ଓଡ଼ିଶା ରୂପାନ୍ତରଣର ସେ ରୂପକାର ସାଜିଛନ୍ତି । ତାଙ୍କ ଅଭିଜ୍ଞତା ଓ ଅଙ୍ଗୀକାରବଦ୍ଧତାକୁ ସ୍ୱୀକୃତି ଦେଇ ଦଳର ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଦେଇଥିବା ନୂଆ ଦାୟିତ୍ୱକୁ ସାଦର ଓ ସସମ୍ମାନେ ଗ୍ରହଣ କରି କାର୍ତ୍ତିକ ପାଣ୍ଡିଆନ୍ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରୁ ଅରମ୍ଭ କରିଛନ୍ତି ତାଙ୍କ ଦ୍ୱିତୀୟ ଇନିଂସ-୨.୦ ।











## ମୁଖ୍ୟମନ୍ତ୍ରୀ ଓ ରାଜ୍ୟବାସୀଙ୍କ ପ୍ରତି ତାଙ୍କର ସମର୍ପଣ ଆହୁରି ଋଦ୍ଧିମନ୍ତ ହେବ

କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିଛବି କହିଲେ ଅତ୍ୟୁକ୍ତି ହେବ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ହିଁ ତାଙ୍କର ଆଦର୍ଶ । ଶ୍ରୀ ପାଣ୍ଡିଆନ୍ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କର ପ୍ରକୃତ ଶିଷ୍ୟ, ଉତ୍ସର୍ଗୀକୃତ ଅନୁଗାମୀ । ୨୦୧୧ ମସିହାରେ ସେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପ୍ରତି ତାଙ୍କର ନିଷ୍ଠା ଓ ପ୍ରତିବଦ୍ଧତାର ତୁଳନା ନାହିଁ । ପ୍ରଭୁ ଶ୍ରୀ ଜଗନ୍ନାଥ, ଓଡ଼ିଶାବାସୀ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ତାଙ୍କର ସମର୍ପଣ ଭାବ ଆମ ସମସ୍ତଙ୍କ ପାଇଁ ପ୍ରେରଣା ଦାୟକ । ରାଜ୍ୟ ସରକାରଙ୍କର ପ୍ରତ୍ୟେକ ଯୋଜନାର ସୁଫଳ ଯେପରି ରାଜ୍ୟବାସୀଙ୍କ ନିକଟରେ ପହଞ୍ଚିବ, ରାଜ୍ୟ ବିକାଶ ପଥରେ ଅଗ୍ରସର ହେବ, ସରକାରୀ ସେବାରେ ରୂପାନ୍ତରଣ ଆସିବ ତାହା ସେ ସୁନିଶ୍ଚିତ କରିଛନ୍ତି । ସର୍ବୋପରି ମୁଖ୍ୟମନ୍ତ୍ରୀଙ୍କ ନୀତି, ଆଦର୍ଶ ଯେପରି ଅକ୍ଷୁର୍ଣ୍ଣ ରହିବ ସେଥିପାଇଁ ଶ୍ରୀ ପାଣ୍ଡିଆନ୍ ସର୍ବଦା ଉଦ୍ୟମରତ । ବିଜେଡିରେ ତାଙ୍କର ଯୋଗଦାନ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶାବାସୀଙ୍କ ପ୍ରତି ତାଙ୍କର ସମର୍ପଣ ଭାବର ଆଉ ଏକ ନମୁନା ।

**ପ୍ରଣବ ପ୍ରକାଶ ଦାସ**, ବିଜେଡି ସଂଗଠନ ସମ୍ପାଦକ



## ଓଡ଼ିଶାରେ ନୂଆ ଯୁଗର ପ୍ରାରମ୍ଭ

ଆଜି ସାଢ଼େ ଚାରି କୋଟି ଓଡ଼ିଆଙ୍କ ପାଇଁ ଏକ ଐତିହାସିକ ଦିନ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ବିଜୁ ଜନତା ଦଳରେ ଯୋଗ ଦେଇ ରାଜ୍ୟର ବିକାଶ ପ୍ରତି ଥିବା ତାଙ୍କର ପ୍ରତିବଦ୍ଧତାକୁ କାର୍ତ୍ତିକ ପାଣ୍ଡିଆନ୍ ପୁନର୍ବାର ପ୍ରମାଣିତ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ଯେଉଁ ବିକାଶ ଧାରା ଜାରି ରହିଥିଲା ତାହା ଆହୁରି ଗତିଶୀଳ ହେବ । ଓଡ଼ିଶାରେ ଆଜି ଏକ ନୂଆ ଯୁଗ ଆରମ୍ଭ ହୋଇଛି । ବିଜେଡି ଓ ଓଡ଼ିଶା ଆହୁରି ଆଗକୁ ବଢ଼ିବ, ନୂଆ ରୂପାନ୍ତରଣ ହାସଲ କରିବ, ଏଥିରେ ସନ୍ଦେହ ନାହିଁ । ଓଡ଼ିଶାବାସୀଙ୍କ ଭଲ ପାଇବା, ନିଜର ଉତ୍ସର୍ଗୀକୃତ ସେବା ଏବଂ ପ୍ରଗାଢ଼ ଜ୍ଞାନ ହିଁ ଶ୍ରୀ ପାଣ୍ଡିଆନଙ୍କ ସମ୍ବଳ ।

**ମାନସ ମଙ୍ଗରାଜ** (ସାଂସଦ, ରାଜ୍ୟସଭା)

## ଚମତ୍କାର ଆରମ୍ଭରୁ ଚର୍ଚ୍ଚାରେ କାର୍ତ୍ତିକ

ନିଜର ବୃତ୍ତିଗତ ଜୀବନ ଆରମ୍ଭରୁ ଚର୍ଚ୍ଚାରେ ରହି ଆସିଛନ୍ତି କାର୍ତ୍ତିକ ପାଣ୍ଡିଆନ୍ । ଦୂରଦୃଷ୍ଟି, କାର୍ଯ୍ୟଦକ୍ଷତା, ଅଭିନବ ଚିନ୍ତାଧାରା ଓ କାର୍ଯ୍ୟରେ ନିଷ୍ଠା ତାଙ୍କୁ ଜଣେ ଭିନ୍ନ ଧରଣର ଅଧିକାରୀର ପରିଚୟ ଦେଇଛି । ୨୦୦୨ ମସିହାରେ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ନେବା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ତାଙ୍କର ଦକ୍ଷ ପ୍ରଶାସନିକ କାର୍ଯ୍ୟଦକ୍ଷତା ଯୋଗୁ ସେତେବେଳେ ଗୋଟିଏ ଦିନରେ ସର୍ବାଧିକ ରାଜସ୍ୱ ସଂଗ୍ରହ ଧର୍ମଗଡ଼ରେ ରେକର୍ଡ଼ ସୃଷ୍ଟି କରିଥିଲା । ଏଥିପାଇଁ ଶ୍ରୀ ପାଣ୍ଡିଆନଙ୍କୁ ସେତେବେଳେ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ । ସେହିପରି ମିଲରମାନଙ୍କ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରି ଚାଷୀମାନେ ଯେପରି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାରିବେ ଏବଂ ସମବାୟ ସମିତି ଯେପରି ଲାଭବାନ ହେବ ସେଥିପାଇଁ କାର୍ଯ୍ୟ କରି ପ୍ରଶଂସନୀୟ ହୋଇ ପାରିଥିଲେ ।



## ମୟୂରଭଞ୍ଜରେ ମିଳିଥିଲା ପରିଚୟ

ମୟୂରଭଞ୍ଜରେ ଜିଲ୍ଲାପାଳ ଭାବେ ଦାୟିତ୍ୱ ନେବା ବେଳେ ଶ୍ରୀ ପାଣ୍ଡିଆନ ସେତେବେଳେ ଥିଲେ ଦେଶର ଅନ୍ୟତମ ସର୍ବକନିଷ୍ଠ ଆଇଏଏସ୍ । ଜିଲ୍ଲାପାଳ ଭାବରେ ଜିଲ୍ଲାର ଉପାନ୍ତ ଅଞ୍ଚଳକୁ ତାଙ୍କର ଦୈନିକ ଗସ୍ତ ତୃଣମୂଳସ୍ତରରେ ବିକାଶ ପ୍ରକ୍ରିୟାକୁ କରିଥିଲା ତ୍ୱରାନ୍ୱିତ । ମୟୂରଭଞ୍ଜ ଜିଲ୍ଲାପାଳ ଭାବେ ଦିବ୍ୟାଙ୍ଗ ଥଇଥାନ କ୍ଷେତ୍ରରେ କରିଥିବା ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ମିଳିଥିଲା ଜାତୀୟ ପୁରସ୍କାର । ଗ୍ରାମାଞ୍ଚଳ ଏବଂ ବ୍ଲକସ୍ତରରେ ଦିବ୍ୟାଙ୍ଗମାନଙ୍କୁ ଯେପରି ଥଇଥାନ କରାଯାଇପାରିବ ସେନେଇ ସେ ଗ୍ରହଣ କରିଥିବା ପଦକ୍ଷେପକୁ ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ କାର୍ଯ୍ୟକାରୀ କରାଯାଇଥିଲା । ଏଥିପାଇଁ ମଧ୍ୟ ତାଙ୍କୁ ହେଲେନ କେଲର ସମ୍ମାନ ପ୍ରଦାନ କରାଯାଇଥିଲା ।

## ଖ୍ୟାତି ଆଣିଥିଲା ଗଞ୍ଜାମ କାର୍ଯ୍ୟକାଳ

କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ପ୍ରଶାସନିକ ଜୀବନରେ ଗଞ୍ଜାମ ସବୁବେଳେ ସ୍ୱତନ୍ତ୍ର ହୋଇ ରହିବ । ଗଞ୍ଜାମରେ ଜିଲ୍ଲାପାଳ ଭାବେ ତାଙ୍କ ପ୍ରଶାସନିକ ଦକ୍ଷତାକୁ ଜାତୀୟ ସ୍ୱୀକୃତି ମିଳିଥିଲା । ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ସଫଳତାର ସହ ଲାଗୁ କରିବା ପାଇଁ ସେ ଜାତୀୟ ପୁରସ୍କାର ପାଇଥିଲେ । ଏହି ଯୋଜନାରେ ଶ୍ରମିକମାନଙ୍କୁ ମଜୁରୀ ନଗଦ ଆକାରରେ ଦିଆଯାଉଥିବା ବେଳେ ଶ୍ରୀ ପାଣ୍ଡିଆନ ଏହାକୁ ବ୍ୟାଙ୍କ ଆକାଉଣ୍ଟ ଯୋଗେ ପ୍ରଦାନ କରିବାକୁ ପଦକ୍ଷେପ ନେଇଥିଲେ । ହଜାର ହଜାର ଶ୍ରମିକଙ୍କୁ ଏହି ଉପାୟରେ ପ୍ରାୟ ୧୦୦ କୋଟି ଟଙ୍କା ସେତେବେଳେ ପ୍ରଦାନ କରାଯାଇ ପାରିଥିଲା । ଗଞ୍ଜାମ ଜିଲ୍ଲା ପ୍ରଶାସନର ଏପରି ପଦକ୍ଷେପ ସେତେବେଳେ ଉଚ୍ଚ ପ୍ରଶଂସିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏହାକୁ ଲାଗୁ କରିଥିଲେ । ଏହାସହ ଗଞ୍ଜାମକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଦୁଇଥର ରାଷ୍ଟ୍ରପତି ସମ୍ମାନ ମିଳିପାରିଥିଲା ।



କାର୍ତ୍ତିକ ବାବୁଙ୍କ ଯୋଗଦାନରେ ଆମେ ସମସ୍ତେ ଆନନ୍ଦିତ । ସେ ମୁଖ୍ୟମନ୍ତ୍ରୀଙ୍କ ପାଦ ଛୁଇଁ ବିଜେଡିରେ ଯୋଗଦାନ କରିଛନ୍ତି । ତାଙ୍କର ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ରହିଛି । ତେଣୁ ସେ ବିଜେଡି ପାଇଁ ସମ୍ପତ୍ତି ହେବେ । ଏହି ଯୋଗଦାନରେ ବିଜେଡିର ତୁଙ୍ଗ ନେତାଙ୍କଠାରୁ ଆରମ୍ଭ କରି ସଂଗ୍ରାମୀ କର୍ମୀମାନେ ସମସ୍ତେ ଖୁସି ।

**ପିନାକୀ ମିଶ୍ର**, ବିଜେଡି ଲୋକସଭା ସାଂସଦ



କାର୍ତ୍ତିକ ପାଣ୍ଡିଆନଙ୍କ ଯୋଗଦାନ କେବଳ ପାର୍ଟିକୁ ମଜଭୂତ କରିବନି ବରଂ ସାରା ରାଜ୍ୟରେ ଜାରି ରହିଥିବା ରୂପାନ୍ତରଣ ପର୍ବ ଆହୁରି ଦ୍ରୁତ ଗତିରେ ଆଗେଇବ । ଏହାସହିତ ରାଜ୍ୟରେ ଯେଉଁ ବିକାଶର ମହୋତ୍ସବ ଚାଲିଛି ତାହା ମଧ୍ୟ ଆଗକୁ ବଢ଼ିବ ।

**ଅମର ପଟ୍ଟନାୟକ**, ବିଜେଡି ସାଂସଦ



ସେ ପ୍ରଶାସନିକ ସେବାରେ ଥିବା ବେଳେ ୫-ଟି ମାଧ୍ୟମରେ ସେ ଓଡ଼ିଶାର ରୂପାନ୍ତରୀକରଣ କାର୍ଯ୍ୟ କରିଥିଲେ । ଏହା ଐତିହାସିକ । ସେହି ଚିନ୍ତାଧାରା ଓ ସେହି ଆଭିମୁଖ୍ୟ ନେଇ ସେ ବିଜେଡିରେ ଯୋଗ ଦେଇଛନ୍ତି । ଏହା ବିଜୁ ଜନତା ଦଳ ପାଇଁ ଏକ ଐତିହାସିକ ଦିନ । ତାଙ୍କର ବଳିଷ୍ଠ ଯୋଗଦାନ ଯୋଗୁଁ ବିଜେଡି ଆହୁରି ଶକ୍ତିଶାଳୀ ହେବ ।

**ସସ୍ମିତ ପାତ୍ର**, ବିଜେଡି ରାଜ୍ୟସଭା ସାଂସଦ



କାର୍ତ୍ତିକ ପୂର୍ଣ୍ଣିମାରେ କାର୍ତ୍ତିକ ପାଣ୍ଡିଆନ୍ ଆମ ଦଳରେ ଯୋଗ ଦେଇଛନ୍ତି । ଆଜିଠାରୁ ସେ ବିଜୁ ଜନତା ଦଳରେ ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରିବେ । ନବୀନ ଓଡ଼ିଶାର ଅନ୍ୟତମ ସାରଥୀ ଭାବେ ଆମ ସହ କାନ୍ଧ ମିଳାଇ କାର୍ଯ୍ୟ କରିବେ ଓ ରାଜ୍ୟବାସୀଙ୍କ ସେବା କରିବେ ।

**ପ୍ରତାପ ଦେବ**, ମନ୍ତ୍ରୀ



କାର୍ତ୍ତିକ ପାଣ୍ଡିଆନ୍ ପ୍ରଶାସନିକ ଅଧିକାରୀ ଭାବେ ନିସ୍ୱାର୍ଥପର ସେବା କରୁଥିଲେ । ଆଜି ସେହି ନିସ୍ୱାର୍ଥପରତାକୁ ନେଇ ବିଜେଡିରେ କ୍ରିୟାଶୀଳ ଭାବେ କାର୍ଯ୍ୟ କରିବେ । ସାରା ରାଜ୍ୟରେ ରୂପାନ୍ତରଣ କାର୍ଯ୍ୟକୁ ମଧ୍ୟ ସେ ଆଗକୁ ବଢ଼ାଇବେ ।

**ସ୍ନେହାଙ୍ଗିନୀ ଛୁରିଆ**, ମନ୍ତ୍ରୀ



ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦକୁ ପୁଞ୍ଜି କରି କାର୍ତ୍ତିକ ପାଣ୍ଡିଆନ୍ ବିଜେଡିରେ ଯୋଗ ଦେଇଛନ୍ତି । ଆଗାମୀ ଦିନରେ ସେ ବିଜେଡି କର୍ମୀ ଭାବେ ଓଡ଼ିଶାର ଜନସାଧାରଣଙ୍କ ସେବା କରିବେ । ଓଡ଼ିଶାର ଅଗଣିତ ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷା ସହିତ ବିଜୁ ଦଳ ପାଇଁ ସେ ନିଜକୁ ଉତ୍ସର୍ଗ କରିଛନ୍ତି ।

**ଅଶୋକ ପଣ୍ଡା**, ମନ୍ତ୍ରୀ



ପାଣ୍ଡିଆନ୍ ବାବୁଙ୍କ ଯୋଗଦାନ ସ୍ୱାଗତଯୋଗ୍ୟ ପଦକ୍ଷେପ । ସାଧାରଣ ଲୋକଙ୍କ କଥାକୁ ସେ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି । ତେଣୁ ସେ ଆମ ଦଳ ପାଇଁ ସମ୍ପତ୍ତି ହେବେ । ମୁଖ୍ୟମନ୍ତ୍ରୀ ସବୁବେଳେ ସାଧାରଣ ଲୋକ ଓଡ଼ିଶାର ହିତ ପାଇଁ ନିଷ୍ପତ୍ତି ନେଇଥାନ୍ତି । ଏହି ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ।

**ସୁଦାମ ମାର୍ଣ୍ଡି**, ମନ୍ତ୍ରୀ



କାର୍ତ୍ତିକ ପାଣ୍ଡିଆନଙ୍କ ବିଜେଡିରେ ଯୋଗଦାନ ଦଳ ପାଇଁ ଉତ୍ସାହ ଆଣିଛି । ତାଙ୍କ ପରି ଜଣେ ଅଭିଜ୍ଞ ଅଫିସର ଦଳ ପାଇଁ କାର୍ଯ୍ୟ କଲେ ଦଳ ଶକ୍ତିଶାଳୀ ହେବ । ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତେ ଚେଷ୍ଟା କରୁଛନ୍ତି ।

**ସୁଲୋଚନା ଦାସ**, ବିଏମସି ମେୟର



ଓଡ଼ିଶାକୁ ନୂଆ ରୂପରେଖରେ ଦେଖିବା ପାଇଁ କାର୍ତ୍ତିକ ପାଣ୍ଡିଆନ ବିଜେଡିରେ ଯୋଗ ଦେଇ ସାଢ଼େ ୪ କୋଟି ଓଡ଼ିଆଙ୍କ ଆଶା ବିଶ୍ୱାସକୁ ସମୃଦ୍ଧ କରିଛି । ନୂଆ ଓଡ଼ିଶା ଗଠନରେ ଯେଉଁ ପ୍ରୟାସ ଜାରି ହୋଇଛି, ଆମେ ଗୋଟିଏ ପାଦ ସଫଳ ହୋଇଛୁ ।

**ସୁବାସ ସିଂ**, ମେୟର, କଟକ



ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ନେଇ କାର୍ତ୍ତିକ ପାଣ୍ଡିଆନ ଦଳରେ ମିଶିଛନ୍ତି । ଗଞ୍ଜାମ ଜିଲ୍ଲାଠାରୁ ଆରମ୍ଭ କରି ମୟୂରଭଞ୍ଜ ପର୍ଯ୍ୟନ୍ତ ଅନୁଭୂତି ଓ ୧୩ ବର୍ଷ ଧରି ରାଜ୍ୟ ଶାସନ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ତାଙ୍କ ଯୋଗଦାନ ଦଳ ରାଜ୍ୟପାଇଁ ଶୁଭଙ୍କର ସାବ୍ୟସ୍ତ ହେବ ।

**ସଞ୍ଜୟ ଦାସବର୍ମା**, ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ)



କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ନିଜେ କେବଳ ଆତ୍ମବିଶ୍ୱାସୀ ନୁହନ୍ତି, ତାଙ୍କ ସହିତ ଯେଉଁମାନେ ମିଶିଛନ୍ତି ସେମାନେ ମଧ୍ୟ ଆତ୍ମ ବିଶ୍ୱାସୀ । ସେ ପ୍ରତିଟି କାର୍ଯ୍ୟକୁ ଆଗକୁ ନେବାର ଦକ୍ଷତା ରଖିଛନ୍ତି । ତେଣୁ ତାଙ୍କ ବିଜେଡିରେ ଯୋଗଦାନ ସମସ୍ତଙ୍କ ପାଇଁ ଭଲ ହେବ ।

**ଦେବୀ ମିଶ୍ର**, ବିଜେଡି ବରିଷ୍ଠ ବିଧାୟକ



କାର୍ତ୍ତିକ ପାଣ୍ଡିଆନ୍ ତାଙ୍କର ନିଷ୍ଠାପର କାର୍ଯ୍ୟ ପ୍ରତିପାଦିତ କରିପାରିଛନ୍ତି ଓ ଏହାକୁ ଜାରି ରଖିଛନ୍ତି । ଏହି କାର୍ଯ୍ୟକୁ ପ୍ରତିବଦ୍ଧତା ସହ ଜାରି ରଖିବାକୁ ସୂଚାଇଛନ୍ତି । ସେ ଦଳର ଜଣେ ନିଷ୍ଠାପର ସଦସ୍ୟ ଭାବେ ସବୁ କାର୍ଯ୍ୟରେ ସହଯୋଗ କରିବେ ବୋଲି କହିଛନ୍ତି ।

**ଅରୁଣ ସାହୁ**, ବିଜେଡି ବରିଷ୍ଠ ବିଧାୟକ



କାର୍ତ୍ତିକ ପାଣ୍ଡିଆନ୍ ବିଜେଡିରେ ଯୋଗ ଦେବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ । ଓଡ଼ିଶାର ପ୍ରଗତି ଆହୁରି ଦୃତ ଗତିରେ ହେବ । ବିଜେଡି ତୃଣମୂଳସ୍ତରରେ ଆହୁରି ମଜଭୂତ ହେବ । ଦେଶର ମାନଚିତ୍ରରେ ଓଡ଼ିଶା ଏକ ଉନ୍ନତ ରାଜ୍ୟଭାବେ ଉଭା ହେବ ।

**ଦିବ୍ୟଶଙ୍କର ମିଶ୍ର** , ବିଜେଡି ବିଧାୟକ



କାର୍ତ୍ତିକ ପାଣ୍ଡିଆନଙ୍କ ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ । ତାଙ୍କର ଦୀର୍ଘ ଦିନର ପ୍ରଶାସନିକ ଦକ୍ଷତା ରହିଛି । ସେ ପ୍ରଶାସନିକସ୍ତରରେ ରୂପାନ୍ତରୀକରଣ କରୁଥିଲେ । ଏହାଦ୍ୱାରା ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଉନ୍ନତି ଘଟିଛି । ସେ ବିଜେଡିରେ ଯୋଗ ଦେବା ପରେ ଦଳ ପାଇଁ ଶୁଭଙ୍କର ହେବ ।

**ଦେବେଶ ଆଚାର୍ଯ୍ୟ**, ବିଜେଡି ବିଧାୟକ



ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରେ ସେ ବିଜେଡିରେ ଯୋଗ ଦେଇଛନ୍ତି । ତାଙ୍କର ଯୋଗଦାନ ଦଳକୁ ଆହୁରି ମଜଭୂତ ଓ ସଂଗଠିତ କରିବ । ଏହାସହିତ ଆଗାମୀ ୨୦୨୪ ନିର୍ବାଚନରେ ତାଙ୍କ ଯୋଗଦାନ ଏକ ବଡ଼ ପ୍ରଭାବ ପକାଇବ ।

**ବ୍ୟୋମକେଶ ରାୟ**, ବିଜେଡି ବିଧାୟକ

## ମା’ ଲୋଭି ଠାକୁରାଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା

# ଗଡ଼ସନ୍ତ୍ରୀରେ ଆଧ୍ୟାତ୍ମିକ ପରିବେଶ





**ଅନୁଗୋଳ, ୨୭ ।୧୧(ସମିସ)**

ଗଡ଼ସନ୍ତ୍ରୀ ଗ୍ରାମ ପୀଢସାହିରେ ଥିବା ପୀଠସ୍ଥଳରେ ଅଞ୍ଚଳର ପ୍ରତ୍ୟକ୍ଷ ତଥା ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ଲୋଭି ଠାକୁରାଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ମହାସମାରୋହରେ ଆରମ୍ଭ ହୋଇଛି । ପ୍ରତ୍ୟେକ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନ ଏହି ପର୍ବକୁ ଉଭୟ ତୁଳସୀପାଳ ଓ ଗଡ଼ସନ୍ତ୍ରୀ ଗ୍ରାମର ଗ୍ରାମବାସୀ ପାଳନ କରି ଆସୁଛନ୍ତି । ଚଳିତ ବର୍ଷ ଯାତ୍ରା ୫ ଦିନ ଧରି ଚାଲିବ । ତେବେ ପ୍ରତ୍ୟୁଷରୁ ମା’ଙ୍କ ସେବକ ତଥା ଦେହୁରୀ ରଞ୍ଜନ ଗଡ଼ନାୟକ ଓ ବେଲପତରିଆ ପବିତ୍ର ବିଶ୍ୱାଳ ତୁଳସୀପାଳରେ ଥିବା ଆଲମ ଘରେ ପୂଜାର୍ଚ୍ଚନା କରି ମା’ଙ୍କୁ ପୀଠସ୍ଥଳଙ୍କୁ ଯିବାକୁ ନିମନ୍ତ୍ରଣ କରିଥିଲେ । ଏହାପରେ ଚଳନ୍ତି ପ୍ରତିମାକୁ ଶତାଧିକ ଛତି, ତରାଶ, ଢୋଲ, ନିଶାଣ, ତୋପବାଣ, ଭକ୍ତଙ୍କ ହରିବୋଲ, ହୁଳହୁଳି ସହ ଉଭୟ ତୁଳସୀପାଳ ଓ ଗଡ଼ସନ୍ତ୍ରୀ ଗ୍ରାମର ମୁଖ୍ୟରାସ୍ତା ପରିକ୍ରମା କରାଯାଇ ପୀଠସ୍ଥଳକୁ ନିଆ ଯାଇଥିଲା । ବାଟରେ ମହିଳାମାନେ ନିଜ ନିଜ ଘର ସମ୍ମୁଖରେ ବନ୍ଦାପନା କରିବା ସହ ନୂତନ ବସ୍ତ୍ର ପକାଇ ଅଧିଆ ପଡ଼ିଥିଲେ । ଶୋଭାଯାତ୍ରା ପୀଠସ୍ଥଳରେ ପହଞ୍ଚିବା ପରେ ଦେହୁରୀ ଓ ବେଲପତରିଆ ରୀତିନୀତି ଅନୁଯାୟୀ ଷୋଡଶ ଉପଚାରରେ ପୂଜା କରିବା ପରେ ମାଜଣା କରା ଯାଇଥିଲା । ବିଳମ୍ବିତ ରାତିରେ ମହାଦେଶ ଆସିଲା ପରେ ଗୁପ୍ତ ସନ୍ଧିପୂଜା କରାଯାଇଥିଲା । ଏହି ଅବସରରେ ଅଧିଆ ପଡ଼ିଥିବା ବହୁ ମାନସିକଧାରୀ ମହିଳା ପାଦୁକା ପାଇ ଅନଶନ ଭଙ୍ଗ କରିଥିଲେ । ଶିଶୁଙ୍କ ମୁଣ୍ଡନ କରାଯାଇଥିଲା । ବଣ୍ଟଁରପାଳ ଥାନା ଅଧିକାରଣୀ ନିରୁପମା ଜେନାଙ୍କ ତତ୍ତ୍ୱାବଧାନରେ ଯାତ୍ରା ପଡ଼ିଆରେ ଏକ ପୁଲିସ ସହାୟତା କେନ୍ଦ୍ର ଖୋଲାଯାଇଛି । ୧୫ ଜଣ ପୁଲିସ ଅଧିକାରୀଙ୍କ ସମେତ ୨ ପ୍ଲାଟୁନ ପୁଲିସ ମୁତୟନ କରାଯାଇଛି । ବଣ୍ଟଁରପାଳ ପ୍ରଶାସନ, ସ୍ୱାସ୍ଥ୍ୟ, ଅଗ୍ନିଶମ ଓ ବିଦ୍ୟୁତ ବିଭାଗ ସହଯୋଗ କରିଛି । ମା’ ଲୋଭୀ ଟ୍ରଷ୍ଟି ବୋର୍ଡର ସଭାପତି ସୁନୀଳ ମାଝୀ, ସମ୍ପାଦକ ଭଜମନ ମହାନ୍ତି, ଲୋକନାଥ ମାଝୀ, ଦାଶରଥି ପାଏକ, ଧୀରେନ୍ଦ୍ର ଗଡ଼ନାୟକ, ବୈକୁଣ୍ଠ ବେହେରା, ରାମ ସାମଲ, ଭିକାରୀ ସେଠୀ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସନ୍ତୋଷ ସାହୁ, ଦୈତାରୀ ସାହୁ, ଗୋକୁଳା ନାୟକ ଓ ପ୍ରଶାନ୍ତ ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି ।

## ଅଷ୍ଟମ ଜିଲ୍ଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା

**ତାଳଚେର, ୨୭ ।୧୧(ସମିସ):** ତାଳଚେର ବ୍ଲକ ଲକେଇପଶି ଗ୍ରାମସ୍ଥିତ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଅଷ୍ଟମ ଜିଲ୍ଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଲକେଇପଶି ଭାଗବତ ପ୍ରଚାର ସମିତିର ସଭାପତି ସୁଶୀଲ ଦାସ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଗବେଷକ ବିଭୂତି ଭୂଷଣ ସାହୁ, ସମ୍ମାନୀତ ଅତିଥି ଭାବେ ଆମ ପୁରାଣ ଆମ ସଂସ୍କୃତି ଅନୁଷ୍ଠାନର ସଂଗଠନ ସମ୍ପାଦକ ବାମଦେବ ସେଠ, ସ୍ଥାନୀୟ ସରପଞ୍ଚ ନନ୍ଦକିଶୋର ବେହେରା, ଭରତପୁର ସୁରକ୍ଷା ଅଧିକାରୀ ବିକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ପୋକତୁଙ୍ଗା, ଡେରା, ବଡତ୍ରିବିଡା, ସିରିଗିଡା, ବଡଯୋରଡା, ଗିରାଙ୍ଗ, ଲକେଇପଶି, ସାନଯୋରଡା, ପୁରୁକିଆ, ମାଦଳିଆ, ଗୋବରା, ହିଙ୍ଗୁଳା ଦଳ ପ୍ରମୁଖ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବରେ ଅରୁଣ ଗଡ଼ନାୟକ, ରାହାସ ଚନ୍ଦ୍ର ବିଶ୍ୱାଳ ଓ ତ୍ରେତାନନ୍ଦ ସାମନ୍ତ ଦାୟିତ୍ୱ ତୁଲାଇଥିଲେ ।



କାର୍ଯ୍ୟକ୍ରମକୁ ହେମନ୍ତ ଦାସ ଓ ରବୀନ୍ଦ୍ର ମଲ୍ଲିକ ପରିଚାଳନା କରିଥିଲେ । ଦିଲ୍ଲୀପ ଦାସ, ସଂଯୁକ୍ତା ସାହୁ, ଗୀତାମୟୀ ମହାପାତ୍ର ପ୍ରମୁଖ ସ୍କୋରର୍ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ପ୍ରତିଯୋଗିତାରେ ଲକେଇପଶି ପ୍ରଥମ, ଡେରା ଦ୍ୱିତୀୟ ଓ ସାନଯୋରଡ଼ା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା । ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଭରତପୁର କ୍ଷେତ୍ର ମହାପ୍ରବନ୍ଧକ ଦିବ୍ୟଜୀବନ ସି ଯୋଗ ଦେଇ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଆଧ୍ୟାତ୍ମିକ ପୁସ୍ତକ ଉପହାର ଦେଇ ସମ୍ମାନୀତ କରିଥିଲେ । ମହୋଦୟ ଦାସ, ସତ୍ୟାନନ୍ଦ ଦାସ, ମାନସ ରଞ୍ଜନ ପ୍ରଧାନ, ଅଶୋକ ସ୍ୱାଇଁ, ପଦ୍ମନାଭ ଦାସ, ଅନୀଲ ଦାସ, ଉଚ୍ଛବ ଦାସ, ଭୋଳାନାଥ ଦାସ, ରମେଶଚନ୍ଦ୍ର ଦାସ ପ୍ରମୁଖଙ୍କ ସହ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଲୁଟ୍ ମାମଲାର ଦୁଇ ଅଭିଯୁକ୍ତ ଗିରଫ

**କଣିହାଁ, ୨୭ ।୧୧(ସିମିସି):** ଅନୁଗୋଳ ଜିଲ୍ଲା କଣିହାଁ ଥାନା ପୁଲିସ ଚୋରି ଅଭିଯୋଗରେ ୨ ଜଣକୁ ସୋମବାର ଗିରଫ କରିଛି । ଏହି ଦୁଇ ଅଭିଯୁକ୍ତ ହେଲେ ଜରଡା ଗ୍ରାମର ବିଷ୍ଣୁ ବେହେରା ଓରଫ ସେନ (୨୮) ଓ ବିନୟ ବେହେରା ଓରଫ ପିଣ୍ଟୁ (୩୦) । ପୁଲିସ ସୂଚନା ଅନୁସାରେ ଗତ ଶନିବାର ରାତିରେ ଗୁଣ୍ଡୁରିନାଳୀ ଗ୍ରାମର ଅକ୍ଷୟ ସାମଲ (୫୮) ନିଜ ଘରକୁ କାର୍ (ଓଡି-୧୯ଏମ୍-୧୭୧୭)ରେ ଫେରୁଥିଲେ । ରାତି ପ୍ରାୟ ସାଢେ ୯ଟାରେ ଜରଡା ଗ୍ରାମର କାହ୍ନୁ ଆମ୍ବ ତୋଟା ନିକଟରେ କାର୍‌କୁ ଦୁଇ ଦୁର୍ବୃତ୍ତ ଅଟକାଇଥିଲେ । ଗାଡ଼ି କାଚ ଭାଙ୍ଗି ଜଣେ ଅକ୍ଷୟଙ୍କ ବେକରେ ଟାଙ୍ଗିଆ ଲଗାଇ ଥିଲେ । ସେ ପିନ୍ଧିଥିବା ସୁନା ଚେନ୍ କାଢି ନେବା ସହ ଗାଡ଼ିରେ ରଖିଥିବା ୧୦ହଜାର ଟଙ୍କା ଲୁଟିନେଇ ଫେରାର୍ ହୋଇଯାଇଥିଲେ । ଏ ନେଇ ଅକ୍ଷୟ କଣିହାଁ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଶେଷରେ ଏମାନେ ଗିରଫ ହୋଇଛନ୍ତି । ପୁଲିସ ସେମାନଙ୍କ ନିକଟରୁ ସୁନା ଚେନ, ଟଙ୍କା ଓ ଟାଙ୍ଗିଆ ଜବତ କରିଛି ।

● ଡଙ୍ଗା ଭସାଇବା ବେଳେ ଅଘଟଣ

## କେନାଲରେ ଭାସିଯାଇ ଯୁବକ ମୃତ

**ତାଳଚେର ସଦର, ୨୭ ।୧୧(ସମିସ):** ବୋଇତ ବନ୍ଦାଣ ବେଳେ ଅଘଟଣ ଘଟଇଛି । ଡଙ୍ଗା ଭସାଇବା ବେଳେ କେନାଲରେ ଭାସି ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ତାଳଚେର ସମଲ ରାଇଟ୍ କେନାଲରେ ଏହି ଦୁର୍ଘଟଣା ଘଟିଛି । ମୃତକ ହେଲେ ପାଲଲହଡ଼ା ଚଷା ଗୁରୁଜାଙ୍ଗ ଗାଁର ଆଶିଷ ସାହୁ । ସୋମବାର ସକାଳୁ ବୋଇତ ଭସାଇବାକୁ ସମଲସ୍ଥିତ ରାଇଟ୍ କେନାଲକୁ ଆଶିଷ ଯାଇଥିବା ବେଳେ କେନାଲରେ ଭାସି ଯାଇଥିଲେ । କିଛି ଦୂରରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ପୁଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଏହାପରେ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା ।

## ରୁଗୁଡ଼ି ସାହିରେ ନାମ ସଂକୀର୍ତ୍ତନ



**ଆଠମଲ୍ଲିକ ୨୭ ।୧୧(ସମିସ):** ଆଠମଲ୍ଲିକ ଉପଖଣ୍ଡର ରୁଗୁଡ଼ି ସାହିସ୍ଥିତ ମା ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରାସ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ପୁରୁଷ ଓ ମହିଳା ଏକ ବିରାଟ ଶୋଭାଯାତ୍ରାରେ ବାହାରି ପୋଖରୀରୁ ଯାଇ କଳସରେ ଜଳ ଆଣିଥିଲେ । ଢୋଲ ଶଙ୍ଖ, ମହୁରୀରେ ଶୋଭାଯାତ୍ରା ପ୍ରକମ୍ପିତ ହୋଇ ଉଠିଥିଲା । ପୂଜକ ଭାବେ ଶେଷଦେବ ପାଣିଗ୍ରାହୀ ଏବଂ କର୍ତ୍ତା ଭାବେ ଆଇନଜୀବୀ ଦିନେଶ ସିଂ ଉପସ୍ଥିତ ଥିଲେ । ସଭାପତି ସବ୍ୟସାଚୀ ସିଂ, ସମ୍ପାଦକ ଯୁବିନ ଆର୍ଯ୍ୟବ୍ରତ ଷଡ଼ଙ୍ଗୀ, କୋଷାଧକ୍ଷ ଦିନେଶ ସିଂ, ବରିଷ୍ଠ ସଭ୍ୟ ଉଦିପ୍ତ ପୁରୋହିତ, ଚୈତନ୍ୟ ନାୟକ, ଦେବାର୍ଚ୍ଚନ ନାୟକ, ସୁଧୀର ମହାପାତ୍ର, ରିତେଶ ସିଂ, ଦିଲ୍ଲୀପ ମହାକୁଡ଼, ମିଲୁ ଭୁକ୍ତା, ଲୁଲୁ ସିଂ, ଚିନୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ଜାତୀୟ ଦୁଗ୍ଧ ଦିବସ



**ଅନୁଗୋଳ, ୨୭ ।୧୧(ସମିସ):** ଅନୁଗୋଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜାତୀୟ ଦୁଗ୍ଧ ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାରୁ ୫୦ରୁ ଅଧିକ ଦୁଗ୍ଧ ଚାଷୀ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନିରୋଧ ଦାସ ସଭାପତିତ୍ୱ କରିଥିଲେ । ଡା ନିଗମାନନ୍ଦ ପାଢ଼ୀ, ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା କେଶବ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ ।

# ବିଭିନ୍ନ ଅଞ୍ଚଳରେ ବୋଇତ ବନ୍ଦାଣ ଉତ୍ସବ



**ଅନୁଗୋଳ, ୨୭ ।୧୧(ସମିସ):** ନାଲ୍‌କୋ ନଗର ଜଗନ୍ନାଥ ମନ୍ଦିର, କାଣ୍ଡସର କପିଳେଶ୍ୱର ମନ୍ଦିର, ବଳରାମ ପ୍ରସାଦ ଇସାନେଶ୍ୱର ମନ୍ଦିର, କନ୍ୟାବେଡା କପିଳେଶ୍ୱର ମନ୍ଦିର, ନୂଆପଡ଼ା, କୁରୁଡୋଲ, କୁଲାଡ଼, କହ୍ନେଇ ନଗର, ଡେଲି ମାର୍କେଟ, ଗିରାଙ୍ଗ, ତୁରଙ୍ଗ ପ୍ରଭୃତି ଅଞ୍ଚଳରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି । ଲୋକେ ଭୋରରୁ ଦେବ ଦର୍ଶନ କରିବା ସହ ଜଳାଶୟରେ ଡଙ୍ଗା ଭସାଇ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ମନେ ପକାଇଥିଲେ । ନାଲକୋ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ଅମୀୟ ସ୍ୱାଇଁ ଓ ମନ୍ଦିର କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ଶ୍ରଦ୍ଧାଳୁ ବୋଇତ ବନ୍ଦାଇ ଥିଲେ । ନାଲ୍‌କୋ ସିଆଇଏସ୍‌ଏଫ ଦମକଳ ବିଭାଗ ଓ ନାଲକୋ ପୁଲିସ, ନାଲକୋ ଠିକା ସୁରକ୍ଷା କର୍ମୀ ନିୟୋଜିତ ଥିଲେ ।

## ନିଶାଦ୍ରବ୍ୟରୁ ଦୂରେଇ ରହିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ



**ଅନୁଗୋଳ, ୨୭ ।୧୧(ସମିସ):** ତାଳଚେର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ବଳହର ଛକସ୍ଥିତ ଆଇ ଡ୍ରିମ୍ ମ୍ୟାନେଜମେଣ୍ଟ କଲେଜରେ ଜୁନିୟର ଚାମ୍ବର ଇଣ୍ଟରନାସନାଲ (ଜେସିଆଇ) ତାଳଚେର ଶାଖା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୀପ୍ତି ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଖଣ୍ଡ ପୁଲିସ ଅଧିକାରୀ ମାନସ ରଞ୍ଜନ ବାରିକ ଯୋଗ ଦେଇଥିଲେ । ନିଶା ଦ୍ରବ୍ୟ ସେବନରୁ ଦୂରେଇ ରହିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ନିଶା ଦ୍ରବ୍ୟ ସେବନ ଦ୍ୱାରା କିଭଳି ଶରୀର, ପରିବାର ଓ ସମାଜର କ୍ଷତି ହେଉଛି ବିଷୟରେ ସେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ତାଳଚେର କଲେଜରେ ଅଧ୍ୟକ୍ଷ ଅଜୟ ପ୍ରଧାନ, ଅଧ୍ୟାପକ ମେଜର ସୁବ୍ରତ ଦାସ, ଡ. ସରୋଜ ରଥ, ଆଇ ଡ୍ରିମ୍ କଲେଜରେ ପ୍ରଦୀପ ମହାପାତ୍ର, ଯୋଗେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ତାଳଚେର ଯେଶିଆଇ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ପାଲ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜେସିଆଇର ପୂର୍ବତନ ଜୋନ ଅଧ୍ୟକ୍ଷ ଆଶିଷ ଅଗ୍ରୱାଲ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କୁଶଳ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ଜିତେନ୍ଦ୍ର ଅଗରୱାଲ, ମହେଶ ଅଗ୍ରୱାଲ, ଲିପିକା ମିଶ୍ର, ରଶ୍ମି ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ ।

## ବ୍ରାହ୍ମଣୀରେ ଡଙ୍ଗା ଭସାଇଲେ ଶ୍ରଦ୍ଧାଳୁ

**ତାଳଚେର, ୨୭ ।୧୧(ସମିସ):** କାର୍ତ୍ତିକ ପୂର୍ଣ୍ଣିମାରେ କୋଇଲାନଗରୀ ତାଳଚେର ଚଳଚଞ୍ଚଳ ହୋଇ ଉଠିଥିଲା । ବ୍ରାହ୍ମଣୀ ନଦୀ ଓ ବିଭିନ୍ନ ପୋଖରୀରେ ଲୋକେ ସୋମବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇଛନ୍ତି । ଏହି ଅବସରରେ ଲୋକେ ପ୍ରାଚୀନ ଉତ୍କଳର ସାଧବ ପୁଅମାନଙ୍କ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଥିଲେ । ରାତିରୁ ଉଠି ସୂର୍ଯ୍ୟ ଉଦୟ ପୂର୍ବରୁ ବୋଇତ ଭସାଇଥିଲେ । ସେହିପରି କାର୍ତ୍ତିକ ମାସର ଶେଷ ଦିନ ହୋଇଥିବାରୁ ବିଭିନ୍ନ ଦେବାଦେବୀଙ୍କ ପୀଠରେ ମଧ ଭକ୍ତଙ୍କ ଭିଡ ଜମିଥିଲା । ଅନ୍ୟପକ୍ଷେ ତାଳଚେର ଉପଖଣ୍ଡର ଗାଁ ଗାଁରେ କାର୍ତ୍ତିକେଶ୍ୱରଙ୍କ ପୂଜା ଚାଲିଛି । ଏଣୁ ଗାଁ ଗାଁରେ ଆଧ୍ୟାତ୍ମିକ ପରିବେଶ ରହିଛି ।

## କାର୍ତ୍ତିକ ପୂର୍ଣ୍ଣିମାରେ ଭକ୍ତମୟ ଶୈବପୀଠ

**ଅନୁଗୋଳ, ୨୭ ।୧୧(ସମିସ):** ଅନୁଗୋଳ ଜିଲ୍ଲାର ବିଭିନ୍ନ ଶୈବପୀଠ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭକ୍ତମୟ ହୋଇଛି । ପ୍ରାତଃରୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଡଙ୍ଗା ଭସାଇବା ପରେ ଭକ୍ତ ଲମ୍ବା ଧାଡିରେ ଯାଇ ଭକ୍ତ ଠାକୁରଙ୍କ ଦର୍ଶନ କରିଥିଲେ । ଅନୁଗୁଳ ସହର ସହ ଜରସିଂଘା ଗ୍ରାମର ମଝିକା ଶିବ ମନ୍ଦିର, ଟିପିରିସିଂଘା ମନ୍ଦିର, ଚଣ୍ଡୀ ଖମଣ ମନ୍ଦିର, ଅନୁଗୋଳ ଆଖଣ୍ଡଳମଣି ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

## ସମ୍ବିଧାନ ଦିବସରେ ଆଲୋଚନାଚକ୍ର



**ତାଳଚେର ସହର, ୨୭ ।୧୧(ସମିସ):** ଅଖିଳ ଭାରତୀୟ ପରିସଂଘ ଓଡ଼ିଶା ତରଫରୁ ସାଉଥ ବଳଣ୍ଡା ଆଇଏନଟିୟୁସି କାର୍ଯ୍ୟାଳୟ ପରିସରରେ ସମ୍ବିଧାନ ଦିବସ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଇଂ ସସ୍ମିତା ବେହେରା, ଦିଗାମ୍ବର ଗଡ଼ନାୟକ, ରାଜକିଶୋର ସାହୁ, କଳାକାର ନାଏକ, ଅଭିରାମ ନାଏକ, ବିଜୟ ବେହେରା, କୁଞ୍ଜବିହାରୀ ବେହେରା, ମନଜିତ କୌର, ରଶ୍ମିତା ନନ୍ଦ, କିରନ କୌର, ଅନୁ ନାଏକ, ଶରତଚନ୍ଦ୍ର ନାଏକ, ଦେବେନ୍ଦ୍ର ନାଏକ, ପଦ୍ମିନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ, କୁଇଜ, ପ୍ରତିଯୋଗିତା ହୋଇଥିଲା । ଚିତ୍ରାଙ୍କନ (କନିଷ୍ଠ)ରେ ଦ୍ୱିତୀକ୍ଷା ସାହୁ ପ୍ରଥମ ହୋଇଥିଲେ । ସୂର୍ଯ୍ୟମୟୀ ବିଶ୍ୱାଳ ୨ୟ ହୋଇଥିବାବେଳେ ସମ୍ପର୍ଣ୍ଣା ସାହୁ ୩ୟ ସ୍ଥାନରେ ରହିଛନ୍ତି । ନୃତ୍ୟ (କନିଷ୍ଠ) ସୃଷ୍ଟି ସାହୁ, ଲିପ୍ସାରାଣୀ, ପ୍ରଥମ ଓ ୨ୟ ହୋଇଛନ୍ତି । ସଲଭି ଏବଂ ରୁକସନା ଯୁଗ୍ମ ୩ୟ ହୋଇଛନ୍ତି । ନୃତ୍ୟ (ବରିଷ୍ଠ) ରୁଚିପ୍ରିୟା ଘଡେଇ, ମୋକ୍ଷିତା ପ୍ରଧାନ, ପୁଷ୍ପାଞ୍ଜଳି ନାଏକ ଯଥାକ୍ରମେ ପ୍ରଥମ, ୨ୟ ଓ ୩ୟ ହୋଇଛନ୍ତି । କୁଇଜ (କନିଷ୍ଠ) ଲିପ୍ସାରାଣୀ, ରୁକସନା, ଅନନ୍ୟା ଭୁକ୍ତା ପ୍ରଥମ, ୨ୟ, ୩ୟ ହୋଇଛନ୍ତି । ଚିତ୍ରାଙ୍କନରେ ଡୋନାଲ ସାହୁ, କୁଇଜରେ ଦିବ୍ୟ ତେଜସ୍ୱିନୀ ସାହୁ, ନୃତ୍ୟରେ ଅନିଲ ନାଏକ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ । ଏଲ ମାଣିକ୍ୟ ପ୍ରଭା ସଭାପତିତ୍ୱ କରିଥିଲେ । ନନ୍ଦିନୀ ନାଏକ, କନକଲତା ନାଏକ, ସୂର୍ଯ୍ୟକାନ୍ତି ନାଏକ, ଭାରତୀ ବେହେରା, ଜ୍ୟୋସ୍ନାରାଣୀ ନାଏକ, ଝିଲି ନାଏକ, ଉର୍ମିଳା ନାଏକ ପ୍ରମୁଖ ସହଯୋଗ କରିଥିଲେ । ରମେଶ ନାଏକ, ହେମନ୍ତ ବେହେରା, ପ୍ରଶାନ୍ତ ନାଏକ ଏବଂ ସୁରଥ ନାଏକ ମୁଖ୍ୟ ଭୂମିକା ନିଭାଇଥିଲେ ।

# ପଶ୍ଚିମେଶ୍ୱର ମନ୍ଦିର ଶ୍ରୀ ଗୁରୁଜୀ ଭକ୍ତ ଭବନ ଜବରଦଖଲ

**ତାଳଚେର ସଦର, ୨୭ ।୧୧(ସମିସ)**

ତାଳଚେରର ବହୁ ପୁରାତନ ଶୈବ ପୀଠ ପଶ୍ଚିମେଶ୍ୱର ମନ୍ଦିର ପରିସରରେ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ନିର୍ମିତ ଶ୍ରୀ ଗୁରୁଜୀ ଭକ୍ତ ଭବନକୁ କେତେକ ମହିଳା ଜବରଦଖଲ କରିନେଇଛନ୍ତି । ଏହାଫଳରେ ଏଠାକୁ ଆସୁଥିବା ମାନସିକଧାରୀ ଅନ୍ନ ପ୍ରସାଦ ସେବନ ଓ ବିଶ୍ରାମ ନେବା ପାଇଁ ହଇରାଣ ହେଉଛନ୍ତି । ତେବେ ଅଧିଆ ପଡ଼ିବାକୁ ଆସି କେତେକ ମହିଳା ଏଠାରେ ଦୀର୍ଘ ୮ ବର୍ଷ ହେଲା ରହିଛନ୍ତି ।

୨୦୦୬ ମସିହାରେ ତତ୍କାଳୀନ ବିଧାୟକ ତଥା ବର୍ତ୍ତମାନର ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପଶ୍ଚିମେଶ୍ୱର ମନ୍ଦିର ପରିସରରେ ଏକ ଶ୍ରୀ ଗୁରୁଜୀ ଭକ୍ତ ଭବନ ନିର୍ମାଣ କାର୍ଯ୍ୟ କରାଯାଇଥିଲା । ପୀଠକୁ ଯେଉଁ ଭକ୍ତମାନେ ଅନ୍ନପ୍ରସାଦ ବଣ୍ଟନ କରିବାକୁ ଆସିବେ ସେମାନେ ଉକ୍ତ ଘରକୁ ବ୍ୟବହାର କରିବା ସହ ବିଶ୍ରାମ ମଧ ନେବେ ବୋଲି ଉଦ୍ଦେଶ୍ୟ ଥିଲା । ଏପରିକି ଏହି ଗୃହରେ ଜନସାଧାରଣ ବସା ଉଠା କରି କରିପାରିବେ ବୋଲି ଲକ୍ଷ୍ୟ ରହିଥିଲା; କିନ୍ତୁ ନିର୍ମାଣ ହେବାର ମାତ୍ର କେଇ ବର୍ଷ ଜନସାଧାରଣ ତଥା ଭକ୍ତ ବ୍ୟବହାର କରିଥିଲେ । ପରେ କେତେକ ମହିଳା ସେଠାକୁ ଆସି ଠାକୁରଙ୍କ ପାଖରେ ଅଧିଆ ପଡ଼ିବା ନାଁରେ ଆଉ ଘରକୁ ଫେରିବାକୁ ନାଁ ଧରୁନାହାନ୍ତି । ମନ୍ଦିର ଚାରିପାଖେ ଲୁଗା ପଟା ଶୁଖାଉଛନ୍ତି । ଏଣେତେଣେ ମଳ ତ୍ୟାଗ କରି ମନ୍ଦିର ବେଢ଼ା ଚାରି ପାଖ ଅପରିଷ୍କାର କରୁଛନ୍ତି । ତେବେ ପରିଚାଳନା କମିଟି ପକ୍ଷରୁ ସେମାନଙ୍କୁ ଛାଡ଼ିବାକୁ କହିଲେ ସେମାନେ ଯିବା ତ ଦୂରର କଥା ବରଂ ପୂଜକଙ୍କୁ ଭୟଭୀତ କରାଉଛନ୍ତି । ଏ ନେଇ ପଶ୍ଚିମେଶ୍ୱର ମନ୍ଦିର ପରିଚାଳନା କମିଟି ମଧ ହାତ ଟେକି ଦେଇଛି । ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗ ପକ୍ଷରୁ କାହିଁକି ଅଙ୍କୁଶ ଲଗାଯାଉ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ।



● ପ୍ରଶାସନ ନିରବ
● ୮ ବର୍ଷ ହେଲା ଭକ୍ତ ହଇରାଣ

# ‘ପଟ୍ଟାମୁଣ୍ଡାଇର ଦ୍ରୁତ ବିକାଶ ଆମର ପରିଚୟ ପାଲଟିଛି’



**ପଟ୍ଟାମୁଣ୍ଡାଇ, ୨୭।୧୧(ସମିସ):** କଳା ସଂସ୍କୃତି ଓ ସାହିତ୍ୟରେ ରୁଦ୍ଧିମନ୍ତ ସଂସ୍କୃତି ସମ୍ପନ୍ନ ପଟ୍ଟାମୁଣ୍ଡାଇର ଦ୍ରୁତ ବିକାଶ ଆମର ପରିଚୟ ପାଲଟିଛି ବୋଲି ଆଜି ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ୧୨ତମ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ ଓ ଉପଦେଷ୍ଟା ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ସାହୁ କହିଲେ, ପଟ୍ଟାମୁଣ୍ଡାଇର ଗୌରବମୟ କଳା ସଂସ୍କୃତି ଓ ସାହିତ୍ୟ ଆଜି ବିଶ୍ୱ ଦରବାରରେ ପ୍ରତିଷ୍ଠା ଲାଭ କରିଛି। କଳା ତୀର୍ଥ ପଟ୍ଟାମୁଣ୍ଡାଇର ଦ୍ରୁତ ବିକାଶ ଆଜି ଶିଖର ଛୁଁଇପାରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, କୃଷି, ମିଶନଶକ୍ତି ଓ ଯୁବ ବିକାଶ ଆଦି ପ୍ରତ୍ୟେକ କ୍ଷେତ୍ରରେ ବିକାଶ ପଟ୍ଟାମୁଣ୍ଡାଇର ନୂଆ ପରିଚୟ ସୃଷ୍ଟି କରିଛି। ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ବିକାଶ ପରିଷଦର ବୋଇତ ବନ୍ଦାଣ ଉତ୍ସବ ଆୟୋଜନ ଆମର ସଂସ୍କୃତିକୁ ଗରୀୟାନ କରିଥିବାରୁ ଏହାର ସଫଳତା ପାଇଁ ସବୁ ସ୍ତରରେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଲୁପ୍ତପ୍ରାୟ କଳା ସଂସ୍କୃତି ଓ ସାହିତ୍ୟକୁ ରୁଦ୍ଧିମନ୍ତ କରିବା ସହିତ ନୌବାଣିଜ୍ୟ ପରମ୍ପରାର ରୋମନ୍ଥନ କରିବାକୁ ବୋଇତ ବନ୍ଦାଣ ଉତ୍ସବ ଆୟୋଜନ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଶିକ୍ଷକ ନେତା ବିଜୟ କୁମାର ସାହୁ ସ୍ୱାଗତ ଭାଷଣ ଓ କବୟିତ୍ରୀ ଆରାଧନା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ଚନ୍ଦ୍ରୟାନ ଅଭିଯାନର ସଫଳ ବୈଜ୍ଞାନିକ ସୁଶୀଲ ନାୟକଙ୍କ ତରଫରୁ ତାଙ୍କ ପିତା ପଟ୍ଟାମୁଣ୍ଡାଇ ବାଲିଆ ଗ୍ରାମର ମୁରଲୀଧର ନାୟକଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ପ୍ରଦର୍ଶନ କରିଥିବା ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ବିକାଶ ପରିଷଦ ଉପଦେଷ୍ଟା ସୁରେଶ ଜେନା, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପ୍ରଧାନ ଶିକ୍ଷକ ଗଗନ ବିହାରୀ ସୂତାର, ଶିକ୍ଷକ ନେତା କସ୍ତୁରି ଚରଣ ସ୍ୱାଇଁ, ଶ୍ରୀଧର ରାଉତ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, କାଉନସିଲର ପ୍ରଶାନ୍ତ ବାରିକ, ସୁଧାମୟ ମଲିକ, ମଧୁସ୍ମିତା ମଲିକ, ଶିକ୍ଷାବିତ ସଚିତ୍ର ବେହୁରା, ପ୍ରଫେସର ଅନିରୁଦ୍ଧ ରାଉଳ, ନୃସିଂହ ପ୍ରସାଦ ଚୌଧୁରୀ, ଚତୁର୍ଭୂଜ ରାଉଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କବି ସାହିତ୍ୟିକ ଯୋଗ ଦେଇଥିଲେ।

# ‘ନୌବାଣିଜ୍ୟ ପରମ୍ପରାର ମୂକସାକ୍ଷୀ ରାଜନଗର’

**ରାଜନଗର, ୨୭।୧୧(ସମିସ):** ଅବଲୁପ୍ତ ଐଶ୍ୱର୍ଯ୍ୟର ଅନନ୍ୟ ପରମ୍ପରା ହେଉଛି ଆମ ନୌବାଣିଜ୍ୟ। ନୌବାଣିଜ୍ୟ ପରମ୍ପରାର ପ୍ରମୁଖ ମୂକସାକ୍ଷୀ ହେଉଛି ରାଜନଗର। ବଙ୍ଗୋପସାଗର ତଟବର୍ତ୍ତୀ କିମ୍ବଦନ୍ତୀର ସ୍ୱର୍ଣ୍ଣିମ ସ୍ୱାକ୍ଷର ତଅପୋଇର ବଂଶଧର ସାତଭାୟା। କେଉଁ କାଳରୁ ସାଗର ତଟରୁ ଆମ ସୌଦାଗର ବଙ୍ଗୋପସାଗରରେ ବୋଇତ ନେଇ ଦରିଆପାରି ଦେଶରେ ବଣିଜ କରିବା ପାଇଁ ଯାଇଥା'ନ୍ତି। ତେଣୁ ନୌବାଣିଜ୍ୟ କ୍ଷେତ୍ରରେ ରାଜନଗର ପରମ୍ପରାର ଗୌରବ ବହନ କରିଥାଏ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ



କହିଛନ୍ତି। ମା' ମାଟିଆ ମଙ୍ଗଳାଙ୍କ ପୀଠରେ ମାଟିଆମଙ୍ଗଳା ଯୁବ ପରିଷଦ ପକ୍ଷରୁ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପଣ୍ଡିତ ବରଦାକାନ୍ତ ଜେନାଙ୍କ ସଂଯୋଜନା ଓ ଅପୂର୍ବ ରଞ୍ଜନ ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଚିବ ଦାଶରଥି ଶତପଥୀ, ଇଂରାଜୀ ବିଭାଗର ପୂର୍ବତନ ପ୍ରାଧ୍ୟାପକ ଡଃ. ଯତୀନ୍ଦ୍ର ରାଉତ, କବି ରୁଦ୍ରପ୍ରସନ୍ନ ସାମଲ, ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ସମୀର କୁମାର ମିଶ୍ର, ଅଧ୍ୟାପିକା ଭଗବତୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ ମାନସ କୁମାର ମିଶ୍ର ଧନ୍ୟବାଦଦେଇଥିଲେ। ସେହିପରି ବଗପାଟିଆଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବଂଗୋପସାଗର କୂଳରେ ପୂର୍ବରୁ ସାତଭାୟାବାସୀଙ୍କ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ସେମାନଙ୍କୁ ବଗପାଟିଆରେ ଥଇଥାନ କରାଯିବା ପରେ ପ୍ରଥମଥର ପାଇଁ ଥଇଥାନ ସ୍ଥଳୀରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମା' ପଞ୍ଚୁବରାହୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ମା'ଙ୍କ ମନ୍ଦିର ନିକଟରେ ଥିବା ପୁଷ୍କରିଣୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାଧବପୁଅଙ୍କୁ ପାରମ୍ପାରିକ ରୀତି ଅନୁଯାୟୀ ବନ୍ଦାପନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରସନ୍ନ ପରିଡ଼ା, ସମିତିସଭ୍ୟା କୌସିକ ବେହେରା, ପୂର୍ବତନ ସମିତିସଭ୍ୟ ନିରଞ୍ଜନ ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ସାମଲ, ଜିଆରଏସ ଦୀପ୍ତିମୟୀ ବେହୁରା, ନିଗମାନନ୍ଦ ରାଉତଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଓ ପଞ୍ଚାୟତବାସୀ ସାମିଲ ହୋଇଥିଲେ।

ବୋଇତ ବନ୍ଦାଣ ଉତ୍ସବ

# ‘ଆମ ଇତିହାସକୁ ଆମେ ଭୁଲିଯିବା ଉଚିତ ନୁହେଁ’

**କେନ୍ଦ୍ରାପଡ଼ା, ୨୭।୧୧(ସମିସ)**





**ଡାକ୍ତର ପ୍ରସନ୍ନ କୁମାର ଚୌଧୁରୀ ସମ୍ମାନିତ**

କେନ୍ଦ୍ରାପଡ଼ା ଜିଲ୍ଲା ବୋଇତ ବନ୍ଦାଣ ସମିତି ଆନୁକୂଲ୍ୟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବର ୫୫ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଆଜି ପ୍ରତ୍ୟୁଷରେ ଜଜାଙ୍ଗସ୍ଥ ଆଦର୍ଶ ଜେନା ପୋଖରୀରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ୭ଜଣ ସାଧବ ଓ ୭ଜଣ ସାଧବାଣୀଙ୍କ ବେଶରେ ପିଲାମାନେ ନୌକାବିହାର କରିଥିଲେ। ଏ ଅବସରରେ ହୁଳହୁଳି ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମିତିର ସଭ୍ୟ ରବୀନ୍ଦ୍ରନାଥ ରଥ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ପ୍ରଦୀପ ସେଠୀ, ଗୁଣନିଧି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ସ୍ଥାନୀୟ ପୌରସଂସ୍ଥା ଟାଉନ ହଲ ପରିସରରେ ନୃତ୍ୟ ପ୍ରତିଯୋଗିତା ଓ ମହିଳାଙ୍କ ମଧ୍ୟରେ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏ ଉପଲକ୍ଷେ ସେଠାରେ ସମିତିର ୫୫ତମ ସ୍ୱନକ୍ଷତ୍ର ଦିବସକୁ ଆମେରିକାସ୍ଥ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମ୍‌ରିଟସ ପ୍ରଫେସର ଡଃ. ଦେବେନ୍ଦ୍ର କୁମାର ଦାସ ଉଦଘାଟନ କରି କେନ୍ଦ୍ରାପଡ଼ାର ଐତିହ୍ୟ, ପରମ୍ପରା, ଇତିହାସ ଓ ସଂସ୍କୃତିକୁ ଆଗାମୀ ଭବିଷ୍ୟତଙ୍କ ନିକଟରେ ପହଞ୍ଚାଇବାକୁ ସମିତିର ଏଭଳି ନିରନ୍ତର ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଆମର ଇତିହାସକୁ ଆମେ ଭୁଲିଯିବା ଉଚିତ ନୁହେଁ। କାରଣ ଯିଏ ନିଜର ଇତିହାସକୁ ଭୁଲିଯାଏ, ସିଏ ଆଗକୁ ଆଗେଇ ପାରେନାହିଁ ବୋଲି କହିଥିଲେ।

ସମିତିର ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ ଡଃ. ଅଲେଖ ଚନ୍ଦ୍ର ପଢ଼ିଆରୀ, ଡା. ସୁଧିର କୁମାର ବ୍ରହ୍ମା, ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ା, ଅଧ୍ୟାପକ ଅଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ପ୍ରଶଂସା କରିବା ସହ ଏଭଳି କାର୍ଯ୍ୟ ଜାରି ରଖିବାକୁ ସମିତିର ସଭ୍ୟଙ୍କୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ତଅପୋଇ ଭାବେ ବରିଷ୍ଠ କବୟିତ୍ରୀ ଓ ଅନୁବାଦିକା ନବଜ୍ୟୋତି ରାୟ ଯୋଗଦେଇ ଅତୀତ ନୌବାଣିଜ୍ୟରେ କେନ୍ଦ୍ରାପଡ଼ାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ଚଳିତବର୍ଷ ଡାକ୍ତର ସରୋଜକାନ୍ତ କାନୁନଗୋ ସ୍ମୃତି ସମ୍ମାନରେ ଡାକ୍ତର ପ୍ରସନ୍ନ କୁମାର ଚୌଧୁରୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ଡାକ୍ତର ଦେବସ୍ମିତା ଶର୍ମା, ସାମ୍ବାଦିକ ଭାସ୍କର ରାଉତରାୟ, ସରପଞ୍ଚ ସୁଶ୍ରୀ ଚାମେଲୀ ଓଝା, ଜିଲ୍ଲା ଓକିଲ ସଂଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତି, ଚଳଚ୍ଚିତ୍ର ତାରକା ମୃତ୍ୟୁଞ୍ଜୟ ପଣ୍ଡା, ଆଇନଜୀବୀ ରିତାଞ୍ଜଳି ଦାଶ, ସଙ୍ଗୀତଜ୍ଞ ମୃତ୍ୟୁଞ୍ଜୟ ରାଉତ, ନୃତ୍ୟଶିଳ୍ପୀ ଓ ନୃତ୍ୟ ଶିକ୍ଷକ ସୁଶ୍ରୀ ସ୍ୱର୍ଣ୍ଣମୟୀ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଚଳିତବର୍ଷ ଜିଲ୍ଲାରୁ ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ଗଜେନ୍ଦ୍ର ରାଉତ, ବ୍ରଜେଶ୍ୱର ରାଉତ, ସତ୍ୟସୁନ୍ଦର ରାଉତରାୟ ଓ କିରଣ କୁମାର ସୋରେନଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ମହେଶ କର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏତଦବ୍ୟତୀତ ସମିତି ପକ୍ଷରୁ ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ, ଝୋଟି, ମୁରୁଜ, ମେହେନ୍ଦୀ, ସଙ୍ଗୀତ, ହୁଳହୁଳି, ପିଠା ପ୍ରଭୃତି ପ୍ରତିଯୋଗିତାର ୯୭ଜଣ କୃତି ପ୍ରତିଯୋଗୀଙ୍କୁ ଦିବଙ୍ଗତ ସଭ୍ୟଙ୍କ ନାମରେ ନାମିତ ପୁରସ୍କାର ପ୍ରଦାନ ସହିତ ଗବେଷକ ନିରଞ୍ଜନ ମେକାପଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ସଦସ୍ୟ ନଳିନୀକାନ୍ତ ମହାନ୍ତିଙ୍କ ରଚିତ ପିଲାଙ୍କ ଛବିଳ ରାମାୟଣ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଡା. ବିଶ୍ୱ ପ୍ରକାଶ କାନୁନଗୋ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଚିନ୍ମୟ ବେହୁରା, ଶ୍ରୀନିବାସ ପ୍ରଧାନ, ବୈଷ୍ଣବ ପ୍ରଧାନ, ରବିନାରାୟଣ ମହାନ୍ତି, ମୁକ୍ତାର ଖାଁ, ମହମ୍ମଦ ଆକବର ଅଲ୍ଲୀ, ସଞ୍ଜୟ ରାଉତ, କମଳାକାନ୍ତ ବେହେରା, ଲିପସା ଦାସ, ଜୟଶ୍ରୀ ଦାସ, ଶରତ ଚନ୍ଦ୍ର ଧଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଫୁଲ୍ଲ ଦାସ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଉମାଶଙ୍କର ଜେନା ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ଚିତ୍ତରଞ୍ଜନ ଦାସ, ଗୋଲେଖ ପଢ଼ିଆରୀ, ଲକ୍ଷ୍ମୀକାନ୍ତ ନାୟକ, ଲୋହିତ ମହାନ୍ତି, ସରୋଜକାନ୍ତ ସାହୁ, ରାଜେନ୍ଦ୍ର ମହାପାତ୍ର, ପ୍ରଭାତି ଧଳ, ମିନତୀପ୍ରଭା ସ୍ୱାଇଁ, ଅମ୍ରିନ ସାହାଦତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା କୈବର୍ତ୍ତ ସମାଜ



**ମାର୍ଶାଘାଇ, ୨୭।୧୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା କୈବର୍ତ୍ତ ସମାଜ ପକ୍ଷରୁ ମାର୍ଶାଘାଇ ବ୍ଲକ ଶାସନିପଡ଼ା ଚିତ୍ରୋତ୍ପଳା ନଦୀ ଅବବାହିକାରେ ୧୩ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ, ଯୋଗଣ, ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସୁରେନ୍ଦ ନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ଶ୍ରୀ ନାୟକ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଯେପରି ଜାଭା ସୁମାତ୍ରା, ବାଲିଦ୍ୱୀପକୁ ସାଧବ ପୁଅ ସାତସମୁଦ୍ର ତେରନଦୀ ପାର ହୋଇ ବାଣିଜ୍ୟ କରି ଦେଶ ଓ ଜାତିକୁ ସମୃଦ୍ଧ କରିବାର ଐତିହ୍ୟକୁ ଉଜ୍ଜୀବିତ କରିବାକୁ ଜିଲ୍ଲା କୈବର୍ତ୍ତ ସମାଜର ଉଦ୍ୟମକୁ ପ୍ରଶଂସା କରିବା ସହ ସମୃଦ୍ଧ ଜାତି ଓ ସଂସ୍କୃତି ସମ୍ପର୍କରେ ଯୁବପିଢିକୁ ଜାଗ୍ରତ କରିବ ବୋଲି କହିଥିଲୋ। ମୁଖ୍ୟବକ୍ତା ଏନ୍‌ଆଇସିର ପୂର୍ବତନ ନିର୍ଦ୍ଦେଶକ ଡଃ ରବିନାରାୟଣ ବେହେରା, ସମ୍ମାନିତ ଅତିଥି ରୂପେ ଜିଲ୍ଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ପୁଷ୍କର ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟା ଭାରତୀ ଦଳାଇ, ଦେବେନ୍ଦ୍ର ବେହେରା, କୁଜଙ୍ଗ ମହାବିଦ୍ୟାଳୟ ପ୍ରାଧ୍ୟାପକ ଅଶୋକ କୁମାର ବେହେରା ପ୍ରମୁଖ ଯୋଗଦେଇ ନୌବାଣିଜ୍ୟ ଓ ନୌକା ପ୍ରତିଯୋଗିତା ଆମର ସଂସ୍କୃତି ଓ ପରମ୍ପରା ଗାଥା ବହନ କରୁଥିବା ପ୍ରକାଶ କରିଥିଲେ। ଏ ଅବସରରେ ମନ୍ତ୍ରୀ ଶ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମିତି ସଭ୍ୟ ସଞ୍ଜୟ ପାତ୍ର, ଉପେନ୍ଦ୍ର ବେହେରା, ମନୋରଞ୍ଜନ ବେହେରା, କୁଳମଣି ବେହେରା, ବ୍ରହ୍ମାନନ୍ଦ ବେହେରା ପ୍ରମୁଖ ଯୋଦେଇଥିଲେ।

# ବାଲିଯାତ୍ରା ମହୋତ୍ସବ କମିଟି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

**କେନ୍ଦ୍ରାପଡ଼ା, ୨୭।୧୧(ସମିସ)**

କେନ୍ଦ୍ରାପଡ଼ା ବାଲିଯାତ୍ରା ମହୋତ୍ସବ କମିଟି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଗୁଲନଗର ଓ ସୁଜାନଗର ଗରାପୁରଠାରେ ଥିବା ବାଲିଯାତ୍ରା ପଡ଼ିଆ ଗୋବରୀ ନଦୀପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ଯୋଗଦାନ କରି ରୀତିନୀତି ଅନୁସାରେ ବୋଇତ ବନ୍ଦାଣ କରିଥିଲେ। ପୂର୍ବକାଳର ପରମ୍ପରା ଅନୁସାରେ ନୌବାଣିଜ୍ୟ ହେଉଛି ଓଡ଼ିଆ ଜାତିର ଗାଥା। ଏହା ଓଡ଼ିଆ ପୁଅକୁ ସାରା ବିଶ୍ୱରେ ପରିଚିତ କରାଇଥିଲା। ବାଲିଯାତ୍ରା ପାଇଁ ଆଜି ଓଡ଼ିଆ ସଂସ୍କୃତି ବଞ୍ଚିରହିଛି ଓ ଏହା ସମ୍ପୂର୍ଣ୍ଣ ଓଡ଼ିଆ ଜାତିର ଏକ ପରିଚୟ। ଏହି ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ବୋଇତରେ ସାତ ସାଧବ ପୁଅ ଓ ସାଧବ ବୋହୂ ଉପସ୍ଥିତ ହୋଇ ବୋଇତ ବନ୍ଦାଣ କରି ନଦୀରେ ବୋଇତ ଭସାଇଥିଲେ। ସାଧବମାନେ ଦେଶ ବିଦେଶରେ ବାଣିଜ୍ୟ ବେପାର କରି ମାଲିକାନା ଜାହିର କରି ନିଜେ ସମୃଦ୍ଧ ହେବା ସହିତ ଅଞ୍ଚଳକୁ ସମୃଦ୍ଧ କରିଥିଲେ। ଉତ୍ସବରେ ବାଲିଯାତ୍ରା ମହୋତ୍ସବ କମିଟି ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶ, ସମ୍ପାଦକ ତଥା ସରକାରୀ ଓକିଲ ସଞ୍ଜୟ କୁମାର ଜେନା, ରମଣୀ ରଞ୍ଜନ ରାଉତରାୟ, ଉପସଭାପତି ଧିରେନ୍ଦ୍ର କୁମାର ଦାସ, ସହସମ୍ପାଦକ କିଶୋର ଚନ୍ଦ୍ର ପ୍ରଧାନ, କବି କରୁଣାକର ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜୁ କୁବେର ଅଭ୍ୟର୍ଥନା କମିଟିର ମୁଖ୍ୟ ପରିଚାଳକ ଭାବେ ପରିଚାଳନା କରିଥିଲେ। ମୃତ୍ୟୁଞ୍ଜୟ ସାହୁ ବୋଇତ ବନ୍ଦାଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଟୁଟୁ ଗେରୁ ତାଙ୍କୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଧର ମହାନ୍ତି, ନିରଞ୍ଜନ ମେକାପ, ଅକ୍ଷୟପ୍ରିୟ ଦାସ, ପଞ୍ଚାନନ ଗେରୁ, ତ୍ରିଲୋଚନ ଦାସ, ସତ୍ୟବ୍ରତ ସିଂ, ଦେବେନ୍ଦ୍ର ନାୟକ, ପୀତବାସ ଦାସ, ପୂର୍ବତନ ସରପଞ୍ଚ ପୀତବାସ ବେହେରା, ଅଭିମନ୍ୟୁ ଗୋଚ୍ଛାୟତ, ଆଇନଜୀବୀ ବ୍ରଜସୁନ୍ଦର ରାଉତ ଓ ବହୁ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମସ୍ତଙ୍କୁ ପୂର୍ବତନ ସରପଞ୍ଚ ଗାୟତ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




# ନଦୀ ସୁରକ୍ଷା ସହ ନୌବାଣିଜ୍ୟ ପରମ୍ପରା ବଜାୟ ରଖିବାକୁ ଆହ୍ୱାନ



**ରାଜକନିକା, ୨୭।୧୧(ସମିସ):** ଖରସ୍ରୋତା ନଦୀର ଭାରିଗଦା ଘାଟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବେ ଓଡ଼ିଶାର ସାଧବ ପୁଅ ବିଦେଶକୁ ପୋତରେ ଯାଇ ବ୍ୟବସାୟ କରିବା ଆମ ଚଳଣି ଥିଲା। ପ୍ରାୟ ୧୮୦୩ ବେଳକୁ ନଦୀନାଳ ଘେରା ଆଳି କନିକା ଓ କୁଜଙ୍ଗ ଇଷ୍ଟେଟ୍‌ର ସାଧବମାନେ ସାତଦରିଆ ପାର ହୋଇ ସୁଦୂର ଜାଭା, ସୁମାତ୍ରା, ବର୍ଣ୍ଣିଓ ଓ ବାଲିଦ୍ୱୀପକୁ ପୋତ ସାହାଯ୍ୟରେ ବେପାର ବଣିଜ କରିବାକୁ ଯାଇ ବ୍ୟବସାୟିକ କାରବାରରେ ଏହି ଅଞ୍ଚଳକୁ ସମୃଦ୍ଧ କରିଥଲେ। ପରବର୍ତ୍ତୀ ଅବସ୍ଥାରେ ସ୍ଥଳପଥର ବିକାଶ ପରେ ନଦୀ ଶୁଖିଯିବାରୁ ଏହି ସାଧନ ଗୁରୁତ୍ୱ ହରାଇଲା। କିନ୍ତୁ ଆମ ଅଞ୍ଚଳର ଉତ୍କର୍ଷ ନୌବାଣିଜ୍ୟରୁ ତଅପୋଇ ଓ ସାଧବ ପୁଅ କାହାଣୀ ସୃଷ୍ଟି ହୋଇଥିବା ଆଳି ରାଜା ବ୍ରଜକେଶରୀ ଦେବ ପ୍ରାମାଣିକ ଯୁକ୍ତି ଦେଇ ପ୍ରକାଶ କରିଥିଲେ। ଏଥିସହ ଏହି ପରମ୍ପରାକୁ ଏବେ ନଦୀପଥର ବିକାଶ କରାଇ ଅଧିକ ସମୃଦ୍ଧ କରାଯିବା ଦରକାର ବୋଲି ମତ ଦେଇଥିଲେ। ଏହି ପରମ୍ପରାକୁ ଅଧିକ ସକ୍ରିୟ ଭାବେ ପାଳନ କରି ଆମର ସମ୍ଭ୍ରାନ୍ତ ଅତୀତର ଗୌରବକୁ ଫେରାଇ ଆଣିବାର ଦିନ ଆରମ୍ଭ ହୋଇଛି। ଭାରିଗଦା ଗ୍ରାମବାସୀ ଓ ନବଜ୍ୟୋତି କ୍ଲବ୍‌ର ମିଳିତ ପ୍ରୟାସରେ ଆରମ୍ଭ ହୋଇଥିବା ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା ପ୍ରକାଶ କରିଛନ୍ତି। ଗଡ଼ଗଡ଼ି ନଦୀ ଦିନକୁ ଦିନ ପୋତି ହେଉଥିବାବେଳେ କେନ୍ଦ୍ର ସରକାରଙ୍କ ସାଗରମାଳା ଯୋଜନାରେ ନଦୀକୁ ଖନନ କରି ଆମ ଐତିହ୍ୟ ବଜାୟ ରଖିବାକୁ ଆଜିର ଉତ୍ସବରେ ଦାବି କରାଯାଇଥିଲା। ତେବେ ଏହି ନଦୀ ପଠାରେ ଆସନ୍ତା ବର୍ଷଠାରୁ ଏଭଳି ଗୌରବମୟ ବାଲିଯାତ୍ରା ଅୟମାରମ୍ଭ ହେଉ ଓ ଏହି ପରମ୍ପରାକୁ ଅଧିକ ସମୃଦ୍ଧ କରିବାକୁ ଆଳି, କନିକା, ରାଜନଗର, ମହାକାଳପଡ଼ା, ଜମ୍ବୁ ଓ କୁଜଙ୍ଗ ଆଦି ସ୍ଥାନରେ ବୋଇତ ବନ୍ଦାଣ କରି ଆମ ପୂର୍ବ ଗରିମା ଅକ୍ଷୁର୍ଣ୍ଣ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି। ଖରସ୍ରୋତା ନଦୀର ଭାରିଗଦା ଘାଟରେ ସାତ ସାଧବ, ସାଧବାଣୀ ଓ ତଅପୋଇ ଆଦି ଚରିତ୍ରରେ ସଜ୍ଜିତ ହୋଇଥିବା ସାଧବମାନଙ୍କୁ ବନ୍ଦାପନା କରାଯାଇଥିଲା। ପରେ ସାଧବମାନେ ସମୁଦ୍ର ଆଡ଼କୁ ବ୍ୟବସାୟ କରିବାକୁ ଆଗେଇ ଯାଇଛନ୍ତି। ଅତିଥି ଭାବେ ସାମିଲ ହୋଇ ବ୍ଲକ ଅଧ୍ୟକ୍ଷା ମିନତୀ ରାଉତ, ବରୁଣାଡ଼ିହା ସରପଞ୍ଚ ଦୁର୍ଯୋଧନ ମହାନ୍ତି, ଭାରିଗଦା ସମିତି ସଭ୍ୟ ଶରତ ରାଉତ, ପୂର୍ବତନ ସରପଞ୍ଚ ପ୍ରଦୀପ ମଳିକ ପ୍ରମୁଖ ଉତ୍ସାହର ସହ ଯୋଗଦେଇ ଏହି ନୌବାଣିଜ୍ୟ ପରମ୍ପରାକୁ ଆହୁରି ସୁଦୃଢ କରି ହଜିଯାଇଥିବା ଆମର ହକ୍ ଫେରାଇ ଆଣିବାକୁ ଘୋଷଣା କରିଥିଲେ। ପଞ୍ଚାୟତ ସମିତି ପକ୍ଷରୁ ଗଡ଼ଗଡ଼ି ନଦୀପଠାରେ ଏକ ସ୍ଥାନ ନିରୂପଣ କରି ଆସନ୍ତା ବର୍ଷରୁ ଏହି କାର୍ଯ୍ୟକ୍ରମକୁ ଅଧିକ ଜୋରଦାର ପ୍ରୟାସ ରଖିବାକୁ ମତ ଦେଇଥିଲେ। ବରିଷ୍ଠ ନାଗରିକ ଉପଦେଷ୍ଟା ହଳଧର ମଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରତାପ ଧଳ ସଂଯୋଜନା କରିଥିଲେ।

# ବିଦ୍ୟୁତ୍ ଆଘାତରେ ବୃଦ୍ଧଙ୍କ ମୃତ୍ୟୁ

**ରାଜକନିକା, ୨୭।୧୧(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ଜାଗୁଲାଇପଡ଼ା ଗାଁର ନିରଞ୍ଜନ ଦାଶ (୬୫)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଶୌଚ ହେବାକୁ ଯାଇ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଆର୍ଥ ସଂସ୍ପର୍ଶରେ ଆସିବାରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ଜାଗୁଲାଇପଡ଼ା, ମାଟିଆ, ଲଙ୍ଗଳଭଞ୍ଜା, ଏକତଲା ଗାଁର ଶହ ଶହ ଲୋକେ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରି ରାଜକନିକା ବିଦ୍ୟୁତ୍ ଅଫିସ ଘେରଉ କରିଥିଲେ। ତାଙ୍କର ଆକସ୍ମିକ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ୫ ହଜାର ଟଙ୍କା ସତ୍କାର ପାଇଁ ଦେବା ସହ ମୃତ୍ୟୁର ପ୍ରକୃତ କାରଣ ଖୋଜି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଜେଇ ସୌମ୍ୟରଞ୍ଜନ କହିଛନ୍ତି।

କ୍ଷମତା ଦୁଇପ୍ରକାରରେ ହାସଲ କରାଯାଇପାରେ; ଦଣ୍ଡ ଭୟ ଜରିଆରେ କିମ୍ବା ଶ୍ରଦ୍ଧାରେ। ଦ୍ୱିତୀୟଟି ପ୍ରଥମ ଅପେକ୍ଷା ହଜାରେ ଗୁଣ ଶ୍ରେୟସ୍କର।
-ମହାତ୍ମା ଗାନ୍ଧୀ



ସକାଳ
THE SAKALA

# ଭାରତରେ ସର୍ବୋଚ୍ଚ ଦଣ୍ଡବିଧାନ ବିତର୍କ

ସମଗ୍ର ବିଶ୍ୱରେ ଅପରାଧୀଙ୍କ ପାଇଁ ମୃତ୍ୟୁଦଣ୍ଡ ବ୍ୟବସ୍ଥା ବିରୋଧରେ ସ୍ୱର କ୍ରମଶଃ ବଳବତ୍ତର ହେଉଛି। ଅନେକ ପଶ୍ଚାତ୍ୟ ଗଣତନ୍ତ୍ରରେ ସମ୍ପ୍ରତି ମୃତ୍ୟୁଦଣ୍ଡକୁ ନିଷିଦ୍ଧ ମଧ୍ୟ କରାଯାଇ ସାରିଛି। ଭାରତରେ ମୃତ୍ୟୁଦଣ୍ଡକୁ ନିଷିଦ୍ଧ କରିବାକୁ ବିଭିନ୍ନ ସଂଗଠନ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଅନେକ ଦିନରୁ ଦାବି କରିଆସୁଛନ୍ତି। ମିଳିତ ଜାତିସଂଘ ମଧ୍ୟ ଏହାକୁ ନିଷେଧ କରିବାକୁ ସ୍ୱର ଉତ୍ତୋଳନ କରୁଛି। ଏବେ ଭାରତରେ ଏହି ପ୍ରସଙ୍ଗଟି ପୁଣିଥରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। କିଛିଦିନ ତଳେ ସୁପ୍ରିମକୋର୍ଟର ଅଧିକାଂଶ ଓକିଲ ମୃତ୍ୟୁଦଣ୍ଡ ଧାରା ଉଚ୍ଛେଦ କରିବାକୁ ଦାବି କରିଥିଲେ। ଏହା ବିଶ୍ୱର ମୃତ୍ୟୁଦଣ୍ଡ ବିରୋଧୀ ସ୍ୱରକୁ କେବଳ ସମର୍ଥନ ଜଣାଉନାହିଁ, ବରଂ ଭାରତରେ ଏହାର ଅବସାନ ପାଇଁ ଦେଶର ଶୀର୍ଷ ଅଦାଲତରେ ଆଇନଜୀବୀମାନଙ୍କର ଏହା ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏବେ ପ୍ରଶ୍ନ ଉଠୁଛି ଯେ ବିଶ୍ୱର ତିନି-ଚତୁର୍ଥାଂଶ ରାଷ୍ଟ୍ର ମୃତ୍ୟୁଦଣ୍ଡକୁ ନିଷିଦ୍ଧ କରିଥିବାବେଳେ ମାନବାଧିକାର ଓ ମାନବୀୟ ମୂଲ୍ୟବୋଧର ପ୍ରମୁଖ ପ୍ରବକ୍ତା ଭାରତ କାହିଁକି ଏହି ଚରମ ଦଣ୍ଡ ବ୍ୟବସ୍ଥାକୁ ଏ ଯାଏ ଜାବୁଡ଼ି ଧରିଛି?

ଅପରାଧ ସହିତ ଦଣ୍ଡବିଧାନ ସଂପୃକ୍ତ। ଜଘନ୍ୟ ଓ ଅତି ବିରଳ ଅପରାଧ ଘଟଣାରେ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ଆବଶ୍ୟକ ବୋଲି ଏବେବି ଅନେକେ ଯୁକ୍ତି କରନ୍ତି। ସେମାନଙ୍କ ତର୍କ ହେଲା ଦଣ୍ଡ ବିଧାନ ଉଦାହରଣୀୟ ଓ ଅତି କଠୋର ନ'ହେଲେ ମଣିଷର ଆଇନ ପ୍ରତି ସମ୍ମାନ ରହିବ ନାହିଁ। ଭାରତରେ ବୋଧହୁଏ ସେହି ନ୍ୟାୟରେ ମୃତ୍ୟୁଦଣ୍ଡକୁ ଏ ଯାଏଁ ନିଷିଦ୍ଧ କରାଯାଇନାହିଁ। ଆମ ନ୍ୟାୟ ବିଚାର ବ୍ୟବସ୍ଥାରେ ଏହା ଏବେ ମଧ୍ୟ ପ୍ରଚଳିତ। ବିରଳରୁ ବିରଳତର ତଥା ଅତି ଜଘନ୍ୟ ଅପରାଧରେ ଦୋଷୀ ସାବ୍ୟସ୍ତ ଅପରାଧୀଙ୍କୁ କେବଳ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଉଛି। ତେବେ ଆମ ବ୍ୟବସ୍ଥାରେ ମୃତ୍ୟୁଦଣ୍ଡର ହାର ଅପେକ୍ଷାକୃତ ବହୁତ କମ୍। ତଥାପି ବିଶ୍ୱର ସଭ୍ୟ ସମାଜ ଆଖିରେ ଭାରତ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ ରାଷ୍ଟ୍ର ଭାବେ ପରିଗଣିତ ହେଉଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସମଗ୍ର ବିଶ୍ୱରୁ ମୃତ୍ୟୁଦଣ୍ଡକୁ ଉଠାଇ ଦେବା ପାଇଁ ମିଳିତ ଜାତିସଂଘ ଯେଉଁ ଚିଠା ପ୍ରସ୍ତାବ ଚୂଡ଼ାନ୍ତ କରିଥିଲା, ଭାରତ ତା' ବିରୋଧରେ ଭୋଟ୍ ଦେଇ ଅନେକ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଦ୍ୱାରା ସମାଲୋଚିତ ହୋଇଥିଲା। ଏହାସତ୍ତ୍ୱେ ନିକଟରେ ଯେଉଁ ପ୍ରସ୍ତାବିତ ଭାରତୀୟ ନ୍ୟାୟ ସଂହିତା ବିଲ୍ ୨୦୨୩ ଚୂଡ଼ାନ୍ତ ହୋଇଛି, ସେଥିରେ ବ୍ରିଟିଶ ଶାସନକାଳର ଫୌଜଦାରୀ ଦଣ୍ଡବିଧି ଆଇନ (ଆଇପିସି)କୁ ବଦଳାଇବାର ପରିକଳ୍ପନା ରହିଛି। ଆଇନ ଯୁଗ ଉପଯୋଗୀ ଓ ଦେଶ ଉପଯୋଗୀ ହେବା ଉଚିତ। ସେ ଦୃଷ୍ଟିରୁ ୨୫୦ ବର୍ଷର ପୁରୁଣା ବିଦେଶୀ ଶାସନ କାଳର ଫୌଜଦାରୀ ଆଇନର ପରିବର୍ତ୍ତନ ଲୋଡ଼ା। ତେବେ ଏହି ବିଲ୍‌ରେ ମୃତ୍ୟୁଦଣ୍ଡ କୋହଳ କରିବାର କୌଣସି ପ୍ରସ୍ତାବ ନାହିଁ; ବରଂ ବ୍ରିଟିଶ ଶାସନ କାଳରେ ପ୍ରଣୀତ ଆଇନରେ ୧୧ଟି ଅପରାଧରେ ମୃତ୍ୟୁଦଣ୍ଡ ବ୍ୟବସ୍ଥା ଥିବାବେଳେ ପ୍ରସ୍ତାବିତ ନୂତନ ଭାରତୀୟ ନ୍ୟାୟ ସଂହିତା ବିଲ୍‌ରେ ଏହି ଅପରାଧ ସଂଖ୍ୟାକୁ ୧୫କୁ ବୃଦ୍ଧି କରାଯାଇଛି। ଏବେ ଭାରତରେ (୨୦୨୨ ଶେଷ ସୁଦ୍ଧା) ମୃତ୍ୟୁଦଣ୍ଡ ପାଇ ଫାଶୀ ଅପେକ୍ଷାରେ ଥିବା ଅପରାଧୀଙ୍କ ସଂଖ୍ୟା ୫୩୯। ୨୦୧୬ ପରଠାରୁ ଏହା ସର୍ବାଧିକ। ୨୦୨୩ର ତଥ୍ୟ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।

ଜାତୀୟ ଆଇନ ଆୟୋଗ (ନ୍ୟାସନାଲ ଲ' କମିଶନ)ଙ୍କ ୨୬୨ତମ ରିପୋର୍ଟରେ କେବଳ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଅପରାଧୀଙ୍କୁ ଛାଡ଼ି ଅନ୍ୟ ଅପରାଧରେ ମୃତ୍ୟୁଦଣ୍ଡକୁ ନିଷିଦ୍ଧ କରିବାକୁ ସୁପାରିଶ କରାଯାଇଛି। ସୁପ୍ରିମକୋର୍ଟ ମଧ୍ୟ ବାରମ୍ବାର କହୁଛନ୍ତି ଯେ ତଳ ଅଦାଲତ ଓ ହାଇକୋର୍ଟ ସବୁ କାହାକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ସମୟରେ ତଥ୍ୟ ପ୍ରମାଣ ଏବଂ ପାରିପାର୍ଶ୍ୱିକ ସ୍ଥିତିକୁ ଭଲ ଭାବେ ବିଚାରକୁ ନେବା ଉଚିତ। ବୋଧହୁଏ ଅନେକ ସମୟରେ ଅଭିଯୁକ୍ତ ନିଜକୁ ବଞ୍ଚାଇବାକୁ ଯଥେଷ୍ଟ ଆଇନଗତ ସୁଯୋଗ ପାଉନାହିଁ। ତେବେ ସେ ଯା'ହେଉ ଭାରତରେ ଲୌକିକ ସ୍ତରରେ ଜଣେ ଜଘନ୍ୟ ଅପରାଧରେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ଫାଶୀଖୁଣ୍ଟରେ ଝୁଲାଇବାକୁ ଜନମତ ପ୍ରକାଶ ପାଏ। କିନ୍ତୁ ଆଇନ କାନୁନ୍‌ରେ ତାହା ସହଜ ହୁଏ ନାହିଁ। ତଥ୍ୟ ପ୍ରମାଣ ଭିତ୍ତିରେ ଦୋଷ ନିର୍ଣ୍ଣୟ କରାଯାଇ ଦୋଷୀ ପ୍ରତି ଦଣ୍ଡ ବିଧାନ ହୁଏ। ଭାରତରେ ଯେଉଁ ଫାଶୀଦଣ୍ଡ ବ୍ୟବସ୍ଥା ଅଛି, ତାହା କେବଳ ଅତି ବିରଳ ଅପରାଧରେ ଦୋଷୀକୁ ମୃତ୍ୟୁଦଣ୍ଡ ଦେବାକୁ ଉଦ୍ଦିଷ୍ଟ। ହେଲେ ଏହି ଅତି ବିରଳ ବା 'ରେୟାରେଷ୍ଟ ଅଫ୍ ଦି ରେୟାର' ଅପରାଧର ସଂଜ୍ଞା କ'ଣ ତାହା ଆଇନତଃ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଧାରିତ ହୋଇନାହିଁ। ସଂପୃକ୍ତ ବିଚାରପତିଙ୍କ ବିବେଚନା ଓ ବିଚାରରେ ଏହା ବିରଳତମ ବୋଲି ବିବେଚିତ ହୁଏ।

ମୃତ୍ୟୁଦଣ୍ଡ ସହିତ ମଣିଷର ବଞ୍ଚିବାର ଅଧିକାର ସଂପୃକ୍ତ। ଭାରତର ବିଡ଼ମ୍ବନା ହେଉଛି ଅନେକ ଘଟଣାରେ ଏହି ବିରଳତମ ଅପରାଧ ଘଟଣାରେ ବଞ୍ଚିତ ଓ ଉପେକ୍ଷିତ ବର୍ଗର ଲୋକେ ଅଧିକ ଦୋଷୀ ସାବ୍ୟସ୍ତ ହୋଇ ମୃତ୍ୟୁଦଣ୍ଡାଦେଶ ପାଉଛନ୍ତି। ସେମାନଙ୍କୁ ଆଇନଗତ ସହାୟତା ପ୍ରଦାନ ଏବଂ ନିଜ ସପକ୍ଷରେ ଯୁକ୍ତି ଉପସ୍ଥାପନ ପାଇଁ ବୋଧହୁଏ ଆମର ବ୍ୟୟବହୁଳ ତଥା ପ୍ରଚଳିତ ବିଚାର ବ୍ୟବସ୍ଥା ଯଥେଷ୍ଟ ସୁଯୋଗ ଦେଉନାହିଁ। ଆମ ଦେଶରୁ ମୃତ୍ୟୁଦଣ୍ଡ ସଂପୂର୍ଣ୍ଣ ଉଠିବା ଉଚିତ କି ନୁହେଁ, ଏହା ଏକ ବିତର୍କିତ ପ୍ରସଙ୍ଗ। ଯଦି ରହିବ, ତା'ହେଲେ ଏହା କେଉଁ କେଉଁ ଅପରାଧରେ ରହିବା ଉଚିତ ଏବଂ ସେ ଅପରାଧର 'ବିରଳତମତା'ର ସଂଜ୍ଞା ମଧ୍ୟ ନିର୍ଦ୍ଧାରିତ ହେବା ଦରକାର। ଗୋଟିଏ ସରଳ ପ୍ରଶ୍ନ ଏହି ପ୍ରସଙ୍ଗରେ ମନକୁ ଆସିବା ସ୍ୱାଭାବିକ ଯେ ମୃତ୍ୟୁଦଣ୍ଡ ବ୍ୟବସ୍ଥା ଫଳରେ ସେଭଳି ଅପରାଧର ନିରାକରଣ ସମ୍ଭବ ହେଉଛି କି? ଆହୁରି ମଧ୍ୟ ଏହି ଅପରାଧରେ ଯେଉଁମାନେ ଦୋଷୀ ସାବ୍ୟସ୍ତ ହେଉଛନ୍ତି ସେମାନଙ୍କ ପକ୍ଷ ରଖିବାକୁ ଉପଯୁକ୍ତ ଓ ଯଥେଷ୍ଟ ଆଇନଗତ ବ୍ୟବସ୍ଥା ରହିଛି ତ? କାରଣ ନିର୍ଦ୍ଧନ ଓ ବଞ୍ଚିତବର୍ଗର ଲୋକେ ଅନେକ ସମୟରେ ଆଇନର ପଶାପାଲି, ମିଛ ତଥ୍ୟ ପ୍ରମାଣ ଓ ଚକ୍ରାନ୍ତରେ ଅଧିକ ଶିକାର ହୋଇଥା'ନ୍ତି। ଆମ ବ୍ୟବସ୍ଥା ସୁତରାଂ ମୃତ୍ୟୁଦଣ୍ଡ ବ୍ୟବସ୍ଥାରେ ଅଧିକ ସଂବେଦନଶୀଳ ଓ ବିଚାରବନ୍ତ ହେବା ଆବଶ୍ୟକ।

# 'ଡିପ୍‌ଫେକ୍'ରୁ ବିପତ୍ତି



ଡକ୍ଟର ପ୍ରଦୀପ ମହାପାତ୍ର
ବ୍ରହ୍ମପୁର, ମୋ: ୯୪୩୭୦୯୬୯୪୪

'ଡିପ୍‌ଫେକ୍' କହିଲେ ବୈଷୟିକ କୌଶଳ ମାଧ୍ୟମରେ କୌଣସି ଭିଡିଓର ମୌଳିକ ଦୃଶ୍ୟ ଓ ଶ୍ରାବ୍ୟ (ଭିଡିଓ ଓ ଅଡିଓ) ବିଷୟ(କଣ୍ଟେଣ୍ଟ) ପରିବର୍ତ୍ତନ କରି ନକଲ ପ୍ରସ୍ତୁତିକୁ ବୁଝାଯାଏ। 'ଫେକ ନିଉଜ'କୁ 'ଅସତ୍ୟ ସମ୍ବାଦ' କୁହାଗଲେ 'ଡିପ୍‌ଫେକ୍'କୁ 'ଅସତ୍ୟ ଦୃଶ୍ୟ' ଭାବରେ ନାମିତ କରାଯାଇପାରେ। 'ଡିପ୍‌ଫେକ୍' ଭିଡିଓ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍‌ସର ଜଟିଳ ସୂତ୍ରାବଳୀ ଆଧାରିତ। ଏଭଳି ସଫ୍ଟୱେର ସହଜରେ ଓ ମାଗଣାରେ ଡେସ୍କଟପ ଓ ସ୍ମାର୍ଟଫୋନ ଆପ ଆକାରରେ ଜାନୁୟାରୀ ୨୦୧୮ରୁ ସର୍ବସାଧାରଣରେ ଉପଲବ୍ଧ। ନଭେମ୍ବର ୨୦୨୨ରେ ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଲୋକାର୍ପଣ ଏହି ଦିଗରେ ପ୍ରଶସ୍ତ କ୍ଷେତ୍ର ସୃଷ୍ଟି କଲା। ଫଳରେ ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩ ଶେଷ ସୁଦ୍ଧା ବିଶ୍ୱବ୍ୟାପୀ 'ଡିପ୍‌ଫେକ୍' ଭିଡିଓ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଲା।

ଫଟୋଗ୍ରାଫି ଓ ସିନେମା କଳାକୌଶଳ ଉଦ୍ଭାବନ ପରେ ପରେ ଅସଲି ଚିତ୍ରରେ ନକଲି ଖଞ୍ଜିବା ଆରମ୍ଭ ହୋଇଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର ପରିବେଶରେ ଡିଜିଟାଲ ଭିଡିଓ ପ୍ରଚଳନ ପରେ ଏହି କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ଘଟିଥିଲା। ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି ଉପଯୋଗରେ ଏବଂ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ବୈଷୟିକ କୌଶଳ ସହଜରେ ଉପଲବ୍ଧ ହେବା ପରେ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକରେ ଅବସ୍ଥାପିତ ଗବେଷକମାନେ ଏଥିରେ ସାମିଲ୍ ହୋଇଥିଲେ। ସୋସିଆଲ ମିଡିଆ 'ରେଡିଟ'ରେ ୨୦୧୭ରେ 'ଡିପ୍‌ଫେକ୍' ନାମକ ଏକ ଶୃଙ୍ଖଳ ସୃଷ୍ଟି କରାଯାଇଥିଲା। ଏହି ଅନଲାଇନ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ଗବେଷକମାନେ ମଞ୍ଚରେ ନିଜେ ପ୍ରସ୍ତୁତ କରିଥିବା 'ଡିପ୍‌ଫେକ୍' ଭିଡିଓ ଚିତ୍ରଗୁଡ଼ିକ ପ୍ରଦର୍ଶନ କରୁଥିଲେ। ତେବେ ଏହା ଅଧ୍ୟୟନକେନ୍ଦ୍ରିକ ଥିବା ହେତୁ ଅନ୍ୟମାନଙ୍କ ନଜରକୁ ଆସୁନଥିଲା କିମ୍ବା ଉପାଦାନ ସମ୍ପର୍କରେ ପ୍ରଶ୍ନ ଉଠୁନଥିଲା।

ପ୍ରାଥମିକ ସ୍ତରରେ ମୁଖ୍ୟତଃ 'ଡିପ୍‌ଫେକ୍' ଭିଡିଓଗୁଡ଼ିକରେ ଅନଲାଇନରେ ଉପଲବ୍ଧ ଅର୍ଦ୍ଧନଗ୍ନ ବା ନଗ୍ନ ଶରୀରରେ ଖ୍ୟାତନାମା ଚଳଚ୍ଚିତ୍ର ଅଭିନେତ୍ରୀ ଓ ଅଭିନେତାଙ୍କ ମୁଖମଣ୍ଡଳର ଚିତ୍ର ଯୋଡ଼ାଯାଉଥିଲା। ଦ୍ୱିତୀୟସ୍ତରରେ ଭିଡିଓରେ କଥାବାର୍ତ୍ତା ପରିବର୍ତ୍ତନ କରିବା ବା କଣ୍ଠସ୍ୱର ପରିବର୍ତ୍ତନ କରିବାର ସାମର୍ଥ୍ୟ ହାସଲ ହେଲା। ଫଳରେ ଅସଲି ଭିଡିଓକୁ ନକଲିରେ ପରିବର୍ତ୍ତିତ କରି ଦର୍ଶକଙ୍କ ପାଇଁ ଉଭୟ ଦୃଶ୍ୟ ଓ ଶ୍ରାବ୍ୟ ପ୍ରମାଣରେ ସତ୍ୟ ପ୍ରତୀୟମାନ ହେଲା। ତେବେ ତୃତୀୟସ୍ତରରେ ଏହି ବୈଷୟିକ କୌଶଳ ଉପଯୋଗରେ ଅପରାଧିକ କାର୍ଯ୍ୟକଳାପ ଆରମ୍ଭ ହୋଇଗଲା। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚିତ୍ର ନକଲ କରି ଯୌନାଚାର ଦୃଶ୍ୟ, ପ୍ରତିହିଂସା ଉଦ୍ଦେଶ୍ୟରେ ଅପରକୁ ନିନ୍ଦିତ କରିବା ଲାଗି ପ୍ରଚେଷ୍ଟା, ଅସତ୍ୟ, ଗୁଜବ ଓ ଅତିରଞ୍ଜିତ ସମ୍ବାଦ ପ୍ରସାର, ଅପବାଦ ଓ ଅର୍ଥନୈତିକ ଅପରାଧ ଲାଗି 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହେଲା। ଚତୁର୍ଥସ୍ତରରେ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ 'ଡିପ୍‌ଫେକ୍' ଭିଡିଓ ଉପଯୋଗ ରାଜନୀତିକସ୍ତରରେ ଚିନ୍ତାର କାରଣ ପାଲଟିଛି।

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନ ୨୦୨୦ରେ 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହୋଇଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରିଟେନ, ଆର୍ଜେଣ୍ଟିନା, ସ୍ଲୋଭକିଆ, ଦକ୍ଷିଣ କୋରିଆ ଆଦି ରାଷ୍ଟ୍ରରେ ଅନୁଷ୍ଠିତ ନିର୍ବାଚନରେ 'ଡିପ୍‌ଫେକ୍'ର ପ୍ରାଦୁର୍ଭାବ ଅନୁଭୂତ ହୋଇଥିଲା। ଭାରତରେ ୨୦୨୩ରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଅମିତାଭ ବଚ୍ଚନ 'କୌନ ବନେଗା କରୋଡ଼ପତି' ମଞ୍ଚରୁ ବିଜେପି ମୁଖ୍ୟମନ୍ତ୍ରୀଙ୍କୁ ମିଛୁଆ ଅଭିହିତ କରି କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ସପକ୍ଷରେ ମନ୍ତବ୍ୟ ରଖିଥିବା 'ଡିପ୍‌ଫେକ୍' ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ବିଜେପି ପକ୍ଷରୁ ନିର୍ବାଚନ କମିଶନ ଓ ପୁଲିସ ନିକଟରେ ଏଥିନେଇ ଅଭିଯୋଗ ଦାୟର ହୋଇଥିଲା। ସେହି ସମୟରେ ବଲିଉଡ୍ ଚଳଚ୍ଚିତ୍ର ଅଭିନେତ୍ରୀ ରଶ୍ମିକା ମନ୍ଦାନା, କ୍ୟାଟ୍ରିନା କୈଫ ଓ କାଜଲଙ୍କୁ ନେଇ ପ୍ରସ୍ତୁତ ନଗ୍ନ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବା ପରେ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହେଲା।



ବିଶେଷଜ୍ଞମାନେ ଭାରତରେ 'ଡିପ୍‌ଫେକ୍' ଭିଡିଓ ପ୍ରଚଳନ ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ସତର୍କ କରାଇଦେଇଛନ୍ତି। ଏଥିନେଇ ପ୍ରଦ୍ୟୋଗ ମନ୍ତ୍ରଣାଳୟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦବେଗ ପ୍ରକାଶ କରିଛନ୍ତି। ଦେଶରେ ୨୦୨୩ ଓ ୨୦୨୪ରେ ସାଧାରଣ ନିର୍ବାଚନ ସଙ୍ଗେ ବହୁ ରାଜ୍ୟରେ ବିଧାନସଭା ନିର୍ବାଚନ ପଞ୍ଜିକା ଥିବା ହେତୁ ରାଜନୀତିକସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଛି। 'ଡିପ୍‌ଫେକ୍' କବଳରେ ଭାରତୀୟ ନିର୍ବାଚନ ସମ୍ପର୍କରେ ବିଚାରବିମର୍ଶ କଲାବେଳେ କେତେକ ଦିଗ ଗୁରୁତ୍ୱ ବହନ କରିଥାଏ।

ପ୍ରଥମତଃ, ଭାରତରେ ଇଣ୍ଟରନେଟ ବ୍ୟବହାର କରୁଥିବା ଜନସଂଖ୍ୟା ମାର୍ଚ୍ଚ ୨୦୨୩ ସୁଦ୍ଧା ୮୫ କୋଟିରେ ପହଞ୍ଚିଥିବା ସରକାରୀ ହିସାବରୁ ଜଣାଯାଏ। ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକ ଅନଲାଇନରେ ସମ୍ବାଦ ଆହରଣ କରୁଥିବା 'କାନ୍ତାର-ଗୁଗୁଲ' ପକ୍ଷରୁ ଆକଳନ କରାଯାଇଛି। ରାଜନୈତାଙ୍କ ପ୍ରତି ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ କରିବାରେ ଅନଲାଇନ ସାଧନର ପ୍ରଭାବ ଅନେକ ରହିଛି। ତେଣୁ ଅନଲାଇନ ସମ୍ବାଦ ବିତରଣରେ 'ଡିପ୍‌ଫେକ୍' ନିର୍ବାଚନ ପ୍ରଚାରକୁ ପ୍ରଭାବିତ କରିବା ଆଶଙ୍କା ଅମୂଳକ ନୁହେଁ।

ଦ୍ୱିତୀୟତଃ, ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ କରିବା ନିମନ୍ତେ ଚରିତ୍ରଗୁଡ଼ିକ ସମ୍ପର୍କରେ ବହୁ ସଂଖ୍ୟାରେ ତଥ୍ୟ ଆବଶ୍ୟକ ପଡୁଥିଲା। କିନ୍ତୁ ବର୍ତ୍ତମାନ ମାତ୍ର ମିନଟ କିମ୍ବା ଦୁଇ ମିନଟର ତଥ୍ୟରେ କ୍ଲୋନିଂ ବା ଅବିକଳ ପ୍ରତିକୃତି ପ୍ରସ୍ତୁତି ସମ୍ଭବ ହୋଇପାରୁଛି। ଏଥିନିମନ୍ତେ ସଫଟୱେର ସହଜରେ ସମସ୍ତଙ୍କୁ ମିଳିପାରୁଛି। ଯେ କେହି ଅଭ୍ୟାସ କରି 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତିରେ ଦକ୍ଷତା ହାସଲ କରିପାରିବ। ଏହି ସବୁ କାରଣରୁ ଭବିଷ୍ୟତରେ ଅଧିକ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ ହେବାର ଆଶଙ୍କା ଅମୂଳକ ନୁହେଁ।

ତୃତୀୟତଃ, ଆମ ଦେଶରେ ଇଣ୍ଟରନେଟ ସଂଯୁକ୍ତି ବଢ଼ିଚାଲିଥିବା ଅବସରରେ ଇଣ୍ଟରନେଟ ବ୍ୟବହାର ତଥ୍ୟ ମୂଲ୍ୟ ଆନ୍ତର୍ଜାତିକସ୍ତରରେ ପ୍ରାୟତଃ ସର୍ବନିମ୍ନସ୍ତରରେ ରହିଆସିଛି। ଫଳରେ ଭିଡିଓ ଉପଭୋଗ ସୁଗମ ହୋଇପାରିଥିବା ବେଳେ ଅଧିକ ସଂଖ୍ୟାରେ ଡାଉନଲୋଡ ଓ ସେୟାର ମଧ୍ୟ ସମ୍ଭବ ହୋଇପାରୁଛି। ଏହି ପରିବେଶ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବାରେ ସହାୟକ।

ଚତୁର୍ଥତଃ, 'ଡିପ୍‌ଫେକ୍' ଭିଡିଓ ରାଜନୈତିକ କ୍ଷେତ୍ରରେ ବ୍ୟବହାର ଆଲୋଚନା କଲା ବେଳେ ଏହାର ପ୍ରଯୋଜନା ଇତିହାସରେ ଆମୂଳଚୁଳ ପରିବର୍ତ୍ତନ ଦୃଷ୍ଟିକୁ ଆସିଥାଏ। ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଖର୍ଚ୍ଚବହୁଳ ଥିବା ଏବଂ କେବଳ ଜାତୀୟସ୍ତରରେ ବହୁ ଅର୍ଥ ଠୁଳ କରିପାରିଥିବା ରାଜନୈତିକ ଦଳଗୁଡ଼ିକ ପକ୍ଷେ ପ୍ରସ୍ତୁତି ସମ୍ଭବ ଥିଲା। କିନ୍ତୁ ୨୦୨୩ ସୁଦ୍ଧା ଏହି ବୈଷୟିକ କୌଶଳ ବ୍ୟବହାର ସାର୍ବଜନୀନସ୍ତରରେ ଉପଲବ୍ଧ ଥିବା, ଏପରିକି ଗ୍ରାମପଞ୍ଚାୟତସ୍ତରରେ ପ୍ରସ୍ତୁତି ଓ ପ୍ରସାର ସମ୍ଭବ ହୋଇପାରୁଛି। ତେଣୁ ୨୦୨୪ ନିର୍ବାଚନ ପ୍ରଚାରରେ 'ଡିପ୍‌ଫେକ୍' ଭିଡିଓର ପ୍ରଭାବ ଅଧିକ ରହିବ ବୋଲି ଆକଳନ କରାଯାଇଛି।

ପଞ୍ଚମତଃ, ଭାରତରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବାରୁ ଏବଂ ମୁଖ୍ୟତଃ ଭିଡିଓ ଆହରଣ କରୁଥିବାରୁ ବିଭିନ୍ନ ଭାରତୀୟ ଭାଷାଭାଷୀ ଉପଭୋକ୍ତାଙ୍କୁ ଭାଇରାଲ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି କ୍ଷେତ୍ରରେ ସମ୍ଭାଳିବା ସହଜ କଥା ନୁହେଁ। ସୋସିଆଲ ମିଡିଆରେ ପ୍ରସାର ଖୁବ କମ ସମୟରେ କୌଣସି ଭିଡିଓକୁ ଭାଇରାଲ କରିପକାଏ। ଆମ ଦେଶର ଆଇନକାନୁନ ସଶକ୍ତ। କିନ୍ତୁ 'ଡିପ୍‌ଫେକ୍' ଭିଡିଓଟିଏ ଠାବ କରି ତାହା ହଟାଇବା ପାଇଁ ସାମାଜିକ ଗଣମାଧ୍ୟମ ମଞ୍ଚକୁ ଜନସାଧାରଣ ଅନୁରୋଧ ବା ସରକାର ନିର୍ଦ୍ଦେଶ ଦେବା ଆଗରୁ ବିଶାଳ ଜନସଂଖ୍ୟାଙ୍କଠାରେ ପହଞ୍ଚିସାରିଥିବ। 'ଡିପ୍‌ଫେକ୍' ଭିଡିଓ ସ୍ୱୟଂକ୍ରିୟ ବା ଆପେ ଆପେ ଚିହ୍ନଟ କରାଯାଇପାରିବା ବୈଷୟିକ କୌଶଳ ବାସ୍ତବ କ୍ଷେତ୍ରରେ ଉପଯୋଗ ପ୍ରାୟତଃ ଅସମ୍ଭବ ମନେହୁଏ।

'ଡିପ୍‌ଫେକ୍' ଭିଡିଓ ପ୍ରସାର ଲାଭ କରିବା ବିଗତ ପାଞ୍ଚ ବର୍ଷର ଇତିହାସରୁ ଜଣାଯାଏ ଯେ ଏହି ବୈଷୟିକ କୌଶଳ ବିକାଶ ବର୍ଷକ ମଧ୍ୟରେ ଦ୍ୱିଗୁଣିତ ହେବାରେ ଲାଗିଛି। ସେହିପରି ଏହାର ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ବଢୁଛି। ଏତାଦୃଶ ଜଟିଳ ପରିବେଶରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଓ ପ୍ରସାରଣକୁ ରୋକିବା ନିମନ୍ତେ ଆନ୍ତର୍ଜାତିକସ୍ତରରେ ବିଭିନ୍ନ ରାଷ୍ଟ୍ର ଆଇନ ପ୍ରଣୟନ ଦିଗରେ ତତ୍ପର। ୟୁରୋପୀୟ ରାଷ୍ଟ୍ରସଂଘ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୩ ଶେଷ ସୁଦ୍ଧା ଏ ଦିଗରେ ପ୍ରାଥମିକ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଭାରତରେ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ୍ ୨୦୨୧ ଅନୁଯାୟୀ କୌଣସି ଆପତ୍ତିଜନକ ଉପାଦାନ ଠାବ ହେଲେ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ଅଭିଯୋଗ କିମ୍ବା ନିର୍ଦ୍ଦେଶ ପାଇବାର ୩୬ ଘଣ୍ଟା ମଧ୍ୟରେ ହଟାଇବା ନିମନ୍ତେ ବାଧ୍ୟ। କିନ୍ତୁ ଏହି ୩୬ ଘଣ୍ଟାର ମହଲତ ଆଧୁନିକ ଅନଲାଇନ ପରିବେଶରେ ସୁଦୀର୍ଘ ମନେହୁଏ। ଏହି ସମସ୍ୟାର କିପରି ସମାଧାନ କରାଯାଇପାରିବ ତାହା ଏକ ଅସମାହିତ ପ୍ରଶ୍ନ।

'ଡିପ୍‌ଫେକ୍' ଭିଡିଓ ସାଧାରଣରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଉପଭୋକ୍ତାଙ୍କ ଭୂମିକା ମୁଖ୍ୟ ସ୍ଥାନ ଅଧିକାର କରିଥାଏ। ଗବେଷଣାରୁ ଜଣାଯାଏ ଯେ ଅଧିକାଂଶ କ୍ଷେତ୍ରରେ ଅନଲାଇନ ଶିଷ୍ଟାଚାର ସମ୍ପର୍କରେ ଅଜ୍ଞତା ଓ କୌତୁହଳ କାରଣରୁ ଭିଡିଓ ସେୟାର ହୋଇଥାଏ। ବିଶେଷଜ୍ଞମାନେ କହିଆସୁଛନ୍ତି ଯେ ଗଣମାଧ୍ୟମ ସାକ୍ଷରତା, ଅର୍ଥାତ ଉପଭୋକ୍ତାଙ୍କୁ ଗଣମାଧ୍ୟମର ପ୍ରଭାବ ତଥା ଉଚିତ ଓ ଅନୁଚିତ ବ୍ୟବହାର ସମ୍ପର୍କରେ ସତର୍କ କରାଗଲେ ସୁଫଳ ମିଳିବ। ବିଶେଷଜ୍ଞଙ୍କ ମତରେ ଅସତ୍ୟ ସମ୍ବାଦ ଗଣତାନ୍ତ୍ରିକ ଶାସନରେ କିପରି କୁପ୍ରଭାବ ପକାଉଛି ସେ ସମ୍ପର୍କରେ ଯେତେ ଅଧିକ ସଂଖ୍ୟକ ସାମାଜିକ ଗଣମାଧ୍ୟମ ଉପଭୋକ୍ତା ଅବଗତ ହେବେ, ସେହି ସଂଖ୍ୟାରେ 'ଡିପ୍‌ଫେକ୍' ଭିଡିଓର ବ୍ୟବହାର ହ୍ରାସ ପାଇବ।

ଆମ ଦେଶରେ ନଭେମ୍ବର ୨୦୨୩ ମଧ୍ୟପ୍ରଦେଶ ଘଟଣା ପରେ ପ୍ରଧାନମନ୍ତ୍ରୀ ଗଣମାଧ୍ୟମ ସାକ୍ଷରତା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଏ ଦିଗରେ ସମୁଚିତ ପଦକ୍ଷେପ ଜରୁରୀ। ଆଞ୍ଚଳିକସ୍ତରରେ ଗଣମାଧ୍ୟମ ସାକ୍ଷରତା ପ୍ରସାର ଦିଗରେ ଦେଶର ସାମ୍ବାଦିକତା ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସକ୍ରିୟ ଭୂମିକା ଗ୍ରହଣ କରିପାରିବେ। ଏ ଦିଗରେ ବିଶ୍ୱବିଦ୍ୟାଳୟ ମଞ୍ଜୁରି କମିଶନ ସାମାନ୍ୟ ଅନୁଦାନ ସହ ଏକ ମଡେଲ ସମଗ୍ର ଦେଶରେ କାର୍ଯ୍ୟକାରୀ କରିପାରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକୁ ଜାତୀୟ ସେବା ଯୋଜନା(ଏନଏସଏସ) ମାଧ୍ୟମରେ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇପାରିବ ଏବଂ ୨୦୨୪ ନିର୍ବାଚନ ପୂର୍ବରୁ ସାମାଜିକ ଗଣମାଧ୍ୟମ ଶିଷ୍ଟାଚାର ସାଙ୍ଗକୁ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଦେଶର ଅଧିକାଂଶ ଜନସାଧାରଣଙ୍କୁ ସଚେତନ କରାଯାଇପାରିବ।

# ଦୃଷ୍ଟିହୀନଙ୍କ ମତଦାନରେ ସଂସ୍କାର



ଇପ୍ସିତା ମହାନ୍ତି
ବୈପାରୀଗୁଡ଼ା, ମୋ: ୬୩୭୦୬୭୯୪୦୫

ଦିବ୍ୟାଙ୍ଗମାନଙ୍କ ଅଧିକାର ଅଧିନିୟମ ୨୦୧୬ର ଧାରା ୧୧ ଅନୁଯାୟୀ ଭାରତର ନିର୍ବାଚନ ଆୟୋଗ ଏବଂ ରାଜ୍ୟ ନିର୍ବାଚନ ଆୟୋଗ ଏହା ସୁନିଶ୍ଚିତ କରିବେ ଯେ, ସମସ୍ତ ମତଦାନ କେନ୍ଦ୍ର ଦିବ୍ୟାଙ୍ଗଙ୍କ ପାଇଁ ଅନୁକୂଳ ତଥା ସୁଲଭ ହେବ। ଏଥିସହିତ ନିର୍ବାଚନ ପ୍ରକ୍ରିୟା ସଂଶ୍ଳିଷ୍ଟ ସମସ୍ତ ସାମଗ୍ରୀ ସେମାନଙ୍କ ନିକଟରେ ସହଜରେ ଉପଲବ୍ଧ ହୋଇପାରୁଥିବ। ସେଗୁଡ଼ିକ ସେମାନଙ୍କର ବୁଝିବା ଯୋଗ୍ୟ ହେବା ବି ଆବଶ୍ୟକ। 'ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଧିକାର ଉପରେ ମିଳିତ ଜାତିସଂଘର ସମ୍ମିଳନୀ'କୁ ପ୍ରଭାବୀ ଢଙ୍ଗରେ ଆୟୋଜନ କରିବା ତଥା ଏଥିସହ ଜଡ଼ିତ ଆନୁଷଙ୍ଗିକ ବିଷୟ ପାଇଁ ଏହି ଅଧିନିୟମ ପ୍ରଣୟନ ହୋଇଥିଲା। ଦିବ୍ୟାଙ୍ଗମାନଙ୍କ ଅଧିକାର ଉପରେ ଆୟୋଜିତ ଏହି ସମ୍ମିଳନୀ ଥିଲା ମିଳିତ ଜାତିସଂଘର ଆନ୍ତର୍ଜାତୀୟ ମାନବିକ ଅଧିକାର ଚୁକ୍ତିନାମାର ଏକ ଅଂଶବିଶେଷ। ବାସ୍ତବିକ ସମାଜରେ ଦିବ୍ୟାଙ୍ଗମାନଙ୍କ ସମ୍ପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଅଂଶଗ୍ରହଣ ସହ ସେମାନଙ୍କ ସମାବେଶକୁ ସୁନିଶ୍ଚିତ କରିବା ଏହାର ମୂଳ ଉଦ୍ଦେଶ୍ୟ।

୨୦୧୮ ଜୁଲାଇ ୪ରେ ଅନୁଷ୍ଠିତ ନ୍ୟାଶନାଲ୍ କନ୍‌ସଲ୍ଟେସନ୍ ଅନ୍ ଆକ୍ସେସିବଲ୍ ଇଲେକ୍ସନ୍ (ଉପଲବ୍ଧ ନିର୍ବାଚନ ଉପରେ ଜାତୀୟ ପରାମର୍ଶ)ରେ ଗ୍ରହଣ କରାଯାଇଥିବା ଯୋଜନା ଅନୁଯାୟୀ ଉତ୍ତରଦାୟୀ, ସମ୍ମାନ ଓ ଗରିମାର ମୂଳ ସିଦ୍ଧାନ୍ତ ଆଧାରରେ ନିର୍ବାଚନ ପ୍ରତି ଦିବ୍ୟାଙ୍ଗଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହ ଉନ୍ନତ ସେବା ଦ୍ୱାରା ନିର୍ବାଚନରେ ସେମାନଙ୍କ ସହଭାଗିତାକୁ ବୃଦ୍ଧି କରିବା ପାଇଁ ଭାରତର ନିର୍ବାଚନ ଆୟୋଗ ବଦ୍ଧପରିକର ଅଟନ୍ତି। ବିଭିନ୍ନ ବର୍ଗର ଦିବ୍ୟାଙ୍ଗଙ୍କ ମତଦାନ ପାଇଁ ସୁବିଧାଜନକ ବୈଷୟିକ ଉପକରଣର ବ୍ୟବହାରକୁ ନିର୍ବାଚନ ଆୟୋଗ ସ୍ୱୀକୃତି ଦେଇଥାଏ। ଭାରତୀୟ ସମ୍ବିଧାନର ଧାରା ୧୫ ଅନୁଯାୟୀ ରାଜ୍ୟ କୌଣସି ନାଗରିକଙ୍କ (ଦିବ୍ୟାଙ୍ଗଙ୍କ ସମେତ) ବିରୁଦ୍ଧରେ ଧର୍ମ, ଜାତି, ଲିଙ୍ଗ କିମ୍ବା ଜନ୍ମସ୍ଥାନ ଆଧାରରେ ଭେଦଭାବ କରିପାରିବ ନାହିଁ। ତଥାପି ଦିବ୍ୟାଙ୍ଗମାନେ ଅନ୍ୟ ନାଗରିକଙ୍କ ସହ ନିଜ ମତଦାନ ଅଧିକାର ପାଇଁ ଦୀର୍ଘ ବର୍ଷ ହେଲା ସଘର୍ଷ କରି ଆସୁଛନ୍ତି।

୨୦୧୧ ଜନଗଣନା ଅନୁଯାୟୀ ଭାରତରେ ଭିନ୍ନକ୍ଷମଙ୍କ ସଂଖ୍ୟା ଥିଲା ପ୍ରାୟ ୨.୬୮କୋଟି। ସେମାନଙ୍କ ମଧ୍ୟରୁ ଦୃଷ୍ଟିହୀନଙ୍କ ସଂଖ୍ୟା ପ୍ରାୟ ୫୦ଲକ୍ଷ। ଯେକୌଣସି ସାଥୀଙ୍କ ସାହାଯ୍ୟ ନେଇ ଦୃଷ୍ଟିହୀନ ମତଦାତା ନିର୍ବାଚନରେ ନିଜ ମତ ଦାନ କରିପାରିବେ। ଏ ପ୍ରକାର ସହାୟତାରେ କରାଯାଉଥିବା ମତଦାନକୁ ଗୁପ୍ତ ଏବଂ ମୁକ୍ତ ବୋଲି ବିବେଚନା କରାଯାଇ ପାରେନା। ତଥାପି ଏହି ବର୍ଗର ମତଦାତାଙ୍କୁ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଏହା ସୁଯୋଗ ପ୍ରଦାନ କରିଥାଏ। ଅବଶ୍ୟ ଇଭିଏମ୍ ମାଧ୍ୟମରେ ମତଦାନର ବର୍ତ୍ତମାନ ବ୍ୟବସ୍ଥାରେ ସହାୟକ ବ୍ୟକ୍ତି ଜଣକ ଦୃଷ୍ଟିହୀନ ମତଦାତାଙ୍କ ଦ୍ୱାରା ମନୋନୀତ ପ୍ରାର୍ଥୀଙ୍କ ପାଇଁ ସଠିକ ଭୋଟ୍ ଦେଇଛନ୍ତି କି ନାହିଁ ଏହା ଜାଣି ପାରିବେ ନାହିଁ। ଦୃଷ୍ଟିହୀନ ମତଦାତାଙ୍କ ସୁବିଧା ପାଇଁ ଇଭିଏମ୍‌ର ବାଲାଟ୍ ୟୁନିଟ୍‌ରେ ବ୍ରେଲ୍ ଲିପି ସାଇନେଜ୍ ଲାଗିଥାଏ। ଏଭଳି ମତଦାତାଙ୍କ ମାର୍ଗଦର୍ଶନ ପାଇଁ ବାଲାଟ୍ ୟୁନିଟର ଡାହାଣ ପାର୍ଶ୍ୱରେ ପ୍ରାର୍ଥୀଙ୍କ ଭୋଟ୍ ବଟନ୍ ସହିତ ବ୍ରେଲ୍ ଲିପି ସାଇନେଜରେ ଏକରୁ ଷୋହଳ ପର୍ଯ୍ୟନ୍ତ ସଂଖ୍ୟା ଖୋଦିତ ହୋଇଥାଏ। ଯଦିଓ ଦୃଷ୍ଟିହୀନ ମତଦାତା ବଟନ୍ ଦବାଇ ପାରିବେ କିନ୍ତୁ ପ୍ରକୃତରେ କାହାକୁ ଭୋଟ୍ ଦେଇଛନ୍ତି ତାହା ସେ ଜାଣିପାରିବେ ନାହିଁ। ନିଜ ମତଦାନ ପଞ୍ଜୀକୃତ ହୋଇଛି କି ନାହିଁ, ଏକଥା ମତଦାତା ଜଣଙ୍କ ସୁନିଶ୍ଚିତ କରିପାରି ନଥା'ନ୍ତି। ଯଦି ଏହା ପଞ୍ଜିକୃତ ହୋଇଛି, ତେବେ ତାହା ତାଙ୍କ ପସନ୍ଦର ପ୍ରାର୍ଥୀଙ୍କ ସପକ୍ଷରେ ହୋଇଛି ନା ନାହିଁ ଏକଥା ମଧ୍ୟ ସେ ଜାଣିପାରିବେ ନାହିଁ। ଏସବୁ ବ୍ୟତୀତ ଅନ୍ୟ ଏକ ସମସ୍ୟା ହେଉଛି, ପ୍ରତି ଦୃଷ୍ଟିହୀନ ମତଦାତା ବ୍ରେଲ୍ ଲିପି ବୁଝନ୍ତି ନାହିଁ।

ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପାଟ୍) ହେଉଛି ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ସହ ସଂଯୁକ୍ତ ଏକ ସ୍ୱତନ୍ତ୍ର ପ୍ରଣାଳୀ। ନିଜ ଇଚ୍ଛା ଅନୁଯାୟୀ ମତ ଦିଆଯାଇଛି ନା ନାହିଁ ଏକଥା ଯାଞ୍ଚ କରିବାରେ ଏହା ମତଦାତାଙ୍କୁ ସାହାଯ୍ୟ କରିଥାଏ। ଏପରି ଅନେକ ସୁବିଧା ରହିଛି; ଯାହା ସାହାଯ୍ୟରେ ସ୍ୱୟଂ ଦୃଷ୍ଟିହୀନ ମତଦାତା ଜଣକ ନିଜ ମତ ଯାଞ୍ଚ କରାଇ ନେବାରେ ସକ୍ଷମ ହେବ। ଏସବୁ କିନ୍ତୁ ଆଜି ଯାଏଁ ସେମାନଙ୍କ ପାଇଁ ଉପଲବ୍ଧ ହୋଇପାରି ନାହିଁ। ଦୃଷ୍ଟିହୀନ ମତଦାତାଙ୍କ ପାଇଁ ଏପରି ଏକ ସୁବିଧାର ଆବଶ୍ୟକତା ରହିଛି, ଯେଉଁଥିରେ ସେମାନେ ଦାନ କରିଥିବା ନିଜ ମତ ସମ୍ପର୍କରେ ତୁରନ୍ତ ଶ୍ରୁତି (ଅଡିଓ) ଯାଞ୍ଚ କରିପାରିବେ। ଏହାକୁ ଦୃଷ୍ଟିରେ ରଖି ଇମେଜ୍ ଟେକ୍ସଟ୍ ଟୁ ସ୍ପିଚ୍ କନଭର୍ସନ୍ (ଆଇଟିଟିଏସ୍) ଡିଭାଇସ୍ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବିତ ପ୍ରଣାଳୀର ମୌଳିକ ଧାରଣା ହେଉଛି, ଡିଭାଇସ୍ (ଉପକରଣ)ଟି ନିଜେ ସଠିକ୍ ସମୟର ବାସ୍ତବିକ୍ ତଥ୍ୟକୁ ଭିଭିପାଟ୍‌ରେ ପ୍ରିଣ୍ଟର୍ ଦ୍ୱାରା ଉତ୍ପନ୍ନ କାଗଜ ସ୍ଲିପ୍‌ର ପ୍ରତିଛବିକୁ କ୍ୟାପଚର (ଧରିନେବା) କରିନେବ। ଏଥିରୁ ଲିଖିତ ତଥ୍ୟ (ଟେକ୍ସଟ୍)କୁ ନିଷ୍କର୍ଷଣ କରି ଅଡିଓ ବା ଶ୍ରାବ୍ୟରେ ରୂପାନ୍ତରଣ କରିବ; ଯାହାକୁ ହେଡଫୋନ୍ ମାଧ୍ୟମରେ ଶୁଣାଯାଇ ପାରିବ। ଆଇଟିଟିଏସ୍ ଉପକରଣଟିକୁ ଭିଭିପାଟ୍ ମେସିନ୍ ଭିତରେ ଏଭଳି ଭାବେ ଖଞ୍ଜାଯିବ ଯେପରି ଭିଭିପାଟ୍‌ର ସ୍କ୍ରିନ୍ ଦେଖିବା ପାଇଁ ମତଦାତାଙ୍କୁ କୌଣସି ଅସୁବିଧା ହେବ ନାହିଁ ଏବଂ ଭିଭିପାଟ୍‌ରେ ସାତ ସେକେଣ୍ଡ ପାଇଁ ଦୃଶ୍ୟମାନ ହେଉଥିବା ମୁଦ୍ରିତ କାଗଜ ସ୍ଲିପ୍‌ଗୁଡ଼ିକ ତାହାର କ୍ୟାମେରା ଲେନ୍ସ ପରିସର ମଧ୍ୟରେ ରହିବ। ଧ୍ୱନିର ମାତ୍ରାକୁ ନିୟନ୍ତ୍ରଣ ପାଇଁ ବାହ୍ୟଭାଗରେ ଏହା ହେଡଫୋନ୍‌ର ଏକ ସେଟ୍ ଆବଶ୍ୟକ କରିଥାଏ। ମତଦାନ କେନ୍ଦ୍ରରେ ପ୍ରବେଶ କରିବା ପରେ ମତଦାତା ହେଡଫୋନ୍ ଲଗାଇ ନିଅନ୍ତି। ମତଦାନ ସମୟରେ ଭିଭିପାଟ୍ ବିଭିନ୍ନ ତଥ୍ୟ ଯଥା- କ୍ରମିକ ସଂଖ୍ୟା, ପ୍ରାର୍ଥୀଙ୍କ ନାମ, ପ୍ରତୀକର ଚିତ୍ର ଏବଂ ପ୍ରତୀକର ନାମକୁ ଏକ କାଗଜ ସ୍ଲିପ୍‌ରେ ଲିପିବଦ୍ଧ କରିନିଏ। ସ୍କ୍ରିନ୍‌ରେ ଏହି କାଗଜ ସ୍ଲିପ୍‌ଟି ସାତ ସେକେଣ୍ଡ ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥାଏ।

ପ୍ରସ୍ତାବିତ ପ୍ରଣାଳୀରେ ଠକିଯିବାର ଆଶଙ୍କା ନଥାଏ। ଇଭିଏମ୍ ନିର୍ମାତା (ଇଣ୍ଡିଆ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଏବଂ ଇଲେକ୍ଟ୍ରୋନିକ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍) ବର୍ତ୍ତମାନ ନୂତନ କୌଶଳ ବ୍ୟବହାର କରି ଶସ୍ତା ଏବଂ କାର୍ଯ୍ୟକ୍ଷମ ଇମେଜ୍ ଟେକ୍ସଟ୍ ଟୁ ସ୍ପିଚ୍ କନଭର୍ସନ୍ (ଆଇଟିଟିଏସ୍) ଉପକରଣ ତିଆରି କରିବାରେ ସକ୍ଷମ ହୋଇଛନ୍ତି। ମତଦାନ ହେଉଛି ଅଭିବ୍ୟକ୍ତି ସ୍ୱତନ୍ତ୍ରତାର ଏକ ସ୍ୱରୂପ। ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିର୍ବାଚନ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ସହିତ ଇଭିଏମ୍ ଉପରେ ଦୃଷ୍ଟିହୀନ ମତଦାତାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସକାଶେ ସେମାନଙ୍କୁ ନିଜ ମତଦାନ ଯାଞ୍ଚର ସୁବିଧା ପ୍ରଦାନ କରିବା ନିହାତି ଜରୁରୀ। ଏହାଦ୍ୱାରା ମତଦାତା ସ୍ୱୟଂ ଅନୁଭବ କରିବ ଯେ ମୋର ମତଦାନ ସଫଳ ହୋଇଛି।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଦିଲ୍ଲୀ ଫେରିଗଲେ ରାଷ୍ଟ୍ରପତି



**ଭୁବନେଶ୍ୱର,୨୭ ।୧୧(ସମିସ):** ଦୁଇଦିନିଆ ଓଡ଼ିଶା ଗସ୍ତ ସାରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଦିଲ୍ଲୀ ଫେରି ଯାଇଛନ୍ତି । ଆଜି ଅପରାହ୍ଣରେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିମାନବନ୍ଦରରେ ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ବିଦାୟ ଦେଇଛନ୍ତି । ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ଶ୍ରୀମତୀ ମୁର୍ମୁ ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜଭବନରେ ରାତ୍ରିଯାପନ କରିଥିଲେ। ଆଜି ସକାଳୁ ରାଜଭବନରୁ ବିମାନବନ୍ଦର ଯାଇ ସେଠାରୁ ପାରାଦୀପ ଅଭିମୁଖେ ଯାଇଥିଲେ। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପାରାଦୀପରେ ଆୟୋଜିତ ହୋଇଥିବା ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ। ବୋଇତବନ୍ଦାଣ ଉତ୍ସବକୁ ଉଦ୍‌ଘାଟନ କରିବା ସହ ପତାକା ହଲାଇ ସାଧବ ପୁଅମାନଙ୍କୁ ବିଦାୟ ଦେଇଥିଲେ।

■ ବାହାନଗାରେ ଚାଞ୍ଚଲ୍ୟ

# ଏଟିଏମ୍ ମେସିନ୍ କାଟି ୨୦ ଲକ୍ଷ ଲୁଟ୍

**ବାହାନଗା, ୨୭ ।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ବାହାନଗା ବଜାରରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ବଡ଼ଧରଣର ଲୁଟ୍ ହୋଇଛି। ରବିବାର ବିଳମ୍ବିତ ରାତିରେ ୨ଜଣ ଦୁର୍ବୃତ୍ତ ଏକ ଗ୍ୟାସ୍ କଟର୍ ସାହାଯ୍ୟରେ ଏଟିଏମ୍ ମେସିନ୍‌କୁ କାଟି ସେଥିରେ ଥିବା ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ ବେଳର ସମସ୍ତ ଦୃଶ୍ୟ ଏଟିଏମ୍‌ରେ ଲାଗିଥିବା ସିସିଟିଭିରେ କଏଦ୍ ହୋଇଛି। ଖବର ପାଇ ସୋର ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସିସିଟିଭି ହାର୍ଡଡିସ୍କ ଜବତ କରିବା ସହ ଆଖପାଖ ସ୍ଥାନୀୟ ଲୋକଙ୍କୁ ପୁଲିସ ଏ ବାବଦରେ ପଚରାଉଚରା କରିଛି। ଏନେଇ ଥାନାରେ ନମ୍ବର ୮୨୯/୨୩ରେ ଏକ ମାମଲା ରୁଜୁ ହୋଇଛି। ଦୁର୍ବୃତ୍ତମାନେ ମୁଖା ପିନ୍ଧିଥିବାରୁ ସେମାନଙ୍କୁ ଚିହ୍ନଟ ଲାଗି ଉଦ୍ୟମ ଚାଲିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି।

ସୂଚନାନୁସାରେ, ତିନିଦିନ ଧରି ବ୍ୟାଙ୍କ ଛୁଟିକୁ ଦୃଷ୍ଟିରେ ରଖି ଲୋକଙ୍କ ସୁବିଧା ପାଇଁ ରବିବାର ଦିନ ଏହି ଏଟିଏମ୍‌ରେ ୨୦ ଲକ୍ଷ ଟଙ୍କା ଭର୍ତ୍ତି କରାଯାଇଥିଲା। ଏହାର ସୁଯୋଗ ନେଇ ରବିବାର ବିଳମ୍ବିତ ରାତିରେ ୨ଜଣ ଦୁର୍ବୃତ୍ତ ଏଟିଏମ୍ ଭିତରେ ପଶି ଗ୍ୟାସ୍ କଟର୍‌ରେ ମେସିନ୍‌କୁ କାଟି ସବୁତକ ଟଙ୍କା ଲୁଟି ନେଇଥିଲେ। ଲୁଟ୍ ପରେ ଲୁଟେରାମାନେ ଏଟିଏମ୍ ସଟର୍ ପକାଇ ଫେରାର୍ ହୋଇଯାଇଥିଲେ। ସୋମବାର ସକାଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏଟିଏମ୍ ସଟର୍ ନ ଖୋଲିବାରୁ ଗ୍ରାହକମାନେ ଏ ବାବଦରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସଟର୍ ଖୋଲାଯିବା ପରେ ଏଟିଏମ୍‌ରୁ ଲୁଟ୍ ହୋଇଥିବା ଜଣାପଡ଼ିଥିଲା। ଏ ସଂପର୍କରେ ପିଏମ୍‌ଏସ୍ ସିନିୟର କୋର୍ଡିନେଟର୍ ହିମାଂଶୁ ଶେଖର ମହାପାତ୍ରଙ୍କ ପକ୍ଷରୁ ସୋର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।



● ଗ୍ୟାସ୍ କଟର୍‌ରେ କାଟିଲେ ଦୁର୍ବୃତ୍ତ
● ସିସିଟିଭି ଫୁଟେଜ୍‌ରେ ଅପରାଧର ଦୃଶ୍ୟ

## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହେବେ। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ପର୍କ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ। ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ। ଘରକୁ ଅତିଥିଙ୍କ ଆଗମନ ହେବ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ଉତ୍‌ଫୁଲ୍ଲିତ ରହିବେ। ସରକାରୀ କାମ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ଗୁରୁଜନଙ୍କ ଆଦେଶ ପାଳନ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୁଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ମଠ ତଥା ମନ୍ଦିରରେ ଦାନ କରିବେ।

**ଆରମ୍ଭ ହେଲା ଐତିହାସିକ କଟକ ବାଲିଯାତ୍ରା**

# ଓଡ଼ିଆଙ୍କ ଗୌରବର ପ୍ରତୀକ ବାଲିଯାତ୍ରା

**କଟକ,୨୭।୧୧(ସମିସ):** ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଅନନ୍ୟ ଓ ସ୍ୱତନ୍ତ୍ର। ବଙ୍ଗୋପସାଗରେ ନୌବାଣିଜ୍ୟ କାରବାର କ୍ଷେତ୍ରରେ ଭାରତବର୍ଷରେ ଓଡ଼ିଶା ବା ଉତ୍କଳ ସବୁଠାରୁ ଆଗରେ ରହିଥିଲା। ଯେଉଁଥିପାଇଁ ବଙ୍ଗୋପସାଗରକୁ ମଧ୍ୟ କଳିଙ୍ଗ ସାଗର ଭାବେ ଅଭିହିତ କରାଯାଏ। ସେହି ପରମ୍ପରାକୁ ମନେ ପକାଇବା ଏବଂ ଏହାର ସ୍ମୃତିକୁ ରୋମନ୍ଥନ କରାଉଛି ଏହି ଐତିହାସିକ କଟକ ବାଲିଯାତ୍ରା। କେବଳ ବାଣିଜ୍ୟ ମେଳା ନୁହେଁ ଏହାର ଉତ୍କଳର ପରମ୍ପରା ଏବଂ ଐତିହ୍ୟର ମୂକସାକ୍ଷୀ ପାଲଟିଛି। ଓଡ଼ିଆ ଜାତିର ଗୌରବର ପ୍ରତୀକ କଟକ ବାଲିଯାତ୍ରା ବୋଲି ବାଲିଯାତ୍ରାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ସେ ପୁଣି କହିଲେ ଯେ କେବଳ ପରମ୍ପରା ନୁହେଁ ଓଡ଼ିଶାର ଆର୍ଥିକ ସମୃଦ୍ଧିରେ ବାଲିଯାତ୍ରା ସହାୟକ ହେଉଛି। କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବଡ଼ ବ୍ୟବସାୟୀମାନେ ସେମାନଙ୍କର ଉତ୍ପାଦ ବିକ୍ରି କରି ରୋଜଗାର ପାଇପାରୁଛନ୍ତି। ମେଳା ମାଧ୍ୟମରେ ଲୋକମାନଙ୍କୁ ରୋଜଗାର ଦେବାରେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ। ପୂର୍ବାପେକ୍ଷା ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ବହୁ ବଡ଼ ବଡ଼ କମ୍ପାନୀ ଆସୁଛନ୍ତି। ରାଜ୍ୟର ବିକାଶ ପାଇଁ ସରକାରଙ୍କ ବଜେଟ ମଧ୍ୟ ବୃଦ୍ଧି ପାଉଛି। ପୂର୍ବରୁ ୧୦ରୁ ୧୧ହଜାର କୋଟି ଟଙ୍କା ରହୁଥିଲା। ଏବେ ସରକାର ପ୍ରାୟ ୨ ଲକ୍ଷ ୫୮ ହଜାର କୋଟି ଟଙ୍କା ବଜେଟ ପ୍ରସ୍ତୁତି କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ମତ ଦେଇଥିଲେ। ଏହି ଅବସରରେ ସେ ନିଜ ଉଦ୍‌ବୋଧନରେ କଟକର ଭାଇଚାରାକୁ ପ୍ରଶଂସା କରିଥିଲେ।



ମୁଖ୍ୟବକ୍ତା ଭାବେ ସାଂସଦ ଭର୍ତ୍ତୃହରି ମହତାବ କହିଲେ ଯେ ଉତ୍କଳର ସାଧବ ପୁଅଙ୍କ ନୌବାଣିଜ୍ୟର ଗାଥା ପୁରାଣ ବର୍ଣ୍ଣିତ। ବାଲ୍ମୀକିଙ୍କ ରାମାୟଣ, କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଏବଂ ବାୟୁପୁରାଣରେ ଓଡ଼ିଶାରେ ନୌବାଣିଜ୍ୟର କଥା ରହିଛି। କିନ୍ତୁ ଏହି କଥାକୁ ସଠିକ୍ ଭାବେ ଆଜି ଯାଏଁ ପ୍ରକାଶ କରାଯାଇପାରିନାହିଁ। ତେଣୁ ଅତୀତର କଥା ମନେ ପକାଇବା ସହ ଭବିଷ୍ୟତକୁ ଦୃଷ୍ଟି ଦେବା ଆବଶ୍ୟକ। କେବଳ ବୃହତ୍ ଆକାରରେ ମେଳାର ଆୟୋଜନ କିମ୍ବା ବାହାର ରାଜ୍ୟର ଲୋକମାନେ ଆସି ବାଣିଜ୍ୟ ବ୍ୟବସାୟ କଲେ ବାଲିଯାତ୍ରାକୁ ଜାତୀୟ କିମ୍ବା ଅନ୍ତର୍ଜାତୀୟ ମାନ୍ୟତା ମିଳିପାରିବ ନାହିଁ। ପ୍ରଥମେ କଟକ ବାଲିଯାତ୍ରା ପାଇଁ କିଛି ସ୍ୱତନ୍ତ୍ରତା ରହିବା ଉଚିତ୍। ବାହାର ସାମଗ୍ରୀ ବିକ୍ରି ସହ କଟକର ପଣ୍ୟ ଦ୍ରବ୍ୟକୁ ଏହି ବୃହତ୍ ମୁକ୍ତାକାଶ ବାଣିଜ୍ୟ ମେଳାରେ ବିକ୍ରି କରିବା ଭଳି ବ୍ୟବସ୍ଥା କରାଯାଉ। କଟକରେ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଦିଆଯାଉ। ଯାହାଦ୍ୱାରା କଟକର ବାଲିଯାତ୍ରାକୁ ଜାତୀୟ ମାନ୍ୟତା ମିଳିବାରେ କୌଣସି ବାଧା ଉପୁଜିବ ନାହିଁ ବୋଲି ଶ୍ରୀ ମହତାବ କହିଥିଲେ।

ସମ୍ମାନିତ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିଜ ବକ୍ତବ୍ୟରେ କହିଲେ ଯେ ସାତ ସମୁଦ୍ର ତେର ନଈ ପାର୍ ହୋଇ ସାଧବ ପୁଅମାନେ ବାଣିଜ୍ୟ କାରବାର କରି ଓଡ଼ିଶାର ଉତ୍ପାଦକୁ ବିଦେଶରେ ପହଞ୍ଚାଇଥିଲେ। ଚନ୍ଦ୍ର ଓ ତାରାର ଗତିବିଧିକୁ ଲକ୍ଷ୍ୟ କରି ସେମାନେ ଯାତ୍ରା କରୁଥିଲେ। ବାଲିଯାତ୍ରା ଓଡ଼ିଶାର ସେହି ଗୌରବମୟ ସ୍ମୃତିକୁ ବହନ କରୁଛି। ଏହା କେବଳ ବାଣିଜ୍ୟର ମେଳା ନୁହେଁ ଓଡ଼ିଶାର ପ୍ରଗତି ଓ ଭାଇଚାରାର ପ୍ରତୀକ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଲୋକସଭା ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକ, କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା, କଟକ-ବାରବାଟୀ ବିଧାୟକ ଇଂ ମହମ୍ମଦ ମୋକିମ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହାପୁନମ ତାପସ କୁମାର, ଆର୍‌ଡିସି ଅନୀଲ କୁମାର ସାମଲ, ମେୟର ସୁବାସ ସିଂହ, ଡେପୁଟି ମେୟର ଦମୟନ୍ତୀ ମାଝୀ, ସିଏମ୍‌ସି କମିସନର ନିଖିଲ ପଓ୍ୱନ କଲ୍ୟାଣ, ଡିସିପି ପିନାକ୍ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ ନରହରି ସେଠୀ ସ୍ୱାଗତ ଭାଷଣ ଦେବା ସହ ଉତ୍ସବରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ 'ବାଲିଯାତ୍ରା କଟକ ମହୋତ୍ସବ-୨୦୨୩' ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସ୍ମରଣିକା ସମ୍ପାଦନା ମଣ୍ଡଳୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଜିଲ୍ଲାପାଳ ଉମାକାନ୍ତ ରାଜ ଧନ୍ୟବାଦ ଦେଇଥିଲେ।

# ବାଲେଶ୍ୱରରୁ ୪ଜଣଙ୍କୁ ଉଠାଇଲା ଏସ୍‌ଟିଏଫ୍

**ଭୁବନେଶ୍ୱର,୨୭ ।୧୧(ସମିସ):** ହାଇସ୍କୁଲ ଶିକ୍ଷକ ନିଯୁକ୍ତି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଆଜି ବାଲେଶ୍ୱର ଜିଲ୍ଲା ବସ୍ତା ଅଞ୍ଚଳରୁ ୪ ଜଣଙ୍କୁ ଉଠାଇ ଆଣିଛି। ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ଜେରା କରାଯାଉଛି। ପ୍ରଶ୍ନପତ୍ର ଭୁବନେଶ୍ୱରରୁ ଲିକ୍ ହୋଇଥିଲା ଏବଂ ଏଥିରେ ଭୁବନେଶ୍ୱରର ଏକାଧିକ ବ୍ୟକ୍ତିଙ୍କ ସଂପୃକ୍ତି ଥିବା ସେମାନେ ସ୍ୱୀକାର କରିଛନ୍ତି। ଆସନ୍ତାକାଲି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଅପରପକ୍ଷେ ଏହା ପଛରେ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ପ୍ରଶ୍ନପତ୍ର ଲିକ୍ କରିବା ପାଇଁ ଅଭିଯୁକ୍ତମାନେ ୧୫ ଲକ୍ଷରୁ ଅଧିକ ଟଙ୍କା ନେଇଛନ୍ତି। ଚାକିରି ଆଶାୟୀ ଥିବା ଏକାଧିକ ବ୍ୟକ୍ତିଙ୍କୁ ଗୋଟିଏ ପ୍ରଶ୍ନପତ୍ର ବଣ୍ଟାଯାଇଥିଲା। ସେମାନଙ୍କ ମଧ୍ୟରୁ କେହି ଏହାକୁ ଲିକ୍ କରିଦେଇଥାଇପାରନ୍ତି ବୋଲି କୁହାଯାଉଛି।

ସୂଚନାନୁସାରେ, ହାଇସ୍କୁଲ ଶିକ୍ଷକ ନିଯୁକ୍ତି ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଯୋଗାଇ ଦେବାକୁ କହି ବାଲେଶ୍ୱରର ବସ୍ତା, ସିଂଲା ଏବଂ ରାଜ୍ୟର ଅନ୍ୟ ଅଞ୍ଚଳର ଆଶାୟୀ ଯୁବକଯୁବତୀଙ୍କଠାରୁ ଦଲାଲମାନେ ଅର୍ଥ ଆଦାୟ କରିଥିଲେ। ଭୁବନେଶ୍ୱରରେ ମାଷ୍ଟରମାଇଣ୍ଡ ବସି ଗୋଟି ଚଳାଉଥିବା ବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦଲାଲମାନଙ୍କୁ ରଖାଯାଇଥିଲା। ସେମାନେ ଗାଁ ଏବଂ ସହରରୁ ଆଶାୟୀମାନଙ୍କୁ ଯୋଗାଡ଼ କରି ଟଙ୍କା ଆଦାୟ କରୁଥିଲେ। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଦେବା ପାଇଁ ମୁଣ୍ଡପିଛା ୫ଲକ୍ଷ ଟଙ୍କା ଆଦାୟ କରୁଥିଲେ। ଏ ସଂପର୍କରେ ସ୍ଥାନୀୟ ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଥିଲା। କିନ୍ତୁ ଏହି ମାମଲା ସମ୍ବେଦନଶୀଳ ହୋଇଥିବାରୁ ପରବର୍ତ୍ତୀ ସମୟରେ ଏହାକୁ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା।

# ଲାଞ୍ଚ ନେଇ ଚକ୍ଷୁ ଡାକ୍ତର ଗିରଫ

**ସୋନପୁର,୨୭।୧୧(ସମିସ):** ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ରୋଗୀଙ୍କଠାରୁ ୫୫୦୦ ଟଙ୍କା ଲାଞ୍ଚ ନେବା ବେଳେ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ଡାକ୍ତର ସଂଜୀବ କର ଭିଜିଲାନ୍ସ ଜାଲରେ ପଡ଼ି ଗିରଫ ହୋଇଛନ୍ତି। ସାରା ରାଜ୍ୟରେ ସରକାରୀ ହସ୍ପିଟାଲରେ ଏହି ଅସ୍ତ୍ରୋପଚାର ମାଗଣାରେ କରାଯାଉଥିବା ବେଳେ ଡାକ୍ତର କର ଏଥିପାଇଁ ଯାଲୋଇ ଗାଁର ଲକ୍ଷ୍ମଣ ତ୍ରିପାଠୀଙ୍କ ଅପରେସନ୍ ପାଇଁ ଲାଞ୍ଚ ନେଉଥିଲେ। ଡାକ୍ତର କର ଧରାପଡ଼ିବା ପରେ ଭିଜିଲାନ୍ସ ବଲାଙ୍ଗିର ସୁଦପଡାସ୍ଥିତ ତାଙ୍କ ବାସଭବନ, ସୋନପୁର ସହରସ୍ଥିତ ଡାକ୍ତରଖାନା ପରିସରରେ ଥିବା ସରକାରୀ ଘର ଏବଂ କଳାପଥରଠାରେ ଥିବା କ୍ଲିନିକ୍‌ରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ମୋଟ ୨ ଲକ୍ଷ ୬ ହଜାର ୪୪୦ ଟଙ୍କା ଠାବ ହୋଇଥିଲା। ଏ ବାବଦରେ ତାଙ୍କୁ ପଚରାଯିବାରୁ ସେ ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ତେଣୁ ଭିଜିଲାନ୍ସ ଡାକ୍ତର କରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ରାଜନୀତିରେ ପ୍ରବେଶ...

ସାଂଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସ ବିଜେଡିର ଶଙ୍ଖ ବ୍ୟାଜ୍ ପିନ୍ଧାଇ ଦଳର ସଦସ୍ୟତା ପ୍ରଦାନ କରିଛନ୍ତି।

ଗଣମାଧ୍ୟମ ପାଇଁ 'ଫୋର୍ ଏଏମ୍ ଅଫିସର' ସାଧାରଣ ଲୋକଙ୍କ ପାଇଁ 'ରୂପାନ୍ତରଣର ବିନ୍ଧାଣୀ' ଶ୍ରୀ ପାଣ୍ଡିଆନ ଗତ ଅକ୍ଟୋବର ମାସରେ ଦଶହରା ଦିନ ସର୍ବଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପଦରୁ ସ୍ୱେଚ୍ଛା ଅବସର ଗ୍ରହଣ କରିଥିଲେ। ପରବର୍ତ୍ତୀ କାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ ପଦ ସହ କ୍ୟାବିନେଟ ପାହ୍ୟା ପ୍ରଦାନ କରିଥିଲେ। ଏହାପରେ ସେ ବିଜେଡିରେ ଯୋଗଦେବା ନେଇ ଗଣମାଧ୍ୟମରେ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା।

ଶେଷରେ ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ରାଜ୍ୟ ବିକାଶର ବିନ୍ଧାଣୀ କାର୍ତ୍ତିକ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମୀରେ ବିଜେଡ଼ିରେ ଯୋଗ ଦେଇଛନ୍ତି।

ବିଜୁ ଜନତା ଦଳରେ ଯୋଗଦାନ ପୂର୍ବରୁ କାର୍ତ୍ତିକ ପ୍ରତ୍ୟୁଷରେ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶିଷ ଭିକ୍ଷା କରିଥିଲେ। ନବୀନ ନିବାସରେ ଦଳରେ ବିଧିବଦ୍ଧ ଯୋଗଦାନ ପରେ ସେ ଶଙ୍ଖ ଭବନରେ ପହଞ୍ଚିଥିଲେ ଓ ସେଠାରେ ଦଳର ନେତାମାନେ ତାଙ୍କୁ ସ୍ୱାଗତ କରିଥିଲେ। କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ରକ୍ତଦାନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଦଳୀୟ ନେତାମାନଙ୍କ ସହ ଆଲୋଚନା କରିଥିଲେ। ପରେ ସେ ମା' ତାରାତାରିଣୀଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ସେଠାରେ ଦଳର କର୍ମୀ ଓ ନେତାମାନଙ୍କ ସହ ବହୁ ସାଧାରଣ ଲୋକ କାର୍ତ୍ତିକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

୨୦୦୦ ମସିହାରେ ବ୍ୟାଚ୍‌ର ଆଇଏଏସ କାର୍ତ୍ତିକ ୨୦୦୨ରେ କଳାହାଣ୍ଡିର ଧର୍ମଗଡ଼ରୁ ଆରମ୍ଭ କରିଥିଲେ ବୃତ୍ତିଗତ ଜୀବନ। ପରବର୍ତ୍ତୀ ସମୟରେ ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ ଓ ମୟୂରଭଞ୍ଜର ସର୍ବକନିଷ୍ଠ ଜିଲ୍ଲାପାଳ ଭାବରେ କାର୍ଯ୍ୟ କରିଛନ୍ତି। ୨୦୦୭ରୁ ୨୦୧୧ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାପାଳ ରୂପେ କାର୍ଯ୍ୟ କରିବା ପରେ ୨୦୧୧ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ଧର୍ମଗଡ଼ ଉପଜିଲ୍ଲାପାଳ ଭାବରେ ଜିଲ୍ଲାର ଚାଷୀମାନଙ୍କ କଲ୍ୟାଣ ପାଇଁ ସେ ଗ୍ରହଣ କରିଥିବା ପଦକ୍ଷେପକୁ ଏବେ ବି ଜିଲ୍ଲାବାସୀ ସ୍ମରଣ କରୁଛନ୍ତି। ଦୁଇ ବର୍ଷ ମଧ୍ୟରେ ସେ ଧର୍ମଗଡ଼ର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ପରିବର୍ତ୍ତନ ସୁନିଶ୍ଚିତ କରିପାରିଥିଲେ। ବିନା ସରକାରୀ ଅନୁଦାନରେ ରକ୍ତଭଣ୍ଡାର ସ୍ଥାପନ କରି ନୂଆ ଉଦାହରଣ ସୃଷ୍ଟି କରିଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ ଭାବେ ତାଙ୍କର କାର୍ଯ୍ୟ ଏବେ ମଧ୍ୟ ରାଉରକେଲାବାସୀଙ୍କ ପାଇଁ ସ୍ମରଣୀୟ ହୋଇ ରହିଛି। ମୟୂରଭଞ୍ଜ ଭଳି ଏକ ବୃହତ ଜିଲ୍ଲାର ଜିଲ୍ଲାପାଳ ଦେଶର ଅନ୍ୟତମ ସର୍ବକନିଷ୍ଠ ଆଇଏଏସ୍ କାର୍ତ୍ତିକଙ୍କ ଉପରେ ଏକ ସମୟରେ ନ୍ୟସ୍ତ ଥିଲା। ଏହି ସମୟରେ ଜନକୈନ୍ଦ୍ରିକ ପ୍ରଶାସନ ଜରିଆରେ ଜିଲ୍ଲାରେ ମାଓବାଦୀ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ଯେଉଁ ଦକ୍ଷତା ଦେଖାଇଥିଲେ ତାହା ଥିଲା ସମ୍ପୂର୍ଣ୍ଣରୂ ଅନନ୍ୟ। ଗଞ୍ଜାମ ଜିଲ୍ଲାପାଳ ଭାବରେ କାର୍ଯ୍ୟ କରିବା ସମୟରେ ୪ ବର୍ଷ ମଧ୍ୟରେ ଜିଲ୍ଲାକୁ ମିଳିଥିଲା ୪ଟି ଜାତୀୟସ୍ତରର ସମ୍ମାନ। ମନରେଗା ଶ୍ରମିକଙ୍କ ପାରିଶ୍ରମିକ ପ୍ରଦାନଠାରୁ ଆରମ୍ଭ କରି ଭିନ୍ନକ୍ଷମ ପୁନର୍ବାସ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ, ଏଡ୍ସ ନିୟନ୍ତ୍ରଣ, ଭିନ୍ନକ୍ଷମ ସଶକ୍ତିକରଣ ଦିଗରେ ଏକକ ବାତାୟନ ବ୍ୟବସ୍ଥା କ୍ଷେତ୍ରରେ ତାଙ୍କର ଭୂମିକା ଓ କାର୍ଯ୍ୟକୁ ସାରା ଦେଶ ପ୍ରଶଂସା କରିଛି।

ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଖିଥିବା ସ୍ୱପ୍ନକୁ ବାସ୍ତବ ରୂପ ଦେଇଛନ୍ତି କାର୍ତ୍ତିକ ପାଣ୍ଡିଆନ। '୫-ଟି' ଭଳି ଅଭିନବ ଉପକ୍ରମ ମାଧ୍ୟମରେ ଏକ ସୁସ୍ଥ ଓ ଜନକୈନ୍ଦ୍ରିକ ପ୍ରଶାସନ ଦେବାରେ ତାଙ୍କର ଭୂମିକା ଅତ୍ୟନ୍ତ ଉଦାହରଣୀୟ। ଅନୁରୂପ ଭାବରେ ରାଜ୍ୟରେ ଶିକ୍ଷା, କ୍ରୀଡ଼ା, ସ୍ୱାସ୍ଥ୍ୟ, କୃଷି, ଧାର୍ମିକ ପୀଠ ଓ ଯୋଗାଯୋଗ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ପୂରଣ କରିବାରେ ଶ୍ରୀ ପାଣ୍ଡିଆନ ନେପଥ୍ୟ ନାୟକ ଭାବରେ କାର୍ଯ୍ୟ କରିଛନ୍ତି। ନିଜେ ସରକାରୀ ସ୍କୁଲର ଛାତ୍ରଥିଲେ, ଖେଳରେ ତାଙ୍କର ରୁଚି ଥିଲା। ତେଣୁ ସରକାରୀ ସ୍କୁଲର ରୂପାନ୍ତରଣ ସହ କ୍ରୀଡ଼ା ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକୁ ଅକ୍ଷରେଅକ୍ଷରେ ତ୍ରୁଟିହୀନ ଭାବରେ ସେ କାର୍ଯ୍ୟ କରିଥିବା ଦେଖାଯାଇଛି। କୃଷି ବିଜ୍ଞାନର ଛାତ୍ର ଭାବରେ ସେ କୃଷକଙ୍କ ସମସ୍ୟାକୁ ଉପଲବ୍ଧି କରି ରାଜ୍ୟରେ କୃଷି ଓ କୃଷକଙ୍କ ବିକାଶ ପାଇଁ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ ହୋଇଛନ୍ତି। ଗତ ୨୩ ବର୍ଷ ଧରି ରାଜ୍ୟବାସୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିବା ଶ୍ରୀ ପାଣ୍ଡିଆନ୍ ପ୍ରଶାସନିକ ବ୍ୟବସ୍ଥାର ନୂଆ ସଂଜ୍ଞା ନିରୂପଣ କରିଛନ୍ତି। ସାଧାରଣ ଜନତା ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ ହୋଇଛି। ଲୋକଙ୍କ ପରାମର୍ଶ ଓ ଆବଶ୍ୟକତା ଆଧାରରେ ପ୍ରସ୍ତୁତ ହୋଇଛି ରାଜ୍ୟରେ ନିୟମ। କାର୍ଯ୍ୟକାରୀ ହୋଇଛି ପ୍ରକଳ୍ପ। ସମ୍ଭବତଃ ସାରା ଦେଶରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରାଜ୍ୟର ୩୦ ଜିଲ୍ଲା ବୁଲିବୁଲି ଲୋକଙ୍କ ସମସ୍ୟା ବୁଝିଛି ଓ ଏହାର ନେତୃତ୍ୱ ନେଇଛନ୍ତି କାର୍ତ୍ତିକ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଦେଢ଼ ମାସରୁ କମ୍ ସମୟ ମଧ୍ୟରେ ରାଜ୍ୟର ୧୪୭ ନିର୍ବାଚନମଣ୍ଡଳୀ ବୁଲିବୁଲି ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିଛନ୍ତି। ସେମାନଙ୍କ ଆପତ୍ତି ଓ ଆବଶ୍ୟକତାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରି ତାହାର ସମାଧାନର ବାଟ ବାହାର କରିଛନ୍ତି। ଜିଲ୍ଲଗସ୍ତ, ଜନଶୁଣାଣି ସମୟରେ ତାଙ୍କ ପ୍ରତି ସାଧାରଣ ଲୋକଙ୍କର ଅସୀମ ଶ୍ରଦ୍ଧା, ଅତୁଟ ବିଶ୍ୱାସ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଭାବିତ କରିଥିଲା। ଦଳ ପାଇଁ କାର୍ତ୍ତିକ ଅତ୍ୟନ୍ତ ଉପଯୋଗୀ ହେବେ ବୋଲି ସେ ସମ୍ଭବତଃ ଉପଲବ୍ଧି କରିଥିଲେ। ଅନ୍ୟପକ୍ଷରେ ଓଡ଼ିଶା ପାଇଁ ବହୁତ କିଛି କରିବାକୁ ବାକି ଅଛି ବୋଲି ଶ୍ରୀ ପାଣ୍ଡିଆନ ଉପଲବ୍ଧି କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସର୍ବଭାରତୀୟ ପ୍ରଶାସନିକ ସେବା ଚାକିରି ଛାଡ଼ି ସେ ବିଜେଡ଼ିରେ ଯୋଗ ଦେଇଛନ୍ତି। ରାଜ୍ୟକୁ ବିକାଶର ଶୀର୍ଷରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ପୂରଣ କରିବା ନିମନ୍ତେ କାର୍ତ୍ତିକ ଶେଷରେ ବିଜେଡିରେ ସାମିଲ ହୋଇଛନ୍ତି।

### ମା' ତାରାତାରିଣୀଙ୍କ...

ଅଧ୍ୟକ୍ଷ, ଅଧ୍ୟକ୍ଷା, ଏନଏସି ଅଧ୍ୟକ୍ଷ ଓ ଅଧ୍ୟକ୍ଷାଙ୍କ ସମେତ ବ୍ରହ୍ମପୁର ମହାନଗର ନିଗମର ବହୁ କର୍ପୋରେଟର ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ଦକ୍ଷିଣାଞ୍ଚଳ ପୁଲିସ ଆଇଜି ସତ୍ୟବ୍ରତ ଭୋଇ, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଜଗମୋହନ ମିନା, ଏସଡିପିଓ ରଜନୀକାନ୍ତ ସାମଲ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଭି କିର୍ତ୍ତୀଭାସନ, ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଲୋପାମୁଦ୍ରା ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ସମ୍ପର୍କୀୟ ଭାଇ ଗିରଫ

**ଭୁବନେଶ୍ୱର,୨୭।୧୧(ସମିସ):** ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ସମ୍ପର୍କୀୟ ଭାଇକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଣପୁର ଅଞ୍ଚଳର ବଳରାମ ମୁଦୁଲି (୨୯)। ପୁଲିସ ସୂଚନା ଅନୁଯାୟୀ, ବଳରାମ ଓ ଖୋର୍ଦ୍ଧା ଅଞ୍ଚଳର ତା'ର ସମ୍ପର୍କୀୟ ଭଉଣୀ ବିଭିନ୍ନ ସ୍ଥାନକୁ ବୁଲାବୁଲି କରିବାକୁ ଯାଆନ୍ତି। ଗତ ଶନିବାର ବଳରାମ ଜଣେ ନାବାଳିକାଙ୍କୁ ସାଙ୍ଗରେ ନେଇ ଭୁବନେଶ୍ୱର ଆସିଥିଲା। ବିଭିନ୍ନ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ମାଷ୍ଟର୍‌କ୍ୟାଣ୍ଟିନ ସ୍ଥିତ ଏକ ଲଜ୍‌କୁ ନେଇଥିଲା। ସେଠାରେ ତାଙ୍କ ସହିତ ଜୋର୍‌ଜବରଦସ୍ତ ଦୁଷ୍କର୍ମ କରିଥିଲା। ଏନେଇ ନାବାଳିକା ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଆଜି ବଳରାମକୁ କୋର୍ଟଚାଲାଣ କରିଛି।

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

By virtue of an affidavit (No. 1868, dated- 26/10/2023) before Executive Magistrate, Angul. That, I **Vijay Kumar Samal,** S/o Dibakar Samal, resident of At-House No.032, PO-Hakimpada, Near Old Bambo Office, Near Vijay Food Products, Dist- Angul, Pin-759143, Odisha have Changed my son's name from **SRI GOPAL SAMAL** to **SHREE GOPAL SAMAL** for all future purposes.

**OFFICE OF THE REGULATED MARKET COMMITTEE, KUCHINDA**

At/- Kundaposi, Po-Kuchinda, Near-Fire Station, In Front of Forest Park, Sambalpur Pin-768222 Tele Phone No. (06642) 221066, Email Id: rmc.kuchinda@gmail.com

ଏତଦ୍ୱାରା କୁଚିଣ୍ଡା ଉପଖଣ୍ଡର ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କୁ ଜଣାଇ ଦିଆଯାଉଅଛିଯେ ଆସନ୍ତା ତା.୨୭/୧୧/୨୦୨୩ରିଖ ସୋମବାର ଠାରୁ ନିର୍ଦ୍ଧାରିତ ତାରିଖ ଓ ବାର ଅନୁଯାଇ ୫୪ଗୋଟି ଧାନମଣ୍ଡି/କ୍ରୟକେନ୍ଦ୍ର ଦ୍ୱାରା ଧାନ କ୍ରୟ କରାଯିବ । ଏଣୁ ଚାଷୀ ଭାଇ ଭଉଣୀ ମାନଙ୍କୁ ଅନୁରୋଧନିଜ ନିଜର ଉତପାଦିତ ଧାନକୁ ଭଲଭାବରେ ସଫା ସୁତୁରା କରି FAQ ମାନଙ୍କୁ ଉନ୍ନୀତ କରାଇ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବେ ।

| କ୍ର ନଂ | ଧାନର କିସମ | କୁଇଣ୍ଟାଲ ପିଛା ସରକାର ଙ୍କ ଧାର୍ଯ୍ୟ ମୂଲ୍ୟ |
|---|---|---|
| ୧ | ମୋଟା ଧାନ ( FAQ) | ଟ. ୨୧୮୩.୦୦ ଙ୍କା |
| ୨ | 'କ' ଶ୍ରେଣୀ ଧାନ | ଟ. ୨୨୦୩.୦୦ ଙ୍କା |

କାର୍ଯ୍ୟକାରି ସମୟ:- ସକାଳ ୮ ଘଟିକାରୁ ଦିବା ୧୨ ଘଟିକା ପର୍ଯ୍ୟନ୍ତ ଧାନ ସଂଗ୍ରହ କରାଯିବ ।

ଜିଲ୍ଲା ପ୍ରଶାସନ ସମ୍ବଲପୁର

A-900

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**ROURKELA IRRIGATION DIVISION,ROURKELA**
email Id :- seridrkl@gmail.com
**e-PROCUREMENT NOTICE**
**BID IDENTIFICATION NO. SERID-RKL-10/2023-24 DT.22.11.2023**

The **Superintending Engineer, Rourkela Irrigation Division, Rourkela** on behalf of Governor of Odisha invites **Percenatge Rate Bid** in **single cover system** to be received in online mode from the eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD work as detailed below.

| | | | |
|---|---|---|---|
| 1. | Nature of Work | : | CANAL WORKS AND FLOOD WORKS |
| 2. | Total Number of works | : | 08(Eight) nos |
| 3. | Bid Identification No. | : | SERID-RKL-10/2023-24 (Online) |
| 4. | Estimated Cost | : | Rs.9.55 lakh to 31.77 lakh |
| 5. | Class of Contractor | : | Referred to DTCN |
| 6. | Cost of Tender Paper | : | Referred to DTCN (Non Refundable) |
| 7. | Earnest Money Deposit | : | Referred to DTCN (Refundable) |
| 8. | Period of completion | : | Referred to DTCN |
| 9. | Date & time of Availability of Bid documents in the portal | : | From dt 30.11.2023 at 10.00 A.M to dt. 11.12.2023 up to 05.00 P.M. |
| 10. | Last Date / time for receipt of bids in the portal | : | Dt. 11.12.2023 at 05.00 P.M |
| 11. | Date and time of Opening of Bids | : | Dt. 12.12.2023 at 11.30 hours |
| 12. | Last date & time of seeking of clarification | : | Dt 08.12.2023 at 5.00 P.M |
| 13. | Place of Opening | : | Office of the Superintending Engineer, Rourkela Irrigation Division, Rourkela. |
| 14. | Name and Address of the Officer Inviting Bid | : | Superintending Engineer, Rourkela Irrigation Division, Rourkela. |

The bidders have to participate in ONLINE bidding only. As Goods & Service Tax (GST) has Come into force with effective from 01.07.2017.
Further details can be seen from the Govt. web site www.tendersorissa.gov.in.

SUPERINTENDING ENGINEER
ROURKELA IRRIGATION DIVISION
ROURKELA

OIPR - 32018/11/0011/2324

# ଫଟୋରେ ଖବର | ପାରାଦୀପରେ ମହାମହିମ


ପାରାଦୀପ ବୋଇତ ବନ୍ଦାଣ ଉତ୍ସବରେ ଯୋଗ ଦେଇଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପାରମ୍ପରିକ ବାଦ୍ୟର ତାଳେ ତାଳେ ପାଛୋଟି ନିଆଯାଉଛି।


ବୋଇତ ବନ୍ଦାଣ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ରାଷ୍ଟ୍ରପତି ଶୁଭାରମ୍ଭ କରୁଛନ୍ତି।


ପତାକା ଦେଖାଇ ରାଷ୍ଟ୍ରପତି ବୋଇତ ଯାତ୍ରା ଶୁଭାରମ୍ଭ କରୁଛନ୍ତି।



କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ, ମନ୍ତ୍ରୀ ଓ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଅନ୍ୟମାନେ।


ବନ୍ଦର ପକ୍ଷରୁ ରାଷ୍ଟ୍ରପତିଙ୍କୁ ଉପହାର ପ୍ରଦାନ କରାଯାଉଛି।


ଜାହାଜରେ ବନ୍ଦର ଭିତର ପରିଦର୍ଶନ କରୁଛନ୍ତି ରାଷ୍ଟ୍ରପତି।

# ବୋଇତ ବନ୍ଦାଣ ମନେ ପକାଇଦେଲା ପ୍ରାଚୀନ ନୌବାଣିଜ୍ୟ ପରମ୍ପରା







ନାଉଗାଁ, ୨୭।୧୧(ସମିସ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନାଉଗାଁର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଜରାଜପୁରର ତୁମ୍ବେଶ୍ୱର, କୋରୁଅର ଗାରୋଇ ଓ ଶିଖରର ଶିଖରଘାଟ ନିକଟରେ ଏହି ଉତ୍ସବ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଛି। ଶିଖରଘାଟ ନିକଟରେ ନାଉଗାଁ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଏହି ଉତ୍ସବ ପାଇଁ ପ୍ରାତଃ ସମୟରୁ ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପିଲାଙ୍କୁ ସାଧବ ପୁଅବୋହୂ ବେଶରେ ସଜ୍ଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୋଠଦା ମଠାଧୀଶ ମହନ୍ତ ଚିନ୍ତାମଣୀ ପର୍ବତ ଗୋସ୍ୱାମୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ପରିଷଦର ସଭାପତି ଚିନ୍ତାମଣୀ ପର୍ବତ ଗୋସ୍ୱାମୀଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ସମ୍ମାନୀତ ଅତିଥି ଭାବେ ଡ. ଅଭୟ ମଲ୍ଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ପାରାଦୀପ ବନ୍ଦର ପୂର୍ବତନ ଟ୍ରଷ୍ଟି ପ୍ରାତପ ମିଶ୍ର, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚାଇନା ପ୍ରଧାନ, ଆଇନଜୀବୀ ବିଷ୍ଣୁ ପ୍ରସାଦ ସ୍ୱାଇଁ, ଜ୍ୟୋତିର୍ମୟୀ ଦଳାଇ ପ୍ରମୁଖ ଯୋଗଦେଇ ଓଡିଆ ପୁଅମାନେ କିପରି ସାହସିକତାର ସହିତ




ବୋଇତ ସାହାଯରେ ସମୁଦ୍ର ମଧ୍ୟରେ ବିଭିନ୍ନ ଦେଶକୁ ଯାତ୍ରା କରି ବେପାର ବାଣିଜ୍ୟ କରୁଥିଲେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପରିଷଦର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ଜ୍ୟୋତିଷଚନ୍ଦ୍ର ଦାସ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଅରବିନ୍ଦ ପୁର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ତଅପୋଇ ନୃତ୍ୟନାଟିକା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବେଣୁଧର ସ୍ୱାଇଁ, ହିମାଂଶୁ ମହାନ୍ତି, ତ୍ରିଲୋଚନ ପାଢ଼ୀ, ସୁକାନ୍ତ ଲେଙ୍କାଙ୍କ ସମେତ ପରିଷଦର ସମସ୍ତ ସଦସ୍ୟ ଓ ବିଲିପଡ଼ା ଶିଖର ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଉତ୍ସବ ଦେଖିବା ପାଇଁ ପୁରୀ ଜିଲ୍ଲାର କାକଟପୁର, ନିଆଳି, ଜଗତସିଂହପୁର ଜିଲାର ବିଭିନ୍ନ ଗ୍ରାମ ତଥା ନାଉଗାଁ ବ୍ଲକର ବିଭିନ୍ନ ଗ୍ରାମରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ସେହିପରି ଗଜରାଜପୁର ପଞ୍ଚାୟତର ତୁମ୍ବେଶ୍ୱର ମହାଦେବଙ୍କ ପୀଠରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ମହାମୃତ୍ୟୁଞ୍ଜୟ ଘୃତଯଜ୍ଞ ଓ ଅନ୍ନଦାନ ସାଙ୍ଗକୁ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ସମାରୋହର ଆୟୋଜନ କରାଯାଇଥିଲା। ତୁମ୍ବେଶ୍ୱର ଉନ୍ନୟନ ପରିଷଦର ସଦସ୍ୟ ପରିଚାଳନା କରିଥିଲେ। ସେହିପରି କୋରୁଅ ପଞ୍ଚାୟତର ଗାରୋଇ ଆଶ୍ରମ ପକ୍ଷରୁ ଦେବୀନଦୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଗାରୋଇ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଓ ଶିଶୁମନ୍ଦିରର ଛାତ୍ରଛାତ୍ରୀ ସାଧବ ପୁଅ ଓ ସାଧବାଣୀ ହୋଇ ବୋଇତ ବନ୍ଦାଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗାରୋଇ ଆଶ୍ରମର ବାବା ଶ୍ରୀ ଶ୍ରୀ ଦିବ୍ୟଲୋଚନ ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ।

**ଏରସମା:** ସୋମବାର ଭୋରସକାଳୁ ଜଟାଧାର ବେଳାଭୂମି ମହୋତ୍ସବ ତଥା ବୋଇତ ବନ୍ଦାଣ ଉତ୍ସବ-୨୦୨୩ ଅନୁଷ୍ଠିତ ହୋଇଛି। ଅଭୟଚାନ୍ଦପୁର ଥାନାର ଭାରପ୍ରାପ୍ତ ଅଧିକାରୀ ରାଜକିଶୋର ବେହେରା, ପିତବାସ ଗୋଚ୍ଛାୟତ, ମାନସ ମିଶ୍ର, ସୁମନ ମିଶ୍ର, ରଜନୀକାନ୍ତ ପୁରୋହିତ ଅତିଥି ରୂପେ ଯୋଗ ଦେଇଥିଲେ। କିଶୋର ପରିଡ଼ା କର୍ତ୍ତା ଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ହେମନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ଦୀପ୍ତିରଞ୍ଜନ ସ୍ୱାଇଁ, ଉପଦେଷ୍ଟା ପୂର୍ବତନ ସରପଞ୍ଚ ଶିଶିର ମହାପାତ୍ର, ଅକ୍ଷୟ ବେହେରା, ନୃସିଂହ ରାଉତ, ନିତ୍ୟାନନ୍ଦ ସ୍ୱାଇଁ, ଯୋଗେନ୍ଦ୍ର ମଲ୍ଲିକ, କୈଳାସ ମହାନ୍ତି, ସୁରେଶ ଦାସ, ସନାତନ ବର୍ଦ୍ଧନ, ରଞ୍ଜନ ବର୍ଦ୍ଧନ, ରଞ୍ଜନ ସ୍ୱାଇଁ, ପ୍ରଫୁଲ୍ଲ ମହାନ୍ତି, ବିକାଶ ବର୍ଦ୍ଧନ, ବିଜୟ ବାରିକ, ପ୍ରଭାତ ରାଉତ, ସନ୍ତୋଷ ମହାନ୍ତି, ସୁରେଶ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ଡିଙ୍କିଆ ସରପଞ୍ଚ ଶିଶିର ପରିଡ଼ା ଅଧ୍ୟକ୍ଷତା କରିଥିଲେ।

ଆମ୍ବିକି ପଞ୍ଚାୟତର କାଙ୍କଣ ଗ୍ରାମର ପରମାନନ୍ଦଡିଆରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ବିଜେଡି ନେତା ସାରଦା ପ୍ରସନ୍ନ ଜେନା ଯୋଗ ଦେଇଥିଲେ। ଏରସମା ବ୍ଲକ ଡିଙ୍କିଆ ପଞ୍ଚାୟତରେ ମଧ୍ୟ ବୋଇତ ବନ୍ଦାଣ କରାଯାଇଛି। ସେହିପରି ପର୍ଯ୍ୟଟନସ୍ଥଳ ଶିଆଳି ବେଳାଭୂମିରେ ମଧ୍ୟ ବୋଇତ ବନ୍ଦାଣ ଉତ୍ସବ ପାଳନ ସହ ବାଲିଯାତ୍ରା ଉଦ୍‌ଘାଟିତ ହୋଇଛି।

**ବାଳିକୁଦା:** ବାଳିକୁଦା ବ୍ଲକ ବାଳିକୁଦା ବୋଇତ ବନ୍ଦାଣ କମିଟି ପକ୍ଷରୁ ବାଳିକୁଦା ବାଲିଯାତ୍ରା ତିନି ମୁହାଣୀଠାରେ ୧୭ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବାଳିକୁଦା ସରପଞ୍ଚ ରାଜକିଶୋର ସାହୁ, ଶିକ୍ଷାବିତ ବୈରାଗୀ ଚରଣ ରାଉତ, ଅନୁଷ୍ଠାନର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, ଉପସଭାପତି କମଳାକାନ୍ତ ମହାପାତ୍ର, ସହ ସମ୍ପାଦକ ସୌମ୍ୟଜିତ ମହାପାତ୍ର, କୋଷାଧ୍ୟକ୍ଷ ଗୋପବନ୍ଧୁ ଦାସ, ଅଢ଼ଙ୍ଗା ସରପଞ୍ଚ ସୁବ୍ରତ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ସାଧବ ପୁଅବୋହୂ ବେଶରେ କୁନି କୁନି ପିଲା ସଜିତ ହୋଇଥିଲେ। ଅନୁଷ୍ଠାନର ସଭାପତି ଶିବବ୍ରତ ଦାସ ପୌରହିତ କରିଥିଲେ। ରାଜେଶ ନାୟକ, ସୁଦର୍ଶନ ସ୍ୱାଇଁ, ମଦନ ସାହୁ, ବୁଲୁ ମହାନ୍ତି, ଶିଶିର ନାୟକ, ପରମାନନ୍ଦ ମହାନ୍ତି, ପର୍ଶୁରାମ ମହାନ୍ତି,




ନିତ୍ୟାନନ୍ଦ ମହାନ୍ତି, ଆଦିତ୍ୟ ଓଝା, ଲାଲୁ ସାମଲ, ମାନସ ନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, ବିନୋଦ ଜେନା ପ୍ରମୁଖ ସହଯୋଗ କରିଥିଲେ।

**ରଘୁନାଥପୁର:** ଶିର୍ଲୋ ବରହମପୁର ଆଞ୍ଚଳିକ ବୋଇତ ବନ୍ଦାଣ କମିଟି ପକ୍ଷରୁ ୩୧ ତମ ବୋଇତ ବନ୍ଦାଣ ଉତ୍ସବ ଓ ଶ୍ରୀମଦ ଭଗବତ କଥା ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ବୋଇତ ବନ୍ଦାଣ କରାଯାଇ ମହାନଦୀରେ ବୋଇତ ଭସା ଯାଇଥିଲା। ପରେ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ ଭଗବତ କଥା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଆଧ୍ୟାଲିକ ସଭାରେ ମାହେଶ୍ୱରୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ରଘୁନାଥ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥ ôଭାବେ ଶ୍ରୁତି ସାଗର ମହାରାଜ ଯୋଗଦେଇ ବୋଇତ ବନ୍ଦାଣର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗନ୍ଧର୍ବ ଚନ୍ଦ୍ର ଆଚାର୍ଯ୍ୟ, ବାବାଜୀ ମଦନ ମୋହନ ଦାସ, ବାବା ବିଶ୍ୱନାଥ ଦାସ୍ ମହାରାଜ, ବିଶ୍ୱହିନ୍ଦୁ ପରିଷଦର ମନୋଜ ଆଚାର୍ଯ୍ୟ, ହିନ୍ଦୁ ଜାଗରଣ ମଞ୍ଚର ତନ୍ମୟ ଦାସ, କଟକ ସଦର ବିଜେପି ଯୁବନେତା ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସେଠୀ, ଚଳଚ୍ଚିତ୍ର ତାରକା ହରିହର ମହାପାତ୍ର, ମିଟୁ ମିଥୁନ, ଦିବ୍ୟ କୃପାନନ୍ଦ ମହାରାଜ, ସମିତି ସଭ୍ୟ ବିଷ୍ଣୁ ଚରଣ ମାଦେଳୀ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ସାହୁ, ଗୋକୁଳ ପ୍ରଧାନ, ସଞ୍ଜୟ ସାହୁ, ରାଜନ ମହାନ୍ତି, ସନ୍ତୋଷ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦୋଷ ଚୌଧୁରୀ, ମାନସ ଆଚାର୍ଯ୍ୟ, ବାପିନା ଭୋଇ, ସମୀର ଭୋଇ ପ୍ରମୁଖଙ୍କ ସହ ଉତ୍କଳ ବିକାଶ ପରିଷଦ, ସମାଜ ବିକାଶ ମିଶନ, ଜୟ ହନୁମାନ ଅନୁଷ୍ଠାନ ଓ ଉତ୍କଳାକ୍ଷୀ କ୍ଲବ୍‌ର କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ସାମ୍ବାଦିକ ବିଜୟ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।




## କଳିଙ୍ଗ ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟା
# ନାଚଗୀତରେ ଝୁମିଲେ ଦର୍ଶକ



ପାରାଦୀପ, ୨୭।୧୧ (ସମିସ): ପାରାଦୀପ ସମୁଦ୍ର ବେଳାଭୂମିର ବିଜୁ ମଇଦାନରେ ଅନୁଷ୍ଠିତ ଐତିହାସିକ କଳିଙ୍ଗ ବାଲିଯାତ୍ରା ମହୋତ୍ସବର ସୋମବାର ୨ୟ ସନ୍ଧ୍ୟାରେ ଅନୁଷ୍ଠିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦର୍ଶକ ଝିମି ଉଠିଛନ୍ତି। ପ୍ରଥମେ ଈଶ୍ୱରୀୟ ପ୍ରଜାପିତ ବ୍ରହ୍ମ କୁମାରୀ ପକ୍ଷରୁ ଏକ ଆଧ୍ୟାତ୍ମିକ ସଭା ଆୟୋଜନ କରାଯାଇଥିଲା। ପରେ ମା' କେନ୍ଦୁଳାଇ ବାସେଳି ପକ୍ଷରୁ ଚଇତି ଘୋଡା ନାଚ, ସାଇକ୍ରିଷ୍ଣା ପକ୍ଷରୁ ଆଧୁନିକ ନୃତ୍ୟ, ଶ୍ରୀଜଗନ୍ନାଥ ଲଳିତ କଳା ମଣ୍ଡପ ପକ୍ଷରୁ ଓଡିଶୀ ନୃତ୍ୟ, ଜିତ କେ ବିଜୟଚାନ୍ଦପୁରର ଡ୍ୟାନ୍ସ ଧାମାକା, ପଟାମୁଣ୍ଡାଇର ରଥ ନୃତ୍ୟ, ପୁରୀର ମାଲଖମ୍ବ ଓ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ସମାରୋହରେ 'ସ୍ମୃତି ତୁମେ ଅକ୍ଷୟ' ଅନୁଷ୍ଠିତ ହୋଇଥିଲା। ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦରର ସଚିବ ଡ. ପି ଏନ ବାହେକର ଯୋଗ ଦେଇ ଥଲେ। ସମ୍ମାନିତ ଅତିଥି ଭାବେ ପିପିଏଲର ମୁଖ୍ୟ କର୍ପୋରେଟ ଆଫେୟାର୍ସ ସୁଧି ରଞ୍ଜନ ମିଶ୍ର, ଏନଆରଏଲର ସାଧାରଣ ପରିଚାଳକ(ପ୍ରକଳ୍ପ) ଅମର ଜ୍ୟୋତି ଫୁକନ ଓ ପାରାଦୀପ ପୌର ପରିଷଦର ନିର୍ବାହୀ ଅଧିକାରୀ ଡ ପ୍ରଦୀପ ସାହା ଯୋଗ ଦେଇଥିଲେ।

● ଆଞ୍ଚଳିକ ବାଲିଯାତ୍ରା ଉଦ୍‌ଘାଟିତ

# ୭ ଦିନ ଧରି ଚାଲିବ, ଦୁଇ ଶହରୁ ଅଧିକ ବ୍ୟବସାୟିକ ଷ୍ଟଲ




**ମାର୍ଥାପୁର, ୨୭।୧୧(ସମିସ):** ଭୁବନ ବ୍ଲକ ଅନ୍ତର୍ଗତ ଅରଖପାଳ ରାମିଆଳ ନଦୀକୂଳରେ ସୋମବାର ଆଞ୍ଚଳିକ ବାଲିଯାତ୍ରା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାଳ୍ପିକ, ସାହିତ୍ୟିକ ତଥା ସମାଜସେବୀ କୃପା ସାଗର ସାହୁ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ସଦସ୍ୟା ଶିଳାରାଣୀ ସାହୁ, ଅରଖପାଳ ସରପଞ୍ଚ ଧଳା ବରାଳ, ବ୍ଲକ ବିଜେଡି ସଭାନେତ୍ରୀ ପୁଷ୍ପାରାଣୀ ସାହୁ ଆଞ୍ଚଳିକ କୃଷ୍ଣ ଉନ୍ନୟନ ପରିଷଦର ସଭାପତି ବିଷ୍ଣୁଚରଣ ମିଶ୍ର, ସମାଜସେବୀ ଭାଗିରଥି ଜେନା, ପୂର୍ବତନ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ସାହୁ ଓ ଆଖପାଖ ଅଞ୍ଚଳର ସରପଞ୍ଚ ତଥା ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

ଏହି ଆଞ୍ଚଳିକ ବାଲିଯାତ୍ରା ୭ ଦିନ ଧରି ଚାଲିବ।ସୋମବାର ଉଦ୍‌ଘାଟନ ପ୍ରଥମ ଦିନରେ ବେଶ ଜନ ସମାଗମ ଦେଖିବାକୁ ମିଳିଛି। ଯାତ୍ରାରେ ପିଲାଙ୍କ ଦୋଳି, ମୀନାବଜାର ସାଙ୍ଗକୁ ଘରକରଣା ସମାଗ୍ରୀ ମିଳୁଥିବାରୁ ସନ୍ଧ୍ୟା ସମୟରେ ବେଶ୍ ଭିଡ ଦେଖିବାକୁ ମିଳୁଛି। ଶାନ୍ତି ଶୃଙ୍ଖଳା ପାଇଁ କାମାକ୍ଷକ୍ଷନଗର ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆଞ୍ଚଳିକ ବାଲିଯାତ୍ରାର ୨୭ ବର୍ଷ ପୂର୍ତ୍ତୀ ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା କମିଟି ସୂତ୍ରରୁ ପ୍ରକାଶ। କାର୍ଯ୍ୟକ୍ରମରେ ଯାତ୍ରା କମିଟି ସଭାପତି ଭାସ୍କର ଚନ୍ଦ୍ର ସାହୁ, ପ୍ରତିଷ୍ଠାତା ବିପ୍ରବର ସାହୁ, ସମ୍ପାଦକ ସନ୍ୟାସୀ ବରାଳ, ଉପ ସଭାପତି ମାଧବ ବରାଳ, ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ସାହୁ, ଗ୍ରାମ ସଭାପତି ଶଙ୍କର୍ଷଣ ଲେଙ୍କା, ଗିରିଜା ପ୍ରସାଦ ବରାଳ, କୃଷ୍ଣ ବରାଳ, ଲକ୍ଷ୍ମୀଧର ଦଲେଇ, ସୁବାସ ଜେନା ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

# କପିଳାସ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ନିରବଚ୍ଛିନ୍ନ ଭାବେ ଅନୁଦାନ ପ୍ରଦାନ କଲେ ଅନୁଷ୍ଠାନ ପ୍ରୋତ୍ସାହିତ ହେବ

ଢେଙ୍କନାଳ, ୨୭।୧୧(ସମିସ)




ଢେଙ୍କାନାଳ ମାଇକ୍ରୋମିଡିଆ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ପଞ୍ଚମ କପିଳାସ ମହୋତ୍ସବର ଦ୍ୱିତୀୟ ସଂଧ୍ୟାରେ ସହରର ଗୋପବନ୍ଧୁ ଟାଉନହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ମହେଶ ସାହୁ ଯୋଗଦେଇ ସାଂସ୍କୃତିକ ଅନୁଷ୍ଠାନକୁ ନିରନ୍ତର ଭାବେ କାର୍ଯ୍ୟ କରୁଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କର କାର୍ଯ୍ୟକ୍ରମର ସମୀକ୍ଷା କରି ନିରବଚ୍ଛିନ୍ନ ଭାବେ ଅନୁଦାନ ପ୍ରଦାନ କଲେ ଅନୁଷ୍ଠାନମାନେ ପ୍ରୋତ୍ସାହିତ ହୋଇପାରିବେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଯୋଗଦେଇ ନିଜ ପିଲାମାନଙ୍କୁ ଆଦର୍ଶ ଭାବେ ଗଢି ତୋଳିବାପାଇଁ ଅଭିଭାବକ ଓ ଗୁରୁମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମ୍ମାନିତ ଅତିଥି ଭାବେ ପୌରଉପାଧ୍ୟକ୍ଷ ପ୍ରକାଶ କୁଅଁର, ନଟରାଜ ସଙ୍ଗୀତ ମହାବିଦ୍ୟାଳୟର ସଭାପତି କୃଷ୍ଣ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ଦିପ୍ତିଶପ୍ରସାଦ ପଟ୍ଟନାୟକ, ଯୁବ ସମାଜସେବୀ ଦେବାଶିଷ ମିଶ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଭୂୟସୀ ପ୍ରଶଂଶା କରିଥିଲେ।

ଅନୁଷ୍ଠାନର ନିର୍ଦ୍ଦେଶକ ଅଥୟ କୁମାର ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଇଂ ସୌମ୍ୟବ୍ରତ ସାହୁ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା ସ୍ମୃତି ଉନ୍ମୋଚନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସେବା ଲାଗି ଜିଲ୍ଲା ଅଗ୍ନିଶମ ସେବା ଅଧିକାରୀ ପ୍ରସାନ୍ତ କୁମାର ଧଳ, ଡ. ବିଧାନ ଚନ୍ଦ୍ର ମିଶ୍ର ସ୍ମୃତି ସମ୍ମାନରେ ଡ. ତାରାପ୍ରସନ୍ନ ଶତପଥୀ, ସାମ୍ବାଦିକ ସତ୍ୟସ୍ୱରୂପ ଦାଶ, ବିମଳ କୁମାର ଥମ୍ବ, ସମାଜସେବୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଦଣ୍ଡନୃତ୍ୟର କର୍ମକର୍ତ୍ତା ସନ୍ତୋଷ କୁମାର ସ୍ୱାଇଁ, କଣ୍ଠଶିଳ୍ପୀ ସମାହିକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମକୁ ସୁଶାନ୍ତ ପାଣି ସଂଯୋଜନା କରିଥିଲେ। ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଓକିଲ ସଂଘର ସଭାପତି ଗୋପାଳ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସମାଜସେବୀ ରାମଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବେହେରା, ସୁକାନ୍ତ ମିଶ୍ର ଓ ଗଙ୍ଗାଧର ରାଉତ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଦୁର୍ଘଟଣାରେ ୨ ଆହତ



**କାମାକ୍ଷାନଗର, ୨୭ ।୧୧(ସମିସ):** କାମାକ୍ଷାନଗର ଉପଖଣ୍ଡ କଙ୍କଡାହାଡ଼ ଥାନା ଦଣ୍ଡାଧର ନିକଟରେ ସୋମବାର ଅପରାହ୍ନରେ ବାଇକ୍ ଦୁର୍ଘଟଣା ହୋଇ ୨ଜଣ ଗୁରୁତର ହୋଇ କାମାକ୍ଷାନଗର ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ଉଭୟ ବାଇକ୍‌ରେ ବାହାଡ଼ାପାଳରୁ କଙ୍କଡାହାଡ଼ ଆଡକୁ ଆସୁଥିବା ବେଳେ ଦଣ୍ଡାଧର ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ହୋଇଥିଲା। ଆହତମାନେ ବାହାଡ଼ାପାଳ ଗାଁର ବିପିନ ଦେହୁରୀ (୨୨) ଓ କାଦବସନ୍ତ ଗାଁର ଅରୁଣ ଦେହୁରୀ (୨୦) । ଉଭୟଙ୍କୁ କାମାକ୍ଷାନଗର ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

# ବିଜେଡିରେ ମିଶିଲେ ବହୁ ବିଜେପି ନେତା

**କାମାକ୍ଷାନଗର, ୨୭।୧୧(ସମିସ):** ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନ୍ତିଓକାଟେଣୀ ପଞ୍ଚାୟତର ବିଜୁ ଜନତା ଦଳର ଭାଗ୍ୟଧର ସାହୁଙ୍କ ନେତୃତ୍ୱରେ ବହୁ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବିଜେପିର ଛବିଳ ବିଶ୍ୱାଳ, ପ୍ରସାନ୍ତ ଦାଶ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଦୀପ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଓ ବିଧାୟକ ଡାକ୍ତର ନୃସିଂହ ସାହୁଙ୍କ ନିର୍ମଳ ଭାବମୂର୍ତ୍ତି ଓ କାର୍ଯ୍ୟଦକ୍ଷତାରେ ଅନୁପ୍ରାଣିତ ବିଜେପି ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ସମସ୍ତ ବିଜେପି ନେତାଙ୍କୁ ବିଧାୟକ ଡାକ୍ତର ସାହୁ ସ୍ୱାଗତ କରିଛନ୍ତି।



# ଅନନ୍ତଶୟନରେ ବାଲିଯାତ୍ରା ଲୋକମହୋତ୍ସବ ଉଦ୍‌ଘାଟିତ



କାମାକ୍ଷାନଗର, ୨୭।୧୧(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଅନନ୍ତଶୟନ ଠାରେ କାର୍ତ୍ତିକ ପୂର୍ଣ୍ଣୀମା ଅବସରରେ ସପ୍ତମ ବାଲିଯାତ୍ରା ଲୋକ ମହୋତ୍ସବ ପାଳିତ ହେଉଛି। ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ନୃସିଂହ ଚରଣ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସକାଳୁ ବିଶ୍ୱଶାନ୍ତି ମହାଯଜ୍ଞ ହେବା ପରେ ବୋଇତ ବନ୍ଦଣା ହୋଇଥିଲା। ଗ୍ରାମର ୭ ଜଣ ସାଧବ ପୁଅ ବେଶ ହେବା ସହ ୭ ଜଣ ସାଧବ ବୋହୂ ବେଶ ହୋଇଥିଲେ। ବ୍ରାହ୍ମଣୀନଦୀରେ ଏକ ଡଙ୍ଗାକୁ ସାଧବ ବୋହୂମାନେ ବନ୍ଦାପନା କରିଥିଲେ।ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଦୀପରୁ ନିଆଁଲାଗି ବୃଦ୍ଧା ଗୁରୁତର

**ଢେଙ୍କନାଳ, ୨୭।୧୧(ସମିସ):** ଢେଙ୍କାନାଳ ସହରସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅଘଟଣ ଘଟିଯାଇଛି। କୁଞ୍ଜକାନ୍ତ ଅଞ୍ଚଳର ଜନୈକ ବୃଦ୍ଧା ମନ୍ଦିରରେ ଦୀପ ଜାଳୁଥିବା ସମୟରେ ଅସାବଧାନତା ହେତୁ ନିଆଁରେ ପୋଡି ହୋଇ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। କୁଞ୍ଜକାନ୍ତସ୍ଥିତ ବାସନ୍ତୀ ନାୟକ(୬୦) କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀ ବଳଦେବଜୀଉଙ୍କ ନିକଟରେ ଦୀପ ଜାଳି ଛିଡା ହୋଇଥିଲେ। ଅଚାନକ ତାଙ୍କ ଲୁଗାରେ ଦୀପରୁ ନିଆଁ ଲାଗିଯାଇଥିଲା। ଶରୀରର ପ୍ରାୟ ୫୦ପ୍ରତିଶତ ପୋଡି ଯାଇଥିବାର ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଅଗ୍ନିକାଣ୍ଡରେ ୬ ବଖରା ଜଳିଗଲା



**ଗଁଦିଆ, ୨୭।୧୧(ସମିସ):** ଗଁଦିଆ ଥାନା ଅନ୍ତର୍ଗତ ଲତାବାଇଁସିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୁତ ହୋଇଛି। ଲତାବାଇଁସିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଭାବ ଭୋଇଙ୍କର ୬ବଖରା ଚାଳଛପର ଘର ସମ୍ପୂର୍ଣ୍ଣ ଭାବରେ ପୋଡିଯାଇଛି। ଏହାଛଡା ଘରଭିତରେ ଥିବା ନଗଦ ଟଙ୍କା ଓ ଧାନ ଚାଉଳ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ୱାର୍ଡ ସଭ୍ୟା ଅଳକା ମହାନ୍ତି ବିପନ୍ନ ପରିବାରର ବାସଗୃହରେ ପହଞ୍ଚି ସମାବେଦନା ଜଣାଇବା ସହ ତୁରନ୍ତ ସରକାରୀ ସାହାର୍ଯ୍ୟ ଯୋଗାଇଦେବା ପାଇଁ ଦାବି କରିଛନ୍ତି।

# ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

**ଢେଙ୍କନାଳ, ୨୭।୧୧(ସମିସ):** ସ୍ଥାନୀୟ ଭାଗିରଥୀ ସାଗର ଠାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସନ୍ଧ୍ୟାତାରା ସାହିତ୍ୟ ସଂସଦ ତରଫରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଧିର କୁମାର ସାମଲ ଯୋଗଦେଇ ପୂର୍ବପୁରୁଷଙ୍କ ନୈବାଣିଜ୍ୟକୁ ମନେ ପକାଇବା ପାଇଁ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଛି। ଏହାଦ୍ୱାରା ପୂରାତନ କଳା ଓ ସଂସ୍କୃତି ଉଜ୍ଜୀବିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଯୋଗଦେଇ ଜିଲ୍ଲାର କଳା ଓ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସାଧବ ପୁଅ ଓ ସାଧବ ବୋହୂ ବେଶରେ ସଜ୍ଜିତ ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ବୋଇତରେ ବସାଇ ମେଲାଣି ଦେଇଥିଲେ। କାର୍ଯ୍ୟକ୍ରମରେ କୁନିକୁନି ପିଲାମାନଙ୍କ ମଧ୍ୟରେ ସାଧବ ପୁଅ ଓ ସାଧବ ବୋହୂ ବେଶ ପ୍ରତିଯୋଗିତା ହୋଇ କୃତୀ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂସଦର ସଭାପତି ପ୍ରଫେସର ଡ. ଭବାନୀ ଶଙ୍କର ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସଂସଦର ସଦସ୍ୟ ବିଭୁତି ଭୁଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନିରଦାନନ୍ଦ ନନ୍ଦ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂସଦର ସଦସ୍ୟ ଅଭିମନ୍ୟୁ ସାହୁ, ସୁଜିତ ମୁଦୁଲି ଓ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।




# ଦୁର୍ଘଟଣାରେ ଗୁରୁତରଙ୍କୁ ମେଡିକାଲ ଆଣିଲେ ସହକାରୀ ଜିଲ୍ଲାପାଳ

**କାମାକ୍ଷାନଗର, ୨୭।୧୧(ସମିସ):** କାମାକ୍ଷାନଗର ଥାନା ଅନ୍ତର୍ଗତ ଶିବୁଲାପଶି ଗ୍ରାମ ନିକଟରେ ବାଇକ୍ ଆରୋହୀଙ୍କୁ ଏକ ଅଜଣା ଗାଡିଧକ୍କା ଦେବାରୁ ଗୁରୁତର ଆହତ ହୋଇଥିଲେ। ଉକ୍ତ ରାସ୍ତାରେ କାମାକ୍ଷାନଗର ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର ଯାଉଥିବା ବେଳେ ଗୁରୁତର ସୁକିନ୍ଦା ଅଞ୍ଚଳର ବିକାଶ ଶୁକ୍ଳା(୩୧) ଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ବିକାଶ ସୁକିନ୍ଦାରୁ ତାଳଚେର ଅଭିମୁଖେ ଯାଉଥିଲେ।



# ଖଡ଼ଗପ୍ରସାଦ ଗ୍ରାମରେ ବୋଇତ ବନ୍ଦାଣ ଉତ୍ସବ

## ଯୁବସମାଜ ନିଜ ପକ୍ଷରୁ କର୍ମସଂସ୍ଥାନ ସୃଷ୍ଟି କରିବାକୁ ପରାମର୍ଶ

ଢେଙ୍କନାଳ, ୨୭।୧୧(ସମିସ)

ଢେଙ୍କାନାଳ ଜିଲ୍ଲା ଓଡାପଡ଼ା ବ୍ଲକ ଅନ୍ତର୍ଗତ ଖଡଗପ୍ରସାଦ ଗ୍ରାମରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ ଯୋଗଦେଇ ଯୁବ ସମାଜ ନିଜେ ଚାକିରି କରିବା ଅପେକ୍ଷା କିପରି ନିଜ ପକ୍ଷରୁ ଚାକିରି ସୃଷ୍ଟି କରି ଅନ୍ୟକୁ ଲଗାଇପାରିବେ ସେଥିପ୍ରତି ଧ୍ୟାନଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିଖିଳ ଉତ୍କଳ ତୈଳିକ ବୈଶ୍ୟ ମହାସଭାର ସଭାପତି ରଘୁନାଥ ସାହୁ, ଉପଦେଷ୍ଟା ଅନନ୍ତ ଚରଣ ସାହୁ, ପ୍ରବଚକ କୃଷ୍ଣଚନ୍ଦ୍ର ନାୟକ, ତୈଳିକ ବୈଶ୍ୟ ସମାଜର ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ସମନ୍ୱୟର ଉପଦେଷ୍ଟା ହୃସିକେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ନିଖିଳ ଉତ୍କଳ ତୈଳିକ ବୈଶ୍ୟ ମହାସଭାର ଉପସଭାପତି ରବି ନାରାୟଣ ସାହୁ ଯୋଗ ଦେଇଥିଲେ। ଖଡ଼ଗପ୍ରସାଦ ଗ୍ରାମ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ପୂର୍ବପୁରୁଷମାନଙ୍କ ରିତିନିତୀ ଅନୁଯାୟୀ ସାଧବ ବୋହୂମାନେ ବନ୍ଦାପନା କରି ୭ଭାଇଙ୍କୁ ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ବ୍ରାହ୍ମଣୀ ନଦୀ ତଟରେ ଆୟୋଜିତ ବୋଇତରେ ମେଲାଣି ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୁଇଜ ପ୍ରତିଯୋଗିତା ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



# ପୁଷ୍କରିଣୀରେ ଡଙ୍ଗା ଭସାଇଲେ ଶ୍ରଦ୍ଧାଳୁ



ଗଁଦିଆ, ୨୭।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣୀମା ପଞ୍ଚୁକବ୍ରତର ଅନ୍ତିମ ଦିବସ। ପ୍ରାତଃ ସମୟରୁ ଗଁଦିଆରେ ବିଭିନ୍ନ ପୁଷ୍କରିଣୀରେ ଶ୍ରଦ୍ଧାଳୁ ଡଙ୍ଗା ଭସାଇଛନ୍ତି। ଆଉ ସେପଟେ ବିଭିନ୍ନ ଦେବପୀଠ ଗୁଡିକ ଭଜନ କୀର୍ତ୍ତନରେ ସମଗ୍ର ଗଁଦିଆ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସୋମବାର ଭୋରୁ ବିଭିନ୍ନ ପୁଷ୍କରିଣୀ ଓ ନଦୀରେ ଡଙ୍ଗା ଭସାଇବା ପାଇଁ ଶ୍ରାଦ୍ଧାଳୁଙ୍କ ବେଶ ଭିଡ ଲାଗି ରହିଥିଲା। କୁନିକୁନି ପିଲାଙ୍କ ଠାରୁ ବୟସ୍କ ସମସ୍ତେ ଡଙ୍ଗା ଭସାଇବାରେ ବେଶ ଉତ୍ସାହିତ ହୋଇ ପଡ଼ିଥିଲେ। ଡଙ୍ଗା ଭଷା ପରେ ପରେ ବିଭିନ୍ନ ଦେବପୀଠରେ ଦର୍ଶନ କରି ନିଜ ପରିବାରର ମଙ୍ଗଳ ମନାସିଛନ୍ତି ଶ୍ରାଦ୍ଧାଳୁ। ବଣୀଆପଡ଼ାର ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ଅଷ୍ଟପ୍ରହରୀ ନାମ ସଂକିର୍ତ୍ତନ ହୋଇଥିଲା। ସଂକିର୍ତ୍ତନ ମଣ୍ଡଳୀଙ୍କ ନାମ ଭଜନରେ ସମ୍ପୂର୍ଣ୍ଣ ପରିବେଶ ଏକ ଭକ୍ତି ଓ ଆଧ୍ୟାତ୍ମିକ ମାହୋଲ ସୃଷ୍ଟି ହୋଇଥିଲା।

## ୩୮ତମ ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଯାପିତ

# ବୋଇତ ବନ୍ଦାଣ ଓଡ଼ିଆ ସଂସ୍କୃତି ଓ ପରମ୍ପରା ବହନ କରୁଛି





**ଅନୁଗୋଳ, ୨୭ ।୧୧(ସମିସ):**

ଅନୁଗୋଳର ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାର ଦ୍ୱାରା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ସଭାଘରଠାରେ ଦୁଇଦିନିଆ ବୋଇତ ବନ୍ଦାଣ ମହୋତ୍ସବ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଦଯାପିତ୍ ହୋଇଯାଇଛି । ବୋଇତ ବନ୍ଦାଣ ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବହନ କରୁଛି ବୋଲି ଏଥିରେ ମତ ପ୍ରକାଶ ପାଇଛି । ସୋମବାର ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲାପାଳ ଉଦୟ ମହାପାତ୍ର, ଉପ ଜିଲ୍ଲାପାଳ ବରଣେନ୍ଦୁ ମହାନ୍ତି ଓ ସୁନାମଧନ୍ୟ କଣ୍ଠଶିଳ୍ପୀ ଟି ସୌରି ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । କଳାକାରର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ ସ୍ୱାଗତ ଅଭିଭାଷଣ ରଖିଥିଲେ । ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ସମ୍ପାଦକୀୟ ପାଠ କରିଥିଲେ । ଏହି ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ । ପରେ ପରେ କଳାକାର ସଦସ୍ୟଙ୍କ ଦ୍ୱାରା ସଙ୍ଗୀତ ଓ ବୋଇତ ବନ୍ଦାଣ ନୃତ୍ୟ ନାଟକ ପରିବେଷଣ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ । ଡ. ବୈରାଗୀ ମଲ୍ଲିକ, ସୁଶ୍ରୀ ପ୍ରତ୍ୟୁଷା ରଥ, ହରମୋହନ ଦାସ ମଞ୍ଚ ପରିଚାଳନା କରିଥିଲେ । ବୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ । ଶରତ ମାଝୀ, କ୍ଷୀରୋଦ ପାତ୍ର, ଇନ୍ଦିରା ଦାସ, ଅନିତା ସିଂଦେଓ, ମନୋଜା ନାଏକ, ରୁଚିର ବରାଳ, ସନ୍ତୋଷ ନାୟକ, ଅଜୟ ସାହୁ, ପ୍ରଶାନ୍ତ ରଥ, ଦେବବ୍ରତ ପଟ୍ଟନାୟକ, ବିଦେଶୀ ନାଏକ, ପ୍ରଫୁଲ୍ଲ ଦାସଙ୍କ ସମେତ କଳାକାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଆନ୍ଧ୍ର, ଓଡ଼ିଶା ମାଛ ଓ ଖାସି ଚାହିଦା ଅଧିକ

**ଗଁଦିଆ, ୨୭।୧୧(ସମିସ):** ବିନା ଆମିଷରେ ଏକ ମାସ ବିତିବା ପରେ ଆସିଛି ଛାଡଖାଇ । ତେବେ ଛଡାଖାଇ ମଙ୍ଗଳବାର ପଡୁଥିବାରୁ ବୁଧବାର ବହୁ ଲୋକ ଛାଡଖାଇ ପାଳିବାକୁ ଲକ୍ଷ ରଖିଛନ୍ତି । ନିୟମିତ ଗ୍ରାହକମାନେ ଆଗୁଆ ମାଛ, ମାଂସଦୋକାନୀଙ୍କୁ ବରାଦ କରିସାରିଲେଣୀ । ଛାଡ଼ଖାଇରେ ମାଛର ଚାହିଦା ବେଶି ରହିଛି । ଶହଶହ ମାଛ, ଚିଙ୍ଗୁଡି, କଙ୍କଡା, ସାମୁଦ୍ରିକ ମାଛ କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାରୁ ଦେଶୀ କୁକୁଡା ଏବଂ ଖସି, ଛେଳି ମାଂସ ପ୍ରଭୃତି ହେବ ଛାଡଖାଇର ସମ୍ଭାର । ତେବେ ରୋହୀ ଓ ଭାକୁର ବ୍ୟତୀତ ବଡ ମାଛ ଉପରେ ନଜର ରହିବା । ଗଁଦିଆ ବରପଦା ମେଡିକାଲ ଛକ ବ୍ଲକ ଛକ, ହାଟଛକ ପ୍ରଭୃତି ଠାରେ ପ୍ରାୟ ୧୫ଟି ମାଛ, ମାଂସ ଓ ଚିକେନ୍ ଦୋକାନ ବିଭିନ୍ନ ପ୍ରକାର ଆମିଷ ମିଳେ । ସେପଟେ ଅନ୍ୟଦିନ ଅପେକ୍ଷା ଛାଡଖାଇ ଲାଗି ଅଧିକ ଭିଡ ହେବାର ଦୃଷ୍ଟିରେ ରଖି ଭୋର ୪ଟାରୁ ଦୋକାନ ଆରମ୍ଭ କରିବୁ ବୋଲି ବ୍ୟବସାୟମାନେ କହୁଛନ୍ତି ।

**ଆଜି ଛାଡଖାଇ**

■ ଶୈଳ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ସମ୍ମୁଖ ପୋଖରୀରେ ତାର ବାଡ଼

## ଲୋକଙ୍କ ଧର୍ମୀୟ ଭାବନା ପ୍ରତି ପ୍ରଶାସନର କୁଠାରାଘାତ

**ଅନୁଗୋଳ ସଦର ୨୭ ।୧୧(ସମିସ):** ଅନୁଗୋଳ ସହରକୁ ସୌନ୍ଦର୍ଯ୍ୟକରଣ କରିବାକୁ ଯାଇ ପ୍ରଶାସନ ଲୋକଙ୍କ ଧାର୍ମିକ ଭାବନା, ପରମ୍ପରା, ସଂସ୍କୃତିକୁ କୁଠାରଘାତ କରୁଛି । ଶୈଳ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ସମ୍ମୁଖ ପୁଷ୍କରଣୀକୁ ତାର ବାଡ଼ ଘେରାଇ ଦିଆଯାଇଛି । ଏଣୁ ଜନ ଅସନ୍ତୋଷ ଦେଖା ଦେଇଛି । ପ୍ରତ୍ୟେହ ଶହ ଶହ ଲୋକ ଏଠରେ ସ୍ନାନକର୍ମ ପାଇଁ ନିର୍ଭରଶୀଳ । ଏଠାରେ କର୍ମ କାଣ୍ଡ ସହ ବିଭିନ୍ନ ପୂଜା ଉତ୍ସବ ପାଇଁ କଳସ ଯାତ୍ରା ହୁଏ । ଛଟ ପୂଜା ପାଇଁ ମଧ୍ୟ ଏହା ଏକ ମାତ୍ର ନିର୍ଭରଶୀଳ । ସେହିଭଳି ଲୋକେ ଏଠାରେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇ ପ୍ରାଚୀନ ଉତ୍କଳର ସାଧବପୁଅଙ୍କ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଥାନ୍ତି । ଏଭଳି ଧାର୍ମିକ ଭାବନାକୁ ଗୁରୁତ୍ୱ ବହନ କରୁଥିବା ଏହି ପୁଷ୍କରଣୀକୁ ଜିଲ୍ଲା ପ୍ରଶାସନ ଏବେ ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ କରିବା ଆଳରେ ଚାରିପାଖେ ତାର ବାଡ଼ ଘେରାଇ ଦେଇଛି । ଏଣୁ ଲୋକଙ୍କ ସ୍ନାନଠାରୁ ଆରମ୍ଭ କରି ଦଶାହ ତୁଠ, କର୍ମକାଣ୍ଡ ଓ ଉତ୍ସବ ଆଦି ସମ୍ପାଦନ କରିବାରେ ଅନୁଗୋଳବାସୀ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସୋମବାର ପ୍ରତ୍ୟୁଷରୁ ଶ୍ରଦ୍ଧାଳୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ସାରି ଡଙ୍ଗା ଭାଷାଣି ପାଇଁ ପୁଷ୍କରଣୀ ପାଇ ନଥିଲେ । ଭୋରରୁ ସକାଳ ପ୍ରାୟ ୧୦ଟା ଯାଏଁ ଲୋକେ ପିଲା ପରିବାର ସହ ଧୂପ ଦୀପ ଧରି ଡଙ୍ଗା ଭସାଇବାକୁ ରାସ୍ତାରେ ଏପଟ ସେପଟ ହେଉଥାନ୍ତି । କ୍ଷଣକ୍ଷରେ ଲୋକଙ୍କ ଅସନ୍ତୋଷର ସୀମା ଟପି ଯାଇଥିଲା । ପାଚେରୀ ଭାଙ୍ଗି କେତେକ ଲୋକ ପୋଖରୀରେ ପଶିଥିଲେ । ତେବେ ହଜାର ହଜାର ଲୋକଙ୍କ ସମାବେଶ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସହାୟତା ଅବା ଶୃଙ୍ଖଳା ରକ୍ଷା ପାଇଁ କେହି ନ ଥିଲେ ।

## ତୈଳିକ ସମାଜର ବୋଇତ ବନ୍ଦାଣ

**ଭୁବନ, ୨୭ ।୧୧( ସମିସ):** ଭୁବନର ଆରାଧ୍ୟ ଦେବତା ବାବା ବୁଦ୍ଧେଶ୍ୱର ପୀଠରେ ସୋମବାର ବାଲିଯାତ୍ରା ଓ ଡଙ୍ଗାଭସା ଉତ୍ସବ ପାଳିତ ହୋଇଯାଇଛି । ଭୋରୁ ପ୍ରଭୁଙ୍କ ପୂଜା ପରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଶ୍ରଦ୍ଧାଳୁ ବାବା ବୁଦ୍ଧେଶ୍ୱର ପୀଠ ନିକଟ ବ୍ରାହ୍ମଣୀ ନଦୀରେ ଡଙ୍ଗା ଭସାଇ ଥିଲେ । ଏହି ଅବସରରେ ଭୁବନ ତୈଳିକ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଥିଲା । ବୋଇତ ବନ୍ଦାଣ ଉତ୍ସବରେ ତୈଳିକ ସମାଜ ସଭାପତି ବିଦ୍ୟାଧର ସାହୁଙ୍କ ଅଧ୍ୟକ୍ଷତା କରିଥିଲେ ।ଭୁବନ ନଗରପାଳ ଶୁଭେନ୍ଦୁ ସାହୁ ଅତିଥିଭାବେ ଯୋଗଦେଇ ଓଡ଼ିଆ ସଂସ୍କୃତିରେ ଅସ୍ମିତାର ପରିଚୟ ସମ୍ପର୍କରେ ଆଲୋଚନା ହୋଇଥିଲେ । ଶୁଭେନ୍ଦୁ ସାହୁଙ୍କ ସମେତ ଅନ୍ୟଅତିଥି ମଧ୍ୟ ଯୋଗ ଦେଇଥିଲୋ ତେର ଥାନା ତୈଳିକ ସମାଜ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ପୃଷ୍ଟି, ଯୋଗ ଦେଇଥିଲେ ।। ସମ୍ପାଦକ ନୃସିଂହ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ନାରାୟଣ ସାହୁ, ସନ୍ତୋଷ ସାହୁ ଦୁଷ୍ମନ୍ତ ସାହୁ, ତ୍ରିଲୋଚନ ସାହୁ, ପ୍ରକାଶ ପୃଷ୍ଟି, ମାନସ ସାହୁ, ସୁନାକର ସାହୁ ସାଧବପୁଅ ଭାବେ ଯୋଗ ଦେଇଥିଲେ । କ୍ଷେତ୍ରବାସୀ ପୃଷ୍ଟି ବନବିହାରୀ ପୃଷ୍ଟି ବେଣୁଧର ସାହୁ ଶତ୍ରୁଘ୍ନ ସାହୁ, ଚକ୍ରଧର ସାହୁ, କ୍ଷୀରୋଦ ଚନ୍ଦ୍ର ସାହୁ, ହରିହର ସାହୁ ପୂର୍ଣ୍ଣଚନ୍ଦ୍ର ସାହୁ ସମେତ ସମସ୍ତ ବରିଷ୍ଠ କର୍ମକର୍ତ୍ତା ସହଯୋଗ କରିଥିଲେ ।




## ଭୁବନ ବୁଦ୍ଧେଶ୍ୱର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

# 'ମହୋତ୍ସବ କଳା ସଂସ୍କୃତିକୁ ଉଜ୍ଜୀବିତ କରିଥାଏ'





**ଭୁବନ, ୨୭ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଦ୍ଧେଶ୍ୱରଙ୍କ ପୀଠ ରେ ପ୍ରଥମଥର ପାଇଁ ପ୍ରଶାସନିକସ୍ତରରେ ଆରମ୍ଭ ହୋଇଥିବା ଭୁବନ ବୁଦ୍ଧେଶ୍ୱର ମହୋତ୍ସବର ସୋମବାର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ କଳା ସଂସ୍କୃତିକୁ ଉଜ୍ଜୀବିତ ରଖିବା ସହ ଭାଇଚାରା ସୃଷ୍ଟି କରିଥାଏ ବୋଲି ମତ ବ୍ୟକ୍ତ କରିଥିଲେ । ଭୁବନ ହେଉଛି କଳା ସାହିତ୍ୟ ସଂସ୍କୃତିର ଗନ୍ତାଘର, ଆଉ ଏଇ ମାଟି ହେଉଛି ସଂଗ୍ରାମର ମାଟି, ବିଶ୍ୱର ସର୍ବକନିଷ୍ଠ ସହିଦ ବୀର ବାଜି ରାଉତଙ୍କ ମାଟି, ଏମାଟିକୁ ଶତ ଶତ ପ୍ରଣାମ ଏବଂ ଅତିଥି ଭାବେ ଯୋଗଦେବା ମୋ ପାଇଁ ପରମ ସୌଭାଗ୍ୟ ବୋଲି ମନ୍ତ୍ରୀ ଶ୍ରୀ ଘଡାଇ କହିଥିଲେ । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୁବନକୁ ରାଜ୍ୟର ଏକ ବିକଶିତ ସହର ଭାବେ ଗଢି ତୋଳିବା ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଢେଙ୍କାନାଳ ଜ୍ୟୋତି ଶଙ୍କର ସାହୁ, ଭୁବନ ବ୍ଲକ ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ, କାମାକ୍ଷା ନଗର ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ମହୋତ୍ସବ ଅଧ୍ୟକ୍ଷ ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ ଯୋଗଦେଇଥିଲେ । ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ତଥା ମହୋତ୍ସବ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

**ଢେଙ୍କନାଳ, ୨୭।୧୧(ସମିସ):** ଢେଙ୍କାନାଳର ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ଉତ୍ଫୁନାର ରାଜ୍ୟ ଆବାହକ ତଥା ଉତ୍ଫୁନାର ସର୍ବଭାରତୀୟ ଉପସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଓଡ଼ିଶା ସରକାରଙ୍କ ନିକଟରେ ଦାବି କରିଛନ୍ତି । ଏଥିପାଇଁ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସାଂସଦ ମହେଶ ସାହୁ, ବିଧାୟକ ସୁଧିର କୁମାର ସାମଲ ପ୍ରମୁଖଙ୍କୁ ଏଦିଗରେ ପ୍ରଚେଷ୍ଟା କରିବା ପାଇଁ ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି ।

## ଗଡ଼ଖଙ୍କିରାରେ ଅଷ୍ଟପ୍ରହର ନାମଯଜ୍ଞ

**ଗଁଦିଆ, ୨୭।୧୧(ସମିସ):** ଗନ୍ଦିଆ ବ୍ଲକ ଅନ୍ତର୍ଗତ ଗଡ଼ଖଙ୍କିରା ଗ୍ରାମରେ ପବିତ୍ର କାର୍ତ୍ତିକମାସ ପଞ୍ଚୁକ ଉପଲକ୍ଷେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । କେଉଁ ଆବାହମାନକାଳରୁ ଆଧାତ୍ମିକ ଭାବଧାରା ସୃଷ୍ଟି କରାଯାଇ ଅଷ୍ଟପ୍ରହର ନାମଯଜ୍ଞ ହେଉଛି । ପ୍ରାତଃ ମଙ୍ଗଳ ଆରତୀ, ପ୍ରଭାତ ବନ୍ଦନା, ଦଶ ଅବତାର ଓ ଶ୍ରୀଚୈତନଦେବଙ୍କ ଜୀବନି ଗାନ କରାଯାଇ ନାମସଂକିର୍ତ୍ତନ କରାଯାଇଥିଲା । ସୋମବାର ସକାଳେ ପ୍ରଭାତୀ କିର୍ତ୍ତନ, ମଧ୍ୟାହ୍ନେ ଭଜନ ଜଣାଣ କରାଯାଇ ନଗର ପରିକ୍ରମା କରାଯାଇ ଦଧିହାଣ୍ଡି ଭଗ୍ନ କରାଯାଇ ନଦିୟାକୀର୍ତ୍ତନ ଗାନ କରାଯାଇଥିଲା ।

## କିଶୋରନଗର ବ୍ଲକର ବିଭିନ୍ନ ଗାଁରେ ରାସପୂର୍ଣ୍ଣିମା ଯାତ୍ରା

**କିଶୋରନଗର, ୨୭ ।୧୧(ସମିସ):** କିଶୋରନଗର ବ୍ଲକର ବିଭିନ୍ନ ଗ୍ରାମରେ ରାସ ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜଏରାଟ, ଆମ୍ବ ପାଳ, ଖୋଲଙ୍ଗିଆଣି, ଗୁରଜାଙ୍ଗ, ପର୍ଶୁମାଳ, ରଣିଆକଟା, ନୀଳକଣ୍ଠ ପଡ଼ା ଗ୍ରାମରେ ରାହାସ ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରାରେ ବହୁ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଛି । ଆୟୋଜକଙ୍କ ପକ୍ଷରୁ ରାତିରେ ଅପେରା ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।



## ପୁଲିସ ପଞ୍ଝାରେ ୬ ଜଣିଆ ଲୁଟେରା ଗ୍ୟାଙ୍ଗ



**ଅନୁଗୋଳ, ୨୭ ।୧୧(ସମିସ):** ଅନୁଗୋଳ ଟାଉନ୍ ଥାନା ପୁଲିସ୍ ଏକ ୬ ଜଣିଆ ଲୁଟେରା ଗ୍ୟାଙ୍ଗଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅମଲାପଡ଼ା ମୁସଲିମସାହିର ଏସ କେ ଅନିସ୍, ରାଜକିଶୋରପଡ଼ାର ଶେଖ୍ ଜବିର, ଶେଖ ଆବିଦ, ମିର ହାସିମ୍, ଶିମିଳିପଡ଼ାର ଶେଖ୍ ମୁନା ଓ ରାଜକିଶୋରପଡ଼ାର ପ୍ରକାଶ ବେହେରା । ପୁଲିସ୍ ସେମାନଙ୍କଠାରୁ ୩୩ ଶହ ଟଙ୍କା, ଗୋଟିଏ ଲୁହା ରଡ୍, ଗୋଟିଏ ଛୁରୀ ଓ ୨ଟି ଚୋରା ମୋବାଇଲ୍ ଜବତ କରିଛି । ଶୁକ୍ରବାର ରାତିରେ ଛେଣ୍ଡିପଦାର ଉତ୍କଳ ଡି କୋଇଲା ଖଣିରୁ ନାଲ୍‌କୋକୁ କୋଇଲା ଚାଲାଣ କରୁଥିବା ଜଣେ ଟିପ୍ପର ଚାଳକ ଓ ଅନ୍ୟ ଜଣେ ଟ୍ରଲର ଚାଳକ ଦୁର୍ଲ୍ଲଭଙ୍କ ଲୁଟପାଟର ଶିକାର ହୋଇଥିଲେ । ରାତି ପ୍ରାୟ ସାଢ଼େ ୧୧ଟା ବେଳେ ଦୁର୍ବୃତ୍ତମାନେ ମୁସଲିମପଡ଼ା ଛକ ନିକଟରେ ଛପି ରହିଥିଲେ । ଦୁଇଟି ଯାକ ଗାଡ଼ି ଡିଆଇସି ଛକ ପଟୁ ଆସୁଥିବା ଦେଖି ଅଟକାଇଥିଲେ । ମାରଣାସ୍ତ୍ର ଦେଖାଇ ଉଭୟଙ୍କୁ ଭୟଭୀତ କରାଇଥିଲେ । ନିର୍ଦ୍ଧୁମ ମାଡ଼ ମାରି ସେମାନଙ୍କଠାରୁ ଟଙ୍କା ଓ ମୋବାଇଲ୍ ଛଡ଼ାଇ ନେଇଥିଲେ । ଏ ନେଇ କୋଇଲା ଟ୍ରାନ୍ସପୋର୍ଟରେ ନିୟୋଜିତ କରିଥିବା ସଂସ୍ଥା ପକ୍ଷରୁ ଶନିବାର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଶେଷରେ ଡକାୟତମାନଙ୍କୁ ଗିରଫ କରିଛି । ଏମାନେ ପୂର୍ବରୁ ଏହିଭଳି ଅନେକ ଲୁଟ୍ କରିଥିବା ଥାନା ଅଧିକାରୀ ଧିରେସ ଦାସ ସୂଚନା ଦେଇଛନ୍ତି ।

## ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ଭର୍ଚୁଆଲ ବୈଠକ

**ଗଁଦିଆ, ୨୭।୧୧(ସମିସ):** ଓଡ଼ିଶାର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ଭର୍ଚୁଆଲ ବୈଠକ ରାଜ୍ୟ ସଭାପତି ହରିହର ସାହୁଙ୍କ ତତ୍ତ୍ୱାବଧାନରେ ରବିବାର ଅନୁଷ୍ଠିତ ହୋଇଯାଇଅଛି । ଏହିସଭାରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବିଭିନ୍ନ କମିଟିରେ ରଖାଯିବା ନିମନ୍ତେ ଓଡ଼ିଶା ସରକାରଙ୍କ ନିକଟରେ ନିବେଦନ କରାଯାଇଅଛି । ଏଥି ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ପରିବାର ବର୍ଗଙ୍କୁ ଦଶଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ରାଶିରେ ଅନ୍ତର୍ଭୁକ୍ତ କରାଯିବା ସହ ଦୁଇଟି ଇନକ୍ରିମେଣ୍ଟ ଦୁଇବର୍ଷ ସେବା ବୃଦ୍ଧି, ଓଡ଼ିଶା ଭବନରେ ରାଜ୍ୟଅତିଥି ଭବନରେ ରହିବା ସୁବିଧା, ଆଇଡିଣ୍ଟ କାର୍ଡ ମିଳିବା ପାଇଁ ଓଡ଼ିଶା ସରକାରଙ୍କର ନିକଟରେ ଅନୁରୋଧ କରାଯାଇଛି । ଏହି ସଭାରେ ସାଧାରଣ ସମ୍ପାଦକ ଇଶ୍ୱର ଚନ୍ଦ୍ର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବିବାସିନୀ ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ବୋଲିଥିବା ବେଳେ ପ୍ରବକ୍ତା ମୁରଲୀଧର ପରିଡ଼ା ଜଗନ୍ନାଥଙ୍କ ବନ୍ଦନା ଗାନ କରିଥିଲେ । ଆଲୋଚନାରେ ଉପସଭାପତି କୃଶିଦା ବେଗମ୍, ରାଧାଶ୍ୟାମପଣ୍ଡା, ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରମୁଖ ସଞ୍ଜୁବାଳା ମିଶ୍ର, ବିରାଜିନୀ ମିଶ୍ର କୋଷାଧ୍ୟକ୍ଷ ଡଃ ଗଙ୍ଗୋତ୍ରୀଦେବୀ, ସଭ୍ୟ ବିନୟ ପାଣି, ସ୍ୱର୍ଣ୍ଣଲତା ତ୍ରିପାଠୀ, ସଭ୍ୟା ଚାରୁଲତା ମିଶ୍ର, ମିନତି ପଟ୍ଟନାୟକଙ୍କ ସହିତ ସମସ୍ତ ସଭ୍ୟ ଯୋଗଦାନ କରିଥିଲେ । କୋଷାଧ୍ୟକ୍ଷ ଡଃ ଗଙ୍ଗୋତ୍ରୀଦେବୀ ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ । ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ଜୀବନୀ ସଂକଳିତ ପୁସ୍ତକ ଉନ୍ମୋଚନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବିରାଜିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କେନ୍ଦ୍ରୀୟ ଉପସଭାପତି ଓଡ଼ିଶା ଆସୁଥିବାରୁ ଆସନ୍ତାକାଲି(ମଙ୍ଗଳବାର)ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହେବ ବୋଲି ସଭାପତି ଶ୍ରୀ ସାହୁ ପ୍ରକାଶ କରିଥିଲେ ।

## ଧିମେଇ ଯାଇଛି ଓଭରହେଡ୍ ପାଣି ଟାଙ୍କି କାମ



ପଞ୍ଚୁପାଣ୍ଡବ, ୨୭।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ବେଣିପୁର ପଞ୍ଚାୟତ ସଦାନନ୍ଦପୁରରେ ନିର୍ମାଣାଧୀନ ଓଭର ହେଡ୍ ପାଣି ଟାଙ୍କି କାର୍ଯ୍ୟ ବନ୍ଦ ରହିଛି। ବ୍ଲକର ବିଭିନ୍ନ ସ୍ଥାନରେ ହେଉଥିବା ପାଣି ଟଙ୍କା କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ସଦାନନ୍ଦପୁର ହାଟ ନିକଟରେ ଥିବା ପାଣି ଟାଙ୍କିର କାର୍ଯ୍ୟ ୩ ମାସ ହେଲା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବସୁଧା ଯୋଜନାରେ ପଞ୍ଚାୟତ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାଣି ଆବଶ୍ୟକତାକୁ ପୁରଣ କରିପାରୁନଥିବାରୁ ଲୋକମାନେ ଅସୁବିଧା ଭୋଗୁଛନ୍ତି। ଏଣୁ ଏଠାରେ ନିର୍ମାଣାଧୀନ ଓଭର ହେଡ୍ ଟାଙ୍କିଟି କାର୍ଯ୍ୟକ୍ଷମ ହେଲେ ସଦାନନ୍ଦପୁର, ରାଏତୁଣ୍ଡି ଓ ବଜାର ଗ୍ରାମରେ ସୁବିଧାରେ ଜନସାଧାରଣଙ୍କ ନିକଟରେ ପାନୀୟଜଳ ପହଞ୍ଚି ପାରିବ।

# ଦିବ୍ୟାଙ୍ଗ ସତ୍ତ୍ୱେ ମିଳିନି ଆବାସ

■ ଦୌଡ଼ି ଦୌଡ଼ି ନିରାଶ
■ ଛପର କରିବାକୁ ଜୁ ନାହିଁ

ରାଜକନିକା, ୨୭ ।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ସିହୋପଡ଼ା ପଞ୍ଚାୟତ ସିହୋପଡ଼ା ଗ୍ରାମର ଦିବ୍ୟାଙ୍ଗ ସତ୍ୟବ୍ରତ ଜେନା (୪୩)ଙ୍କ ପରିବାର ଏବେ ଭଙ୍ଗା ଦଦରା ଘରେ ଜୀବନ ନିର୍ବାହ କରୁଛନ୍ତି। ପକ୍କା ଘର ଖଣ୍ଡେ ନିର୍ମାଣ କରିବା ପାଇଁ ଏ ଦୁଆର ସେ ଦୁଆର ହୋଇ ଦରାଣ୍ଡି ହେଲେ ବି ତାଙ୍କ କଥା କେହି ଶୁଣୁ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ସେ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ କୌଣସି କାମ କରିବାକୁ ଅକ୍ଷମ। ପରିବାର କହିଲେ ତାଙ୍କ ପତ୍ନୀ ଅନିତା ଆଉ ୩ ପୁଅଝିଅ। ଦିବ୍ୟାଙ୍ଗ ହୋଇଥିବାରୁ ଅବଶ୍ୟ ସେ ସରକାରୀ ଯୋଜନା ଅନୁସାରେ ଭତ୍ତା ପାଉଛନ୍ତି। ପରିବାରର ୪ ଜଣଙ୍କୁ ଚାଉଳ ମିଳୁଛି। କେବଳ ପୁଅର ନାଁ କଟି ଯାଇଛି ବୋଲି ଅଭିଯୋଗ କରି ସେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗୋଟିଏପଟେ ପରିବାର ଚଳିବା ଚିନ୍ତା ଆଉ ଆରପଟେ ୩ ପିଲାଙ୍କ ପାଠପଢ଼ା ଖର୍ଚ୍ଚ।

ସମସ୍ତେ ମୁଣ୍ଡ ଗୁଞ୍ଜିଥିବା ଚାଳ ଘର ଖଣ୍ଡିକ ଭାଙ୍ଗିରୁଜି ଗଲାଣି। ଛପର କରିବାକୁ ବି ତାଙ୍କ ପାଖେ ଅର୍ଥ ନାହିଁ। ଘର କାନ୍ଥ ବି ଫାଟି ଆଁ କଲାଣି। ଏ ସମ୍ପର୍କରେ ବହୁବାର ପଞ୍ଚାୟତ ଆଉ ବ୍ଲକ ପ୍ରଶାସନ ପାଖେ ଗୁହାରି କରିଥିଲେ ବି କେହି ବି ତାଙ୍କ ଆଡେ ଆଉ ଆଖିରେ ଚାହୁଁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ତେବେ ଆଖି ଆଗରେ ଥିଲା ବାଲା ଲୋକ ଆବାସ ଯୋଜନାରେ ଘର ନିର୍ମାଣ କରିବାକୁ କାର୍ଯ୍ୟାଦେଶ ହାତେଇ ନେଉଥିବା ବେଳେ ସତ୍ୟବ୍ରତଙ୍କ ପାଇଁ ତାହା ସାତ ସପନ ହୋଇ ଯାଇଛି। ଏବେ ଚାଳଘରଟିର ଘରର ଅମସ୍ଥା ଅତି ଶୋଚନୀୟ ହୋଇ ପଡ଼ିଲାଣି। ଆସନ୍ତା ବର୍ଷା ଦିନକୁ ମାଟିରେ ମିଶିଯିବା ଆଶଙ୍କା ରହିଛି। ଏଣୁ ତାଙ୍କ ପ୍ରତି ଜଣେ ଗରିବ ପ୍ରତି ସଦୟ ଦୃଷ୍ଟିଦେଇ ବ୍ଲକ ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଅର୍ଜୁନ ଜେନା, ଅଜୟ ଜେନା, ନିରଞ୍ଜନ ସାହାଣୀ, ଗୋପବନ୍ଧୁ ଜେନା, ହିମାଂଶୁ ବେହେରା, ରବୀନ୍ଦ୍ର ଜେନା, ପ୍ରମୋଦ ଜେନା, ଦାମୋଦର ପରିଡ଼ା ପ୍ରମୁଖ ନିବେଦନ କରିଛନ୍ତି।



## କାର୍ତ୍ତିକେଶ୍ୱର ପୂଜା ଉଦ୍‌ଯାପିତ



ଡେରାବିଶ, ୨୭।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗୋଲରାହାଟ ପଞ୍ଚାୟତ ହାଟଛକରେ ୧୭ ତାରିଖରୁ ଆରମ୍ଭ ହୋଇଥିବା କାର୍ତ୍ତିକେଶ୍ୱରଙ୍କ ପୂଜା ଉତ୍ସବ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ପୂଜା କମିଟି ପକ୍ଷରୁ ଠାକୁରଙ୍କ ମଣ୍ଡପ ଆଗରେ ଭଜନ ସନ୍ଧ୍ୟା, ସମେତ ବାଦିପାଲାର ଆୟୋଜନ କରାଯାଇଥିଲା। ଖ୍ୟାତନାମା ପାଲା ଗାୟକ ପଟ୍ଟାମୁଣ୍ଡାଇ ଅଞ୍ଚଳର ବସନ୍ତ ବେହେରା ଓ ଖୋର୍ଦ୍ଧା ବାଲୁଗାଁର କାଳୁ ଚରଣ ଦାଶଙ୍କ ଦ୍ୱାରା ୪ଦିନ ବ୍ୟାପୀ ବାଦିପାଲା ହୋଇଥିଲା। ଶେଶରେ ପାରମ୍ପରିକ ବାଦ୍ୟ ଓ ସଂକୀର୍ତ୍ତନ ମଧ୍ୟରେ ଠାକୁରଙ୍କ ଭସାଣୀ ଶୋଭାଯାତ୍ରା କରାଯାଇଥିଲା। ପୂଜା କମିଟି ସଭାପତି କୈଳାସ ଚନ୍ଦ୍ର ପ୍ରଧାନ, ସମ୍ପାଦକ ସରୋଜ ଦାସ, ଉପଦେଷ୍ଟା ସଚିଦାନନ୍ଦ ରଥ, ରାମଚନ୍ଦ୍ର ରାଉତ ଓ ତ୍ରିଲୋଚନ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ। ହାଟଛକର ସମସ୍ତ ବ୍ୟବସାୟୀ ସହଯୋଗ କରିଥିଲେ।

## ଭାରତୀୟ ସମ୍ବିଧାନ ଦିବସ

ଏରସମା, ୨୭ ।୧୧(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତର ଆମ୍ବେଦକର ସ୍ମୃତି ପରିଷଦ ଏବଂ ଜଗତସିଂହପୁର ନେହରୁ ଯୁବ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ମାହାଳରେ ୭୪ତମ ସମ୍ବିଧାନ ଦିବସ ପାଳନ କରାଯାଇଛି। ରାଜକିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ସମ୍ବିଧାନର ମୌଳିକ ଅଧିକାର, ମୌଳିକ କର୍ତ୍ତବ୍ୟ, ନାଗରିକ ଅଧିକାର ଉପରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ଢିଙ୍କିଆ ପଞ୍ଚାୟତର ବରିଷ୍ଠ ମୁରବି ଅକ୍ଷୟ ଦାସ ଯୋଗଦେଇ ସମ୍ବିଧାନର ସୁରକ୍ଷା ଏବଂ ଏହା ଉପରେ ହେଉଥିବା ବାରମ୍ବାର ଆକ୍ରମଣ ନେଇ ପ୍ରଶ୍ନ କରିଥିଲେ। ନାଗରିକମାନେ କିପରି ଏହା ମୂଲ୍ୟବୋଧ ବୁଝି ପାରିବେ ଏବଂ ଦେଶ ଗଠନରେ ନିଜକୁ ସାମିଲ କରିବେ ସେ ବିଷୟରେ ଚର୍ଚ୍ଚା କରିଥିଲେ। ପୂର୍ବତନ ଢିଙ୍କିଆ ସରପଞ୍ଚ ଶିଶିର ମହାପାତ୍ର ତାଙ୍କ ବକ୍ତବ୍ୟରେ ସମାଜରେ ଥିବା କୁପ୍ରଥା ବିରୋଧରେ ବର୍ଷି ଥିଲେ। ଫିରୋଜ ବେଉରା ତାଙ୍କ ବକ୍ତବ୍ୟରେ ବିଦ୍ୟାଳୟରେ ସମ୍ବିଧାନ ସମ୍ପର୍କରେ ପଢ଼ା ଯାଉ ବୋଲି କହିଥିଲେ। କ୍ଲବ ସଭାପତି ବିପୁନି ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅମିଲ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଶ୍ରୀଧର ଭୋଳ, ବିଜୟ ବରାଳ, ବିଚିତ୍ର ସାହାଣୀ, କୁମର ମଲ୍ଲିକ, ଅନନ୍ତ ନାୟକ, ସନ୍ତୋଷ ନାୟକ, ସାମ୍ବାଦିକ ଅରୁଣ ପରିଡ଼ା, ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




# ଘରେ ପୂରାଉନି ପୁଅ

■ ସ୍ୱେଚ୍ଛାକୃତ ଅବସର ନେଇ ପୁଅକୁ ଚାକିରି ଦେଇଥିଲେ
■ ଜିଲ୍ଲା ପ୍ରଶାସନକୁ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ

ରାଜକନିକା, ୨୭ ।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ମନ୍ତପଡ଼ା ଗାଁର ଦୈତାରୀ ନାୟକ (୯୦) ଓ ସ୍ୱପ୍ନାରାଣୀ ନାୟକ (୭୫) ନିଜ ପୁଅର ନିର୍ଯ୍ୟାତନାରେ ଅତିଷ୍ଠ ହୋଇ ପଡ଼ିଲେଣି। ସ୍ୱେଚ୍ଛାକୃତ ଅବସର ନେଇ ପୁଅକୁ ଚାକିରି ଦେଇଥିବା ଦୈତାରୀ ଆଜି ପରିଣତ ବୟସରେ ସ୍ତ୍ରୀକୁ ଧରି ରାସ୍ତାରେ ବୁଲୁଛନ୍ତି। ପୁଅ ଘରୁ ତଡି ଦେଇଛି। ଏ ନେଇ ସେ ଥାନା, ଅଦାଲତ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି; ହେଲେ କୌଣସି ଲାଭ ହୋଇନି। ପୁଅକୁ ଚାକିରି ଦେଇଥିବା ଦୈତାରୀ ଆଜି ଏଥିଲାଗି ଅନୁତାପ କରୁଛନ୍ତି।

ନିଜ ବାପା, ମା'ଙ୍କୁ ମାଡ଼ ମାରି ଘରୁ ତଡ଼ିଦେବା ଘଟଣାକୁ ଏକ ସପ୍ତାହ ବିତିଲାଣି। ଏ ନେଇ ଜିଲ୍ଲା ପ୍ରଶାସନକୁ ଅଭିଯୋଗ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ଏଣୁ ବୁଢା ବାପା, ମା'ଙ୍କୁ କେତେବେଳେ ରାସ୍ତାରେ ତ ଆଉ କେତେବେଳେ କେଉଁ ବନ୍ଧୁ ଘରେ ମୁଣ୍ଡ ଗୁଞ୍ଜିବାକୁ ପଡୁଛି। ପୁଅର ଭବିଷ୍ୟତ ଉଜ୍ଜ୍ୱଳ ରଖିବାକୁ ନିଜ ଚାକିରିକାଳ ପୂରିବାର ୫ବର୍ଷ ପୂର୍ବରୁ ସ୍ୱେଚ୍ଛାକୃତ ଅବସର ନେଇ ପୁଅକୁ ଚାକିରିରେ ଭର୍ତ୍ତି କଲେ। ପୁଅ ଚାକିରି ପାଇବା ପରେ କିଛିବର୍ଷ ଭଲରେ ବାପା, ମା'ଙ୍କୁ ଦେଖା ରଖା କରିବା ପରେ ଏବେ ଆଉ ଖାଇବାକୁ କିମ୍ବା ଘରେ ରଖିବାକୁ ନାରାଜ। ମାଡ଼ମାରି ବାପା, ମା'ଙ୍କୁ ଘରୁ ତଡ଼ି ଦେବା ଏହି ବୃଦ୍ଧ ଦମ୍ପତି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ନିଜର ସୁରକ୍ଷା ପାଇଁ ଗୁହାରି କରିଥିଲେ।

୨୦୦୬ରେ ଆଉ ୫ ବର୍ଷ ଚାକିରି ଥିବା ବେଳେ ସେ ସମୟର ସରକାରୀ ଘୋଷଣା ମୁତାବକ ବଡ଼ପୁଅ କ୍ଷିତୀଶକୁ ଦୈତାରୀ ନିଜର ଶିକ୍ଷକ ଚାକିରି ଦେଇଥିଲେ। ବଡ଼ ପୁଅକୁ ଚାକିରି ଦେବାରୁ ଅନ୍ୟ ପୁଅମାନେ ମଧ ବାପା ମାଙ୍କ ପ୍ରତି ସେତେଟା ଦେଖାଶୁଣା କରୁନାହାନ୍ତି। ଚାକିରି ଦେବାର ସର୍ତ୍ତ ଅନୁସାରେ ଦେଖାଶୁଣା କରିବାର ଚୁକ୍ତି ଖିଲାପ କରିବାରୁ ୨ ବର୍ଷ ପୂର୍ବେ ଦୈତାରୀ ରାଜକନିକା ଥାନାରେ ଅଭିଯୋଗ କରିଥିଲେ। ଏଣୁ କିଛିଦିନ ପାଇଁ ସମସ୍ୟା ସୁଧୁରି ଥିଲା। ପରେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା ହୋଇଥିଲା। କ୍ଷିତୀଶ ବାପା, ମା'ଙ୍କୁ ଘରୁ ବାହାର କରିଦେଲେ। ଏଣୁ ଦୈତାରୀ ଅଦାଲତର ଆଶ୍ରୟ ନେଇଥିଲେ। ଅଦାଲତ ପୁଅକୁ ଡକାଇ ବାପା, ମା'ଙ୍କୁ ୭ଦିନ ମଧ୍ୟରେ ଘର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପୁଅ କିନ୍ତୁ ମାନି ନ ଥିଲା। ଓଲଟା ଘରୁ ନ ବାହାରିଲେ ମାରିଦେବାକୁ ଧମକ ଦେଇଥିଲା। ଜୀବନ ବିକଳରେ ବୁଢା ବାପା ଓ ମା' ଘରୁ ବାହାରି ଏବେ ବାହାରେ ବୁଲୁଛନ୍ତି। ଶେଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଗୁହାରି କରି ନ୍ୟାୟ ମାଗିଛନ୍ତି। ପୁଅ ଜନ୍ମ କରି ବାପା ମା ସାରା ଜୀବନ ଖୁସିରେ ରହିବା ସହ ବୃଦ୍ଧକାଳେ ପୁଅ ସହାୟକ ହେବ ବୋଲି ଆଶା ରଖିଥାନ୍ତି। ଦୈତାରୀ ପୁଅର ଭବିଷ୍ୟତ ମଙ୍ଗଳ ଲାଗି ନିଜର ଚାକିରି, ଘର ସବୁ ଦେଇ ଶାନ୍ତିରେ ବଞ୍ଚିବାକୁ ଇଚ୍ଛା ରଖିଥିଲେ। ଏବେ ପୁଅର ଦୌରାତ୍ମ୍ୟ, ଅତ୍ୟାଚାର ଓ ମାଡ଼ଗାଳିରେ ଘର ଛାଡି ପର ଦୁଆରେ ପଡ଼ିଛନ୍ତି। ନା ଚାଲିବାକୁ ଶକ୍ତି ନା ଆର୍ଥିକ ସାମର୍ଥ୍ୟ ଅଛି। କେବଳ ଥାନା, ଅଦାଲତ, ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରି ଅତି ଦୟନୀୟ ଅବସ୍ଥାରେ ଏଠି ସେଠି ବୁଲୁଛନ୍ତି।

## ରାଜାଙ୍କ ରାଜବାଟିରେ ନଳକୂଅ ଅଚଳ



ପଞ୍ଚୁପାଣ୍ଡବ, ୨୭।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରଘୁଦେଇପୁର ପଞ୍ଚାୟତ ରାରଜନଗର ଗ୍ରାମରେ ଥିବା ରାଧାକାନ୍ତଜୀୟୁ ମନ୍ଦିର ନଳକୂପଟି ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ରାଜାଙ୍କ ରାଜବାଟିରେ ଥିବା ମନ୍ଦିରର ଠାକୁରଙ୍କ ପୂଜା ସହ ଠାକୁରଙ୍କ ନୀତି ପାଇଁ ଜଳର ଆବଶ୍ୟକତା ରହିଛି। ରାଜବାଟିରେ ଥିବା ଏକମାତ୍ର ନଳକୂପ ଅଚଳ ହୋଇପଡ଼ିବାରୁ ନାନା ସମସ୍ୟା ଉପୁଜିଛି। ଠାକୁରଙ୍କ ପାଇଁ ପ୍ରସାଦ ଭୋଗ ପ୍ରସ୍ତୁତ ନିମନ୍ତେ ପୂଜକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ମନ୍ଦିରକୁ ଦୈନିକ ଶହଶହ ଶ୍ରଦ୍ଧାଳୁ ଆସିଥାନ୍ତି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ମନ୍ଦିର ପୂଜକ ରାଧାକାନ୍ତ କର, ରମାକାନ୍ତ ମଲିକ, ବିଜୟ ମଲିକ, ହୃଷି ମଲିକ, କାଳନ୍ଦି ବାରିକ ଓ ରବୀନ୍ଦ୍ର ମଲିକ ଦାବି କରିଛନ୍ତି।

## ପୂର୍ବତନ ସୈନିକ ପରିବାରର ବୈଠକ



ତିର୍ତ୍ତୋଲ, ୨୭।୧୧(ସମିସ): ଜଗତସିଂହପୁର ଜିଲ୍ଲା ପୂର୍ବତନ ସୈନିକ ପରିବାରର ପ୍ରଥମ ସାଧାରଣ ବୈଠକ ପ୍ରସିଦ୍ଧ ଗୋରେଖନାଥ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମେଜର କୁଳମଣି ସୂତାର ଏଥିରେ ଅଧ୍ୟକ୍ଷତା କରିଥିଲେ। ବିରଞ୍ଚି ନାରାୟଣ ମହାପାତ୍ର, ବିପିନ ମହାପାତ୍ର, ଦେବାଶିଷ ରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋକ ମହାପାତ୍ର, ସୁଶାନ୍ତ ଚରଣ ସାହୁ, ପ୍ରଦୀପ ମୁଦୁଲି, ମାଧବ ସ୍ୱାଇଁ, ତପନ ସାମନ୍ତରାୟ, ଜିତେନ୍ଦ୍ର ପ୍ରଧାନପ୍ରମୁଖ ଯୋଗ ଦେଇଥିଲେ।

# ସଙ୍କେତପାଟଣାରେ ରାହାସ ଉତ୍ସବ

ତିର୍ତ୍ତୋଲ, ୨୭।୧୧(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ସଅଁରା ପଞ୍ଚାୟତ ଅଧୀନ ସଙ୍କେତପାଟଣା ଓ ରତନପୁରରେ ରାଧାକୃଷ୍ଣ ଶରତ ରାସ ଉତ୍ସବ ଦୀର୍ଘ ୪୨ ବର୍ଷ ହେବ ମହାସମାରୋହରେ ପାଳିତ ହେଉଛି। ଏଥର ମଧ ପଣ୍ଡିତ ଶ୍ରୀକାନ୍ତ ରଥଙ୍କ ଦ୍ୱାରା ରାଧାକୃଷ୍ଣ ଓ ଅଷ୍ଟଶଖୀଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସରିବା ପରେ ରାହାସ ଉତ୍ସବ ଆରମ୍ଭ ହୋଇଥିଲା। ଗ୍ରାମର ମୁରବୀ ତଥା ଅବସରପ୍ରାପ୍ତ ଶିକ୍ଷକ ଶାରଦା ଚରଣ ଶତପଥୀଙ୍କ ଦ୍ୱାରା ରାଧାକୃଷ୍ଣଙ୍କ ନିକଟରେ ପ୍ରତ୍ୟେକ ସନ୍ଧ୍ୟାରେ ରାହାସ ପୁସ୍ତକ ପଠନ କରାଯାଇଥିଲା। ଜଗନ୍ନାଥ ସାହୁ, ପ୍ରମୋଦ ତ୍ରିପାଠୀ, ଦେବରାଜ ବାରିକ, ଶରତ ଚନ୍ଦ୍ର ରାଉତ, ସନ୍ତୋଷ ଓଝା, ବଂଶୀଧର ଦାସ, ଚନ୍ଦ୍ରକାନ୍ତ ରଥଙ୍କ ସମେତ ଗ୍ରାମବାସୀ ଓ ଯୁବକମାନେ ସହଯୋଗ କରିଥିଲେ। ଶେଷରେ ରାସଲୀଳା, ନାବକେଳୀ, ଦହି ଖେଳ ପରେ ରାଧାକୃଷ୍ଣଙ୍କ ମୂର୍ତ୍ତି ବିସର୍ଜନ ସହ ଏହି ରାସ ଉତ୍ସବ ସମାପନ ହୋଇଥିଲା।



# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ, ୨୭।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀ ଅଧୀନ ପଟ୍ଟାମୁଣ୍ଡାଇ ବ୍ଲକର ଅରଡ଼ପଲ୍ଲୀ ଓ ସାନଜରିଆ ପଞ୍ଚାୟତ ବିକାଶକୁ ଆହୁରି ଆଗକୁ ଯିବ। ଏଥି ପାଇଁ ୫କୋଟି ଟଙ୍କା ବ୍ୟୟରେ ଅରଡ଼ପଲ୍ଲୀ-ବଡ଼ଜରିଆ ଲୁଣା ସେତୁ ନିର୍ମାଣ ଲାଗି ଶିଳାନ୍ୟାସ କରାଯାଇଛି। ୧କୋଟି ଟଙ୍କା ବ୍ୟୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଅରଡ଼ପଲ୍ଲୀ ଓ ସାନଜରିଆ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଶୁଭ ଦିଆଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ଶୁଭ ଦେଇଛନ୍ତି।

ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟ ଓ ପୂର୍ବତନ ସରପଞ୍ଚ ଶ୍ରୀମନ୍ତ ଦାସଙ୍କ ସଂଯୋଜନାରେ ଅରଡ଼ପଲ୍ଲୀରେ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ବିଧାୟକ ଶ୍ରୀ ସାହୁ କହିଲେ ଯେ, ବିକଶିତ, ସମୃଦ୍ଧ ଓ ସଶକ୍ତ ଗାଁ ତିଆରି କରିବା ସହ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶରେ 'ଆମ ଓଡ଼ିଶା, ନବୀନ ଓଡ଼ଶା' ଯୋଜନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ବଳିଷ୍ଠ ପଦକ୍ଷେପ। ଏହି ଅବସରରେ ସେ ଅରଡ଼ପଲ୍ଲୀ ଓ ସାନ ଜରିଆ ପଞ୍ଚାୟତର ସ୍କୁଲ, ଜଗନ୍ନାଥ ସଂସ୍କୃତି ପ୍ରଚାରପ୍ରସାର ପାଇଁ ବିଭିନ୍ନ ଦେବାଦେବୀ ମନ୍ଦିର ଉନ୍ନତିକରଣ ଓ ଯୁବଶକ୍ତି ବିକାଶ ଯୁବବିକାଶ କେନ୍ଦ୍ର ଗୃହ, ମହିଳାଙ୍କ ବିକାଶ ପାଇଁ ମିଶନଶକ୍ତି ଗୃହ ଓ ସାମାଜିକ ଉତ୍ସବ ପାଇଁ ଗୋଷ୍ଠୀକେନ୍ଦ୍ରର ଶିଳାନ୍ୟାସ କରିଥିଲେ। ସମସ୍ତ ପ୍ରକଳ୍ପର ସଫଳ ରୂପାୟନ ସହ ନିର୍ଦ୍ଧାରିତ ସମୟରେ ଶେଷ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂତନ ବିକଶିତ, ସମୃଦ୍ଧ ଓ ସଶକ୍ତ ଓଡ଼ିଶା ସ୍ୱପ୍ନକୁ ସାକାର କରିବାକୁ ସେ ନିବେଦନ କରିଥିଲେ।





ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ବିକାଶ ଗତିକୁ ଆହୁରି ତୀବ୍ର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ଧ୍ରୁବ ସାହୁଙ୍କୁ ପୁନଃର୍ବାର ନିର୍ବାଚିତ କରିବାକୁ ନିବେଦନ କରିଥିଲେ। ଏହି ସଭାରେ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବ୍ରିତ ବିଶ୍ୱାଳ, ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧରାମ ବେହେରା, ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ, ବ୍ଲକ ଯୁବ ବିଜେଡି ସଭାପତି କୈଳାଶ ସିଂହ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ସାନଜରିଆ ପଞ୍ଚାୟତ ବିଜେଡି ସଭାପତି ଅଜାମ୍ବର ପ୍ରଧାନ, ଅରଡ଼ପଲ୍ଲୀ ପୂର୍ବତନ ସରପଞ୍ଚ ଶ୍ରୀମନ୍ତ ଦାସ, ଟୁବୁଲି ଚୌଧୁରୀ ଓ ସୁରଥ ଜେନା, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ତରାଇ, ଗଗନ ପ୍ରସାଦ ବାରିକ ଯୁବନେତା ସୁକୁମାର ନାୟକ, ସୂର୍ଯ୍ୟକାନ୍ତ ରାଉତ, ନରସିଂହପୁର ବିଜେଡି ସଭାପତି ତପରଞ୍ଜନ ବେହେରା ପ୍ରମୁଖ ଭାଷଣ ଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ବିଧାୟକ ଶ୍ରୀ ସାହୁ ମାଳିବସାରେ ପହଞ୍ଚିବା ପରେ ଦିଲ୍ଲୀପ ଜେନା, ଗଗନ ପ୍ରସାଦ ଦାସ, ଶ୍ରୀମନ୍ତ ଦାସ, ହରିହର ସାହୁ, ସଂଗ୍ରାମ ସ୍ୱାଇଁ, ଶଶିକାନ୍ତ ପଣ୍ଡା, ସଞ୍ଜୟ ରାଉତ, ପ୍ରେମାନନ୍ଦ ସେଠୀ ପ୍ରମୁଖ ବହୁ ସମ୍ବର୍ଦ୍ଧିତ କରିଥିଲେ।

ବିଶ୍ୱଜିତ ବେହେରା, ବୋଧଗାଁର ଦିଲ୍ଲୀପ ଜେନା ଓ ନିତ୍ୟାନନ୍ଦଦାସପ୍ରମୁଖବିଭିନ୍ନଦଳତ୍ୟାଗକରିବିଜେଡିରେ ସାମିଲ ହୋଇଥିଲେ। ବିଧାୟକ ଶ୍ରୀ ସାହୁ ଦଳୀୟ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ।



ସକାଳ THE SAKALA



www.sakalaepaper.com

# ଆୟାର୍ଲାଣ୍ଡ ସାହିତ୍ୟିକ ପଲ୍ ଲିଞ୍ଚ୍‌ଙ୍କୁ ୨୦୨୩ ବୁକର୍ ସମ୍ମାନ



■ **ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):** ଆୟାର୍ଲାଣ୍ଡ ସାହିତ୍ୟିକ ପଲ୍ ଲିଞ୍ଚ ସମ୍ମାନଜନକ ୨୦୨୩ ବୁକର ପ୍ରାଇଜ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କର ପଞ୍ଚମ ଉପନ୍ୟାସ 'ପ୍ରଫେଟ ସଙ୍ଗ୍' ପାଇଁ ତାଙ୍କୁ ଚଳିତ ବର୍ଷର ବୁକର ପ୍ରାଇଜ୍ ମିଳିଛି। ଏହି ଉପନ୍ୟାସଟି ଏକ ପରିବାରର କାହାଣୀ ଉପରେ ଆଧାରିତ ହୋଇଥିଲା ବେଳେ ପ୍ରଶାସନିକ ଅତ୍ୟାଚାର ଯୋଗୁ ଧୀରେ ଧୀରେ କିଭଳି ଧ୍ୱଂସାଭିମୁଖୀ ଆଡ଼କୁ ଯାଉଛି ତାହା ବର୍ଣ୍ଣିତ ହୋଇଛି।ଲିଞ୍ଚଙ୍କର ଏହି ଉପନ୍ୟାସରେ ମଧ୍ୟପ୍ରାଚ୍ୟର ରାଜନୀତିକ ଅସ୍ଥିରତା ଓ ସିରିଆରେ ହେଉଥିବା ଆତଙ୍କବାଦ କାର୍ଯ୍ୟକଳାପ ସମ୍ପର୍କରେ ମଧ୍ୟ ଉଲ୍ଲେଖ ରହିଛି। ଏହି ସମ୍ମାନ ପାଇବା ପରେ ପଲ୍ ଲିଞ୍ଚ ଖୁସି ବ୍ୟକ୍ତ କରିବା ସହିତ ଏହି ଉପନ୍ୟାସ ମାଧ୍ୟମରେ ପାଠକମାନଙ୍କୁ ମାନସିକ ସ୍ତରରେ ଗଭୀରତା ଭିତରକୁ ନେଇଯିବାକୁ ଚାହିଁଥିବା କହିଛନ୍ତି। ଯେଉଁଠି ଜଣେ ପାଠକ କେବଳ ବିଷୟଟିକୁ ପଢ଼ିବେ ନାହିଁ, ବରଂ ଚରିତ୍ରରେ ବୁଡ଼ି ରହି ସବୁ ଘଟଣାକୁ ଅନୁଭବ କରିପାରିବେ ବୋଲି ଲିଞ୍ଚ୍ କହିଛନ୍ତି।

# ଗୁଜରାଟରେ ବର୍ଷା ଓ ବଜ୍ରପାତ; ୨୪ ଜଣଙ୍କ ମୃତ୍ୟୁ

■ **ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):** ଗୁଜରାଟରେ ଗତକାଲି ଠାରୁ ଆରମ୍ଭ ହୋଇଥିବା ଅଦିନିଆ ବର୍ଷା ଏବଂ ବଜ୍ରପାତ ଯୋଗୁଁ ସୋମବାର ସୁଦ୍ଧା ୨୪ ଜଣଙ୍କ ମୃତ୍ୟୁ ହେବା ସହିତ ୩୫ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ଗୁରୁତର ରହିଥିବାରୁ ମୃତ୍ୟୁସଂଖ୍ୟା ବଢିବାର ଆଶଙ୍କା ରହିଛି। ରାଜ୍ୟର ୨୨୦ ତାଲୁକରେ ମୂଶଳଧାରାରେ ବର୍ଷା ଯୋଗୁଁ ବହୁ ଧନ ଜୀବନ ନଷ୍ଟ ହୋଇଛି । ବର୍ଷା ଓ ଘଡ଼ଘଡ଼ିରେ ୪୦ରୁ ଅଧିକ ମଇଁଷିଙ୍କ ମୃତ୍ୟୁ ହୋଇଛି। ସେହିପରି ଅମରେଲି, ସୁରେନ୍ଦ୍ରନଗର, ମେହସାଣ, ବୋଟାଡ଼, ପଞ୍ଚମହଲ, ଖେଡ଼ା, ସବରକାଣ୍ଠା, ସୁରତ, ଏବଂ ଅହମ୍ମଦାବାଦରେ ପ୍ରବଳ ବର୍ଷା ଯୋଗୁଁ ବିପୁଳ ପରିମାଣରେ ଫସଲ ନଷ୍ଟ ହୋଇଛି। ଏହି ଘଟଣାକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଦୁଃଖ ପ୍ରକାଶ କରିବା ସହିତ ପ୍ରଭାବିତ ପରିବାରଙ୍କୁ ତୁରନ୍ତ ରିଲିଫ ସହାୟତା ଯୋଗାଇ ଦେବାକୁ କହିଛନ୍ତି। ରାଜ୍ୟ କୃଷିମନ୍ତ୍ରୀ ରାଘବଜୀ ପଟେଲ କ୍ଷୟକ୍ଷତି ସମୀକ୍ଷା କରିବା ସହ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳରେ ମଧ୍ୟ ପ୍ରବଳ ବର୍ଷା ହୋଇଛି । ନାସିକ ଜିଲ୍ଲାର କିଛି ଅଞ୍ଚଳରେ ବର୍ଷା ହେବା ସହିତ କୁଆପଥର ପଡ଼ିଥିବାର ଦେଖିବାକୁ ମିଳିଛି ।



# ୩୦ରୁ ସିଓପି ୨୮ ଜଳବାୟୁ ସମ୍ମିଳନୀ

**ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):** ଆସନ୍ତା ୩୦ ତାରିଖରେ ଦୁବାଇରେ ୨୮ତମ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଶିଖର ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଏହି ଶିଖର ସମ୍ମିଳନୀରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରମୁଖ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏଥିରେ ସାମିଲ ହେବେ। ସେ ଏଥିପାଇଁ

**ସାମିଲ ହେବେ ମୋଦୀ**

ଆସନ୍ତା ୩୦ ତାରିଖରେ ଦୁଇ ଦିନିଆ ୟୁଏଇ ଗସ୍ତ କରିବେ । ଜଳବାୟୁ ପରିବର୍ତ୍ତନ ସମସ୍ୟାକୁ ଭାରତ ସବୁବେଳେ ପ୍ରାଥମିକତା ଦେଇ ଆସିଛି।ଭାରତ ଅଧ୍ୟକ୍ଷତାରେ ଶେଷ ହୋଇଥିବା ଜି-୨୦ ଶିଖର ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନକୁ ନେଇ ହୋଇଥିବା ବୁଝାମଣା ଅନୁସାରେ ସିଓପିର ୨୮ ସମ୍ମିଳନୀକୁ ଏଦିଗରେ ଆଗକୁ ବଢାଇବାରେ ଭାରତକୁ ଆଉ ଏକ ସୁଯୋଗ ମିଳିବ ବୋଲି କୁହାଯାଇଛି।

■ **ଜାମିନ ପରେ ଜେଲ୍‌ରୁ ଶୀଘ୍ର ମିଳିବ ମୁକ୍ତି**

# ଆରମ୍ଭ ହେଲା 'ଫାଷ୍ଟର ୨.୦ ପୋର୍ଟାଲ

**ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):** ଜଣେ ଅଭିଯୁକ୍ତ ଜାମିନ ପାଇବା ପରେ ଜେଲରୁ ତୁରନ୍ତ ମୁକ୍ତି ପାଇବା ଲାଗି ନ୍ୟାୟିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ପ୍ରଧାନବିଚାରପତି ଜଷ୍ଟିସ୍ ଡିଓ୍ୱାଇ ଚନ୍ଦ୍ରଚୂଡ଼ 'ଫାଷ୍ଟର ୨.୦ ପୋର୍ଟାଲ'ର ଶୁଭାରମ୍ଭ କରିଛନ୍ତି। ଏହି ପୋର୍ଟାଲ ଦ୍ୱାରା ଜଣେ କଏଦୀଙ୍କ ମୁକ୍ତି ସମ୍ବନ୍ଧରେ ଅଦାଲତ ଦେଇଥିବା ସୂଚନା ତୁରନ୍ତ ଜେଲ୍ ଅଧିକାରୀ, ଟ୍ରାଏଲ କୋର୍ଟ, ହାଇକୋର୍ଟଙ୍କ ପର୍ଯ୍ୟନ୍ତ ପହଞ୍ଚିପାରିବ। ସମ୍ବିଧାନ ଦିବସ ପାଳନ ଅବସରରେ ସୁପ୍ରିମକୋର୍ଟରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଏହି ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ବର୍ତ୍ତମାନ ବ୍ୟବସ୍ଥାରେ ଜଣେ ଜାମିନ ପାଇବା ପରେ ଜେଲରୁ ମୁକ୍ତ ହେବାକୁ ଅଧିକ ସମୟ ଲାଗୁଛି। କିନ୍ତୁ ଏହି ପୋର୍ଟାଲ ମାଧ୍ୟମରେ ନ୍ୟାୟିକ ଏବଂ ପୁଲିସ ପ୍ରଶାସନ ସ୍ତରରେ ହେଉଥିବା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି କୁହାଯାଇଛି।

■ **ଭାରତୀୟରାଷ୍ଟ୍ରଦୂତଙ୍କୁ ଖଲିସ୍ତାନୀଙ୍କ ଠେଲାପେଲା**

# ଲଦିଲେ ନିଜ୍ଜର ହତ୍ୟାକାଣ୍ଡର ଦୋଷ



**ନ୍ୟୁୟର୍କ,୨୭।୧୧(ଏଜେନ୍ସି):** ଆମେରିକାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ତରନ୍‌ଜିତ ସିଂ ସାନ୍ଧୁ ନ୍ୟୁୟର୍କସ୍ଥିତ ଏକ ଗୁରୁଦ୍ୱାରକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଖଲିସ୍ତାନୀ ସମର୍ଥକମାନେ ଠେଲାପେଲା କରିଛନ୍ତି। ତରନ୍‌ଜିତ ଗୁରୁଦ୍ୱାରରେ ପହଞ୍ଚିବା ପରେ ବହୁ ସଂଖ୍ୟକ ଖଲିସ୍ତାନୀ ସମର୍ଥକ ତାଙ୍କୁ ଘେରି ଯିବା ସହିତ ଧମକଚମକ ଦେଇଥିଲେ। କିଛି ଦିନ ତଳେ କାନାଡ଼ାରେ ଅଜଣା ଆତତାୟୀ ଗୁଳିରେ ମୃତ୍ୟୁବରଣ କରିଥିବା ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜର ପ୍ରସଙ୍ଗ ଉଠାଇବା ସହିତ ଏଥିପାଇଁ ତରନଜିତ୍ ସିଂଙ୍କୁ ଦାୟୀ କରିଥିଲେ। ସେହପରି ନିକଟରେ ଆମେରିକାରେ ଶିଖ୍ ଫର ଜଷ୍ଟିସ୍ ନେତା ଗୁରୁପତୱନ୍ତ ସିଂହ ପନ୍ନୁଙ୍କ ହତ୍ୟା ଉଦ୍ୟମ ପଛରେ ମଧ୍ୟ ତାଙ୍କର ହାତ ରହିଥିବା ସେମାନେ ଚିତ୍କାର କରି ଖଲିସ୍ତାନୀ ପତାକା ଦେଖାଇବା ସହିତ ତାଙ୍କୁ ଫେରିଯିବାକୁ ଧମକ ଦେଇଥିଲେ। ତରନ୍‌ଜିତ ସିଂଙ୍କୁ ଯେଉଁଳି କଲିସ୍ତାନୀ ସମର୍ଥକମାନେ ଘେରି ଠେଲାପେଲା କରିଥିଲେ ତାହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗୁରୁପରବ ପ୍ରାର୍ଥନା କାର୍ଯ୍ୟକ୍ରମରେ ଯୋଗ ଦେବା ଲାଗି ତରନ୍‌ଜିତ ନିଜ ପରିବାର ସହିତ ଲଙ୍ଗ୍ ଆଇଲାଣ୍ଡସ୍ଥିତ ହିକ୍ସଭାଇଲ୍ ଗୁରୁଦ୍ୱାରକୁ ଯାଇଥିବା ବେଳେ ଏଭଳି ଘଟଣା ଘଟିଛି। ଏହାପରେ ସେ ତରନ୍‌ଜିତ ଗୁରୁଦ୍ୱାରରୁ ଚାଲି ଆସିଥିଲେ ବୋଲି କୁହାଯାଇଛି।

■ **ଇନ୍ଦୋର ସ୍କୁଲରେ ଚାଞ୍ଚଲ୍ୟ**

# ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ କମ୍ପାସ୍‌ରେ ୧୦୮ ଥର ଭୁସିଲେ ସହପାଠୀ

**ଇନ୍ଦୋର,୨୭।୧୧(ଏଜେନ୍ସି):** ଇନ୍ଦୋରର ଏକ ସ୍କୁଲରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ତିନି ସହପାଠୀ ଯେଉଁଳି ଆକ୍ରମଣ କରିଛନ୍ତି ତାହା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣା ଗତ ୨୪ ତାରିଖରେ ଘଟିଥିଲେ ହେଁ ବିଳମ୍ବରେ ସାମ୍ନାକୁ ଆସିଛି। ସହପାଠୀମାନେ ଉକ୍ତ ଛାତ୍ରଙ୍କୁ ଦୁଇ ଥର ନୁହେଁ, କମ୍ପାସ୍‌ରେ ୧୦୮ ଥର ଭୁସି ଗୁରୁତର ଆହତ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ ତାରିଖରେ ଏହି ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ରମାନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏହାପରେ ସେମାନଙ୍କ ମଧ୍ୟରେ ମାରପିଟ୍ ମଧ୍ୟ ହୋଇଥିଲା। କିନ୍ତୁ ଏହି ସମୟରେ ତିନି ଛାତ୍ର ମିଶି ଅନ୍ୟ ଜଣେ ଛାତ୍ରଙ୍କୁ ୧୦୮ ଥର କମ୍ପାସରେ ଭୁଶି ଦେଇଥିଲେ। ଭୟଭୀତ ଅବସ୍ଥାରେ ଘରକୁ ଫେରି ଆହତ ଛାତ୍ର ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିବା ପରେ ଏହି ମାମଲା ଏବେ ଥାନାରେ ପହଞ୍ଚିଛି। ଆହତ ଛାତ୍ରଙ୍କ ଡାକ୍ତରୀ ପରୀକ୍ଷା ପରେ ମାମଲା ରୁଜୁ ହୋଇଛି ବୋଲି ଆସିଷ୍ଟାଣ୍ଟ ପୁଲିସ କମିସନର ବିବେକ ସିଂହ ଚୌହାନ କହିଛନ୍ତି। ସମସ୍ତ ଛାତ୍ରଙ୍କ ବୟସ ୧୦ ବର୍ଷରୁ କମ୍ ହୋଇଥିବାରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**୧୫ ଦିନ ଧରି ଟନେଲ୍ ତଳେ ଶ୍ରମିକ**

# ଉଦ୍ଧାର ପାଇଁ ପୁଣି ୩୦ ଯାଏଁ ଅପେକ୍ଷା



**ଡେରାଡୁନ୍,୨୭।୧୧(ଏଜେନ୍ସି):**

● **୩୧ ମିଟର ଭର୍ଟିକାଲ ଡ୍ରିଲିଂ ଶେଷ**
● **ଘଟଣାସ୍ଥଳରେ ପହଞ୍ଚିଲେ 'ର୍‍ୟାଟ୍ ମାଇନର୍'**

ଉତ୍ତରାଖଣ୍ଡର ଉତ୍ତରକାଶୀ ସିଲକ୍ୟାରା ଟନେଲ ଦୁର୍ଘଟଣାରେ ଭିତରେ ଫସି ରହିଥିବା ୪୧ ଶ୍ରମିକଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇପାରି ନାହିଁ। ୧୬ ଦିନ ହେଲା ଫସି ରହିଥିବା ଏହି ଶ୍ରମିକମାନଙ୍କୁ ଉଦ୍ଧାର କରିବା ଲାଗି ସବୁ ସ୍ତରରେ ଉଦ୍ୟମ ଜାରି ରହିଥିଲେ ହେଁ ଡ୍ରିଲିଂ କାର୍ଯ୍ୟରେ ବାରମ୍ବାର ପ୍ରତିବନ୍ଧକ ସୃଷ୍ଟି ହେବା ଉଦ୍ଧାର କାର୍ଯ୍ୟକୁ ପ୍ରଭାବିତ କରିଛି। ଟନେଲ ମୁଖ୍ୟ ଦ୍ୱାର ଠାରୁ ପ୍ରାୟ ୫୬ ମିଟର ଦୂରରେ ଶ୍ରମିକମାନେ ଫସି ରହିଥିଲା ବେଳେ ପ୍ରଥମେ ସମାନ୍ତରାଳ ଭାବେ ଖନନ କରାଯାଇ ଏହା ଭିତରକୁ ପାଇପ ନେବାକୁ ଉଦ୍ୟମ କରାଯାଇଥିଲା। ଏହି ପ୍ରକ୍ରିୟାରେ ପ୍ରାୟ ୪୮ ମିଟର ଭିତରକୁ ପାଇପ ଭର୍ତ୍ତି କରାଯାଇଥିଲା ଏବଂ ଖୁବଶୀଘ୍ର ଶ୍ରମିକ ଉଦ୍ଧାର ପାଇବେ ବୋଲି ୪ ଦିନ ତଳେ ଆଶା ସଞ୍ଚାରିତ ହୋଇଥିଲା। ସେମାନଙ୍କୁ ଉଦ୍ଧାର କରାଯାଇ ପାଇପ ଯୋଗେ ଷ୍ଟ୍ରେଚରରେ ବାହାରକୁ ଆଣିବା ଲାଗି ଉଦ୍ଧାରକାରୀ ଟିମ୍ ମଧ୍ୟ ଭିତରକୁ ଯାଇଥିଲେ। ସେହିପରି ବାହାରେ ୧୫ ଜଣିଆ ଡାକ୍ତର ଟିମ୍ ସହ ଆମ୍ବୁଲାନ୍ସ ମଧ୍ୟ ପ୍ରସ୍ତୁତ ରଖାଯାଇଥିଲା। ହେଲେ ବିଗତ ୪ ଦିନ ହେଲା ଖନନ କାର୍ଯ୍ୟରେ ବାଧା ସୃଷ୍ଟି ହେବାରୁ ଶ୍ରମିକମାନଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇପାରି ନାହିଁ। ସମାନ୍ତରାଳ ଉପାୟରେ ଖନନ କରୁଥିବା ଆମେରିକାନ ଅଗର ମେସିନ୍‌ର ବ୍ଲେଡ୍ ଭାଙ୍ଗିଯିବାରୁ ଏହା ଭିତରେ ରହିଯାଇଥିଲା। ଯେଉଁଥିପାଇଁ ବିକଳ୍ପ ଭାବେ ଖନନ କରିବାକୁ ପାହାଡ଼ର ଉପରିସ୍ଥ ଭାଗରୁ 'ଭର୍ଟିକାଲ ଡ୍ରିଲିଂ' ଆରମ୍ଭ କରାଯାଇଥିଲା। ଶ୍ରମିକମାନେ ଫସି ରହିଥିବା ସ୍ଥାନରେ ପହଞ୍ଚିବାକୁ ହେଲେ ପାହାଡ଼ର ଉପରିସ୍ଥ ଭାଗରୁ ଭିତରକୁ ୮୬ ମିଟର ଖନନ କରିବାକୁ ପଡ଼ିବ। ବର୍ତ୍ତମାନ ସୁଦ୍ଧା ଏହି ପ୍ରକ୍ରିୟାରେ ୩୧ ମିଟର ଭିତରକୁ ଖନନ କରାଯାଇଥିବା ସୋମବାର ସୂଚନା ଦିଆଯାଇଛି। ବାକି ୫୫ ମିଟର ଖନନ କାର୍ଯ୍ୟ ଆସନ୍ତା ୩୦ ତାରିଖ ସୁଦ୍ଧା ଶେଷ ହେବ ବୋଲି ଜାତୀୟ ରାଜପଥ ଭିତ୍ତିଭୂମି ବିକାଶ ନିଗମ ପକ୍ଷରୁ କୁହାଯାଇଛି। ଭର୍ଟିକାଲ ଡ୍ରିଲିଂ କାର୍ଯ୍ୟରେ ସହଯୋଗ କରିବାକୁ ଦିଲ୍ଲୀ ଏବଂ ଝାନସୀରୁ ଭାରତୀୟ ସେନାର ଇଞ୍ଜିନିୟର,ର୍‍ୟାଟ୍ ମାଇନର୍ସ ଏବଂ ଅନ୍ୟ ବିଶେଷଜ୍ଞମାନେ ସୋମବାର ଦୁର୍ଘଟଣାସ୍ଥଳରେ ପହଞ୍ଚିଛନ୍ତି। ର୍‍ୟାଟ୍ ମାଇନର୍ସର ଏକ ଟିମ୍ ହାତରେ ଖନନ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି ବୋଲି ଏନଡିଏମଏ ସଦସ୍ୟ ଲେଫ୍ଟନାଣ୍ଟ ଜେନେରାଲ ସୟଦ ଆତା ହସନେନ୍ କହିଛନ୍ତି। ଶ୍ରମିକ ଉଦ୍ଧାର କାର୍ଯ୍ୟକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ତଦାରଖ କରାଯାଉଥିଲା ବେଳେ ସୋମବାର ପିଏମଓ କାର୍ଯ୍ୟାଳୟର ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ସମୀକ୍ଷା କରିଛନ୍ତି। ସେନା ଠାରୁ ଆରମ୍ଭ କରି ସରକାରୀ ଏବଂ ବେସରକାରୀ ସ୍ତରରେ ଫସି ରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରାଯାଉଛି। କିନ୍ତୁ ବିଗତ ୧୫ ଦିନ ହେଲା ଏନେଇ ସଫଳତା ମିଳିପାରି ନାହିଁ। ସେପଟେ ଉତ୍ତରକାଶୀରେ ତୁଷାରପାତ ଆରମ୍ଭ ହେବା ଆଶଙ୍କା ରହିଥିବାରୁ ଆଗକୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ମଧ୍ୟ ସମସ୍ୟା ଦେଖାଯାଇପାରେ ବୋଲି ଆଶଙ୍କା କରାଯାଉଛି।



## ଉଦ୍ଧାରକାର୍ଯ୍ୟ ସମୀକ୍ଷା କଲେ ପିଏମଓ ପ୍ରମୁଖ ସଚିବ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ସୋମବାର ଉତ୍ତରକାଶୀର ସିଲ୍କ୍ୟାରା ଦୁର୍ଘଟଣାସ୍ଥଳରେ ପହଞ୍ଚିବା ସହିତ ଶ୍ରମିକ ଉଦ୍ଧାର କାର୍ଯ୍ୟ ସମୀକ୍ଷା କରିଛନ୍ତି। ଶ୍ରମିକମାନଙ୍କୁ ଟନେଲ ତଳୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସରକାରୀ ଏବଂ ଘରୋଇ ଏଜେନ୍ସିଙ୍କ ଦ୍ୱାରା କାର୍ଯ୍ୟ କରାଯାଉଥିବା ବେଳେ ସେ ସମସ୍ତ ଅଞ୍ଚଳ ବୁଲି କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ସେ ଫସି ରହିଥିବା ଶ୍ରମିକମାନଙ୍କ ସହ ଯୋଗାଯୋଗ ବ୍ୟବସ୍ଥାରେ କଥା ହୋଇ ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯିବା ନେଇ ଆଶ୍ୱାସନା ଦେଇଥିଲେ। ସେମାନଙ୍କ ସହ କଥା ହେବା ପରେ ଶ୍ରମିକମାନଙ୍କ ମନୋବଳ ଦୃଢ ରହିଛି ଏବଂ ଉଦ୍ଧାର ହେବାକୁ ସେମାନେ ଆଶାବାଦୀ ରହିଥିବା ଡ. ମିଶ୍ର କହିଛନ୍ତି। ଶ୍ରମିକମାନଙ୍କ ସୁରକ୍ଷା ସହ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ଯନ୍ତ୍ରାଂଶର ସୁରକ୍ଷା ଲାଗି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ଦେବ ଦୀପାବଳିରେ ୧୨ ଲକ୍ଷ ଦୀପ ପ୍ରଜ୍ଜ୍ୱଳନରେ ଝଲସିଲା କାଶୀନଗରୀ



**ବାରଣାସୀ,୨୭।୧୧(ଏଜେନ୍ସି):** ଅଯୋଧ୍ୟା ପରେ ଦେବ ଦୀପାବଳିରେ କାଶୀନଗରୀ(ବାରଣାସୀ) ଝଲସିଛି। ସୋମବାର ଦେବ ଦୀପାବଳି ପାଳନ ଅବସରରେ ଏଠାକାର ୮୫ ଘାଟରେ ୧୨ ଲକ୍ଷ ଦୀପ ପ୍ରଜ୍ୱଳନ କରାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଦ୍ୱାରା ବିଶେଷ କାର୍ଯ୍ୟକ୍ରମ ଉଦଘାଟନ ହେବା ପରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଦୀପ ପ୍ରଜ୍ଜ୍ୱଳନ କରି ଜୟ ଶ୍ରୀରାମ ନାରାରେ ସାରା ସହରକୁ ପ୍ରକମ୍ପିତ କରିଥିଲେ। ଏହି ଅବସରରେ କାଶୀନଗରୀକୁ ଦେଶ ବିଦେଶରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଥମଥର ପାଇଁ ୭୦ଟି ଦେଶର ରାଷ୍ଟ୍ରଦୂତ କିମ୍ବା ସେମାନଙ୍କ ପ୍ରତିନିଧି ଯୋଗ ଦେଇଥିଲେ। ୮୫ ଘାଟରେ ପ୍ରଜ୍ଜ୍ୱଳନ କରାଯାଇଥିବା ଦୀପ ମଧ୍ୟରେ ଏକ ଲକ୍ଷ ଦୀପ କେବଳ ଗୋବରରୁ ପ୍ରସ୍ତୁତ କରାଯାଇଥିବା କୁହାଯାଇଛି। ସେହିପରି ୭୦ ଘାଟରେ ସ୍ୱତନ୍ତ୍ର ଗଙ୍ଗା ଆଳତି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପରମ୍ପରା ଅନୁସାରେ ଦେବାଦେବୀଙ୍କ ଉଦ୍ଦେଶ୍ୟରେ ଦେବ ଦୀପାବଳି ଉତ୍ସବ ଆୟୋଜନ ସହ ଆତଙ୍କ ରଚିଥିବା ତ୍ରିପୁରାସୁରର ନିଧନ ଖୁସିରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । ତ୍ରିପୁରାସୁର ବଧ ପାଇଁ ଶ୍ରଦ୍ଧାଳୁମାନେ ମହାଦେବଙ୍କ ପ୍ରତି କୃତଜ୍ଞତା ଓ ଭକ୍ତି ଜଣାଇଥିଲେ। ପ୍ରାଚୀନ କାଳରୁ ଚାଲି ଆସୁଥିବା ଏହି ପରମ୍ପରା ସୋମବାର ଗଙ୍ଗା ତଟରେ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ଦୀପାବଳି ପରେ କାର୍ତ୍ତିକ ପୂର୍ଣ୍ଣିମାରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବ ପାଇଁ ଅନେକ ଦିନରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଏହି ଅବସରରେ କାଶୀ ବିଶ୍ୱନାଥ ମନ୍ଦିରକୁ ଦେଶ-ବିଦେଶରୁ ଅଣାଯାଇଥିବା ପ୍ରାୟ ୧୧ ଟନ ଫୁଲରେ ସଜ୍ଜିତ କରାଯାଇଥିଲା। ଏହି ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ ଏବଂ ଉତ୍ତରପ୍ରଦେଶର ବହୁ ମନ୍ତ୍ରୀ ଉପସ୍ଥିତ ରହିଥିଲେ ।

**କେସିଆର୍‌ଙ୍କୁ ନିର୍ବାଚନ କମିସନଙ୍କ କଡ଼ା ନିର୍ଦ୍ଦେଶ**

# ରାଇତୁ ବନ୍ଧୁ ଯୋଜନା ସ୍ଥଗିତ ରଖ

**ହାଇଦରାବାଦ୍,୨୭।୧୧(ଏଜେନ୍ସି):**



୫ଟି ରାଜ୍ୟର ବିଧାନସଭା ନିର୍ବାଚନ ମଧ୍ୟରୁ ୪ ରାଜ୍ୟରେ ମତଦାନ ଶେଷ ହୋଇଥିଲା ବେଳେ ଆସନ୍ତା ୩୦ ତାରିଖରେ ତେଲେଙ୍ଗାନାରେ ନିର୍ବାଚନ ହେବାକୁ ଯାଉଛି। ଏଠାରେ ମୁଖ୍ୟତଃ ବିଜେପି, କଂଗ୍ରେସ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ(କେସିଆର)ଙ୍କ ଭାରତ ରାଷ୍ଟ୍ର ସମିତି( ବିଆର୍‌ଏସ୍) ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଥିଲା ବେଳେ ଏହି ସମସ୍ତ ଦଳ ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ତେବେ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ କେସିଆରଙ୍କୁ ଲାଗିଛି ବଡ଼ ଝଟ୍‌କା ଲାଗିଛି। କୃଷକମାନଙ୍କ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା 'ରାଇତୁ ବନ୍ଧୁ' ଯୋଜନକୁ ସ୍ଥିଗିତ ରଖିବାକୁ ନିର୍ବାଚନ କମିସନ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ନିବର୍ବାଚନକୁ ଦୃଷ୍ଟିରେ ରଖି ରବି ଫସଲ ନିମନ୍ତେ ଏହି ଯୋଜନାରେ କୃଷକମାନଙ୍କୁ ମିଳୁଥିବା ଆର୍ଥିକ ସହାୟତା ନିମନ୍ତେ ଦେଇଥିବା ଅନୁମତିକୁ କମିସନ ପ୍ରତ୍ୟାହାର କରି ନେଇଥିବା ସୂଚନା ମିଳିଛି। ରାଜ୍ୟରେ ନିର୍ବାଚନୀ ଆଚରଣ ବିଧି ଲାଗୁ ରହିବା ଯାଏ ଏହି ଯୋଜନାରେ କୌଣସି ଆର୍ଥିକ ସହାୟତା ବଣ୍ଟନ କରାଯିବ ନାହିଁ ବୋଲି ନିର୍ବାଚନ ଆୟୋଗ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରବି ଫସଲ ନିମନ୍ତେ କୃଷକମାନଙ୍କୁ ରାଇତୁ ବନ୍ଧୁ ଯୋଜନାରେ ଆର୍ଥିକ ସହାୟତା ଦେବା ପାଇଁ କିଛି ସର୍ତ୍ତାବଳୀ ସହ ନିର୍ବାଚନ କମିସନ ତେଲେଙ୍ଗାନା ସରକାରଙ୍କୁ ଅନୁମତି ପ୍ରଦାନ କରିଥିଲେ। ରାଜ୍ୟରେ ନିର୍ବାଚନ ଆଚରଣବିଧି ଲାଗୁ ହେବା ପରେ ଏହି ଯୋଜନା ସଂକ୍ରାନ୍ତରେ ସରକାର ସର୍ବସାଧାରଣରେ ବିବୃତ୍ତି ଦେବେ ନାହିଁ ବୋଲି ସର୍ତ୍ତ ରହିଥିଲା। ହେଲେ ନିକଟରେ ଏହି ଯୋଜନା ସମ୍ପର୍କରେ ଅର୍ଥ ମନ୍ତ୍ରୀ ଟି ହରିଷ ରାଓ ସର୍ବସାଧାରଣରେ ଏକ ବିବୃତ୍ତି ଦେଇଥିଲେ। ଏହାପରେ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ହୋଇଥିବା ଦର୍ଶାଇ ନିର୍ବାଚନ କମିସନ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି।

# ମୋଦୀଙ୍କୁ ମହାତ୍ମା ଗାନ୍ଧୀଙ୍କ ସହ ତୁଳନା କରି ଚର୍ଚ୍ଚାରେ ଧନ୍‌ଖର୍

**ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):** ଉପରାଷ୍ଟ୍ରପତି ଜଗଦୀପ ଧନଖର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସହ ତୁଳନା କରି ଚର୍ଚ୍ଚିତ ହୋଇପଡ଼ିଛନ୍ତି। ତାଙ୍କର ଏଭଳି ଆଭିମୁଖ୍ୟକୁ କଂଗ୍ରେସ ପକ୍ଷରୁ ତୀବ୍ର ସମାଲୋଚନା କରାଯିବା ସହିତ ଏହି ଘଟଣା ଅତ୍ୟନ୍ତ ଲଜ୍ଜାଜନକ ବୋଲି କୁହାଯାଇଛି। ସୋମବାର ଜୈନ ଦାର୍ଶନିକ ଶ୍ରୀମଦ ରାଜଚନ୍ଦ୍ରଜୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଧନଖର କହିଥିଲେ ଯେ, ଗତ ଶତାବ୍ଦୀରେ ମାହାତ୍ମା ଗାନ୍ଧୀ ଜଣେ ମହାପୁରୁଷ ଥିଲେ। କିନ୍ତୁ ଚଳିତ ଶତାବ୍ଦୀରେ ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ଯୁଗପୁରୁଷ। ମହାତ୍ମା ଗାନ୍ଧୀ ଅହିଂସା ଏବଂ ସତ୍ୟକୁ ଆଧାର କରି ଦେଶକୁ ଇଂରେଜମାନଙ୍କ କବଳରୁ ମୁକ୍ତ କରିଥିଲା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ଦେଶକୁ ବିକାଶ ପଥରେ ଅଗ୍ରସର କରାଉଛନ୍ତି। ଏହାବ୍ୟତୀତ ଉଭୟ ଶ୍ରୀମଦ ରାଜଚନ୍ଦ୍ରଜୀଙ୍କ ଆଦର୍ଶରେ ମଧ୍ୟ ଅନୁପ୍ରାଣିତ ବୋଲି ଧନଖର କହିଥିଲେ। ତେବେ ତାଙ୍କର ଏଭଳି ମନ୍ତବ୍ୟକୁ କଂଗ୍ରେସ ତୀବ୍ର ସମାଲୋଚନା କରିଛି।

# ବୁଡ଼ିଗଲା ଜାହାଜ; ୪ ଭାରତୀୟ ନିଖୋଜ

**ଲେସ୍‌ବଜ୍,୨୭।୧୧(ଏଜେନ୍ସି):** ଗ୍ରୀସ୍‌ର ଲେସ୍‌ବଜ୍ ଦ୍ୱୀପ ନିକଟରେ ତୋଫାନ ଆସିବା ପରେ ସମୁଦ୍ରରେ ଲୁଣ ନେଇ ଯାଉଥିବା ଏକ ଜାହାଜ ବୁଡ଼ିଯାଇଛି। ଏହି ଘଟଣାରେ ଜାହାଜର ୧୨ଜଣ କର୍ମଚାରୀ ନିଖୋଜ ହୋଇଯାଇଥିଲା ବେଳେ ସେମାନଙ୍କ ମଧ୍ୟରେ ୪ଜଣ ଭାରତୀୟ ରହିଥିବା କଥା ଗ୍ରୀକ୍ ତଟରକ୍ଷୀ ସେନା କହିଛି। ଜାହାଜ କର୍ମଚାରୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି ।କମୋରସ୍‌ରେ ପଞ୍ଜିକୃତ ହୋଇଥିବା 'ଦି ରାପ୍ଟର୍' ନାମକ ଏହି ଜାହାଜ ୬୦୦୦ ଟନ୍ ଲୁଣ ନେଇ ଇଜିପ୍ଟର ଆଲେକ୍‌ଜେଣ୍ଡ୍ରିଆରୁ ଇସ୍ତାନ୍‌ବୁଲ୍ ଯାଉଥିଲା।

■ ଡିସେମ୍ବର ୨୪ରୁ ଆରମ୍ଭ ■ କଟକରେ ଖେଳାଯିବ ସମସ୍ତ ମ୍ୟାଚ

# ଓଡ଼ିଶାରେ ଖେଳାଯିବ ଦ୍ୱିତୀୟ ସଂସ୍କରଣ

ଭୁବନେଶ୍ୱର, ୨୭।୧୧ (ସମିସ): ରାଜ୍ୟ କ୍ରୀଡ଼ା ଇତିହାସରେ ଆଉ ଏକ ପର୍ବ ଯୋଡ଼ି ହେବାକୁ ଯାଉଛି। ଫ୍ରାଞ୍ଚାଇଜିଭିତ୍ତିରେ ଖେଳାଯାଉଥିବା ଖୋ ଖୋ ପ୍ରତିଯୋଗିତା 'ଅଲଟିମେଟ୍ ଖୋ ଖୋ' (ୟୁକେକେ)ର ଆଗାମୀ ଦ୍ୱିତୀୟ ସଂସ୍କରଣ ଓଡ଼ିଶାରେ ଆୟୋଜିତ ହେବ। ପ୍ରଥମ ସଂସ୍କରଣର ସଫଳତା ପରେ ଅଲ୍ଟିମେଟ୍ ଖୋ ଖୋ ଏହାର ବିଶାଳ ୨ୟ ସଂସ୍କରଣ ପାଇଁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ଡିସେମ୍ବର ୨୪ରୁ ଓଡ଼ିଶାରେ ଆରମ୍ଭ ହେବ ଅଲ୍ଟିମେଟ୍ ଖୋ ଖୋ' ଦ୍ୱିତୀୟ ସଂସ୍କରଣ। କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ସମସ୍ତ ମ୍ୟାଚ୍ ଖେଳାଯିବ। ଜାନୁଆରୀ ୧୩ରେ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଏବଂ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି, 'ଆମେ ଓଡ଼ିଶାରେ ଅଲ୍ଟିମେଟ୍ ଖୋ ଖୋର ୨ୟ ସଂସ୍କରଣର ଆୟୋଜନ କରିବା ପାଇଁ ଖୁବ୍ ଉତ୍ସାହିତ ରହିଛୁ। ଏହା ଆମ ସମସ୍ତଙ୍କ ପାଇଁ ଏକ ଉତ୍ସାହଜନକ ସୁଯୋଗ। ଓଡ଼ିଶାର ଯୁବପିଢ଼ି ବହୁମାତ୍ରାରେ ଖୋ ଖୋ ଖେଳିବା ସହ ଏହାକୁ ଅନୁସରଣ କରିଥାନ୍ତି। ଦ୍ୱିତୀୟ ସଂସ୍କରଣର ଆୟୋଜନ କରି ରାଜ୍ୟବାସୀଙ୍କୁ ଏହି ଚମତ୍କାର ଖେଳର ପ୍ରତ୍ୟକ୍ଷ ଅନୁଭୂତି ସହ ଏକ ସୁଯୋଗ ଦେବ ଏବଂ ସେମାନଙ୍କୁ ଏହି ଖେଳ ଖେଳିବା ଓ ଏହାକୁ ଅନୁସରଣ କରିବା ପାଇଁ ଅନୁପ୍ରାଣିତ କରିବ। ଆମେ ଚଳିତ ସଂସ୍କରଣକୁ ଏକ ବିଶାଳ ସଫଳତାରେ ପରିଣତ କରିବା ପାଇଁ ପ୍ରତିବଦ୍ଧ ରହିଛୁ।' କ୍ରୀଡ଼ାମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ ଏହା ପ୍ରକାଶ କରିଛନ୍ତି। ଖୋ ଖୋ ଫେଡେରେସନ ଅଫ୍ ଇଣ୍ଡିଆ ସହ ସହଭାଗିତାରେ ଅମିତ ବର୍ମନଙ୍କ ଦ୍ୱାରା ପ୍ରୋତ୍ସାହିତ 'ୟୁକେକେ' ଅଧିକ ନିୟୋଜିତ ଶୈଳୀରେ ଏହି ସ୍ୱଦେଶୀ କ୍ରୀଡ଼ାକୁ ପୁନର୍ଜୀବିତ ଓ ପ୍ରୋତ୍ସାହିତ କରିବା ପାଇଁ ଉତ୍ସର୍ଗୀକୃତ ରହିଛି। ଅଲ୍ଟିମେଟ୍ ଖୋ ଖୋ'ର ସିଇଓ ଓ ଲିଗ୍ କମିଶନର୍ ତେଞ୍ଜିଙ୍ଗ ନିୟୋଗି କହିଛନ୍ତି, 'ସଂସ୍କରଣ-୨ ଆୟୋଜନ ପାଇଁ ସମସ୍ତ ସହାୟତା ଓ ସହଯୋଗ ପ୍ରଦାନ ଲାଗି ପ୍ରତିଶ୍ରୁତି ଦେଇଥିବାରୁ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆମେ କୃତଜ୍ଞତା ଜଣାଉଛୁ। ଉଦ୍‌ଘାଟନୀ ସଂସ୍କରଣର ଚମତ୍କାର ସଫଳତା ବ୍ରାଣ୍ଡଗୁଡ଼ିକୁ ବହୁମାତ୍ରାରେ ଆକର୍ଷିତ କରିଥିଲା ଏବଂ ଆମକୁ ନୂଆ ସହଯୋଗୀ ହାସଲ କରିବାରେ ସାହାଯ୍ୟ କରିଥିଲା। ସଂସ୍କରଣ-୨ ଭବିଷ୍ୟତର ନୂତନ ଯୁଗର ସୁପରଷ୍ଟାରମାନଙ୍କୁ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି।' ନିକଟରେ ଏକ ଘରୋଇ ଇକ୍ୱିଟି ଇନ୍‌ଭେଷ୍ଟମେଣ୍ଟ ଫାର୍ମ ଫିନ୍‌ଟେଷ୍ଟ (ଏକ ବିଏନ୍‌ପି ଗ୍ରୁପ୍ କମ୍ପାନୀ) ସ୍ୱଦେଶୀ ବିକାଶର ଢାଞ୍ଚାକୁ ସୁଦୃଢ଼ କରିବା ପାଇଁ ଅଲ୍ଟିମେଟ ଖୋ ଖୋରେ ନିବେଶ କରିଥିଲା। ବିଏନ୍‌ପି ଗ୍ରୁପର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଡ଼ ବିଶ୍ୱନାଥ ପଟ୍ଟନାୟକ କହିଛନ୍ତି, 'ଘରୋଇ କ୍ରୀଡ଼ାକୁ ନୂଆ ରୂପ ଦେଉଥିବା ଏବଂ ଦେଶର ଉଚ୍ଚାଭିଳାଷୀ ଯୁବପିଢ଼ିଙ୍କୁ ଉଜ୍ଜ୍ୱଳିତ ହେବା ପାଇଁ ସଶକ୍ତ କରୁଥିବା ଏହି ଆନ୍ଦୋଳନର ଏକ ଅଂଶ ହୋଇ ଆମେ ଉତ୍ସାହିତ। ୟୁକେକେ ହେଉଛି ଆମର ବର୍ଦ୍ଧିତ ସ୍ପୋର୍ଟସ୍ ଇନ୍‌ଭେଷ୍ଟମେଣ୍ଟ ପ୍ରୋଫାଇଲର ଏକ ଅଂଶବିଶେଷ।'

ଉଲ୍ଲେଖଯୋଗ୍ୟ, ଅଲ୍ଟିମେଟ ଖୋ ଖୋ'ର ପ୍ରଥମ ସଂସ୍କରଣ ପୁଣେରେ ଗତବର୍ଷ ସଫଳତାର ସହ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ଦଳ ଓଡ଼ିଶା ଜଗରନଟ୍ସ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା। ଦ୍ୱିତୀୟ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ସମେତ ଚେନ୍ନାଇ କୁଇକ୍ ଗନ୍‌ସ, ଗୁଜରାଟ ଜାଏଣ୍ଟସ, ମୁମ୍ବାଇ ଖିଲାଡ଼ିସ୍, ରାଜସ୍ଥାନ ୱାରିୟର୍ସ, ତେଲୁଗୁ ଯୋଦ୍ଧାସ୍ ଆଦି ୬ଟି ଫ୍ରାଞ୍ଚାଇଜ ଟାଇଟଲ୍ ପାଇଁ ଅବତୀର୍ଣ୍ଣ ହେବେ। ଏଥର ଭାରତର ଶୀର୍ଷ ୧୪୫ ଜଣ ଖେଳାଳି ରହିବେ ଯେଉଁଥିରେ ୧୬ରୁ ୧୮ ବର୍ଷ ବୟସର ୩୩ ଜଣ ଯୁବ ପ୍ରତିଭା ସାମିଲ ହୋଇଛନ୍ତି। ୟୁକେକେ ସଂସ୍କରଣର ସିଧା ପ୍ରସାରଣ କରାଯିବ।



ULTIMATE KHO KHO

■ ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୪

# ଗିଲ୍ ଗୁଜରାଟ ଟାଇଟନ୍ସ ଅଧିନାୟକ



ନୂଆଦିଲ୍ଲୀ, ୨୭।୧୧(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଓପନର ଶୁବମାନ ଗିଲ ଗୁଜରାଟ ଟାଇଟନ୍ସର ନୂଆ ଅଧିନାୟକ ନିଯୁକ୍ତ କରାଯାଇଛି। ସେ ୨୦୨୪ ଆଇପିଏଲରେ ଦଳର ନେତୃତ୍ୱ ନେବେ। ଏହା ପୂର୍ବରୁ ଗତ ଦୁଇ ସଂସ୍କରଣ ଧରି ଦଳର ନେତୃତ୍ୱ ନେଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳିବେ ବୋଲି ଟାଇଟନ୍ସକୁ ଛାଡ଼ିଥିଲେ। ଫଳରେ ପାଣ୍ଡ୍ୟାଙ୍କ ସ୍ଥାନରେ ଗିଲ ଦଳର ନୂଆ ଅଧିନାୟକ ହେବେ ବୋଲି ଟାଇଟନ୍ସର ଡାଇରେକ୍ଟର ଅଫ୍ କ୍ରିକେଟ ବିକ୍ରମ ସୋଲାଙ୍କି ପ୍ରକାଶ କରିଛନ୍ତି।

ସୋଲାଙ୍କିଙ୍କ ମତରେ ଗିଲ ଗତ ଦୁଇଟି ସଂସ୍କରଣରେ ତାଙ୍କ ଖେଳ ଓ ବୁଝାମଣାରେ ଯଥେଷ୍ଟ ଉନ୍ନତି କରିଛନ୍ତି। ସେ ଅର୍ନ୍ତଜାତୀୟ ସ୍ତରରେ ଢେର ସଫଳତା ପାଉଛନ୍ତି। ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଗିଲ ଦଳର ନେତୃତ୍ୱ ନେବାକୁ ବେଶ ପରିପକ୍ୱ ହୋଇଛନ୍ତି। ତାଙ୍କ ନିକଟରେ ଅଧିନାୟକ ହେବାର ସମସ୍ତ ଦକ୍ଷତା ରହିଛି। ସୋଲାଙ୍କି ଆହୁରି ମଧ୍ୟ କହିଥିଲେ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଟାଇଟନ୍ସ ଏକ ଶ୍ରେଷ୍ଠ ଦଳ ଭାବେ ପରିଣତ ହୋଇଥିଲା। ଗତ ଦୁଇଟି ସଂସ୍କରଣ ମଧ୍ୟରେ ଟାଇଟନ୍ସ ୨୦୨୨ରେ ଚାମ୍ପିଅନ ଓ ୨୦୨୩ରେ ରନର୍ସ ଅପ୍ ହୋଇଥିଲା। ପାଣ୍ଡ୍ୟାଙ୍କ ସ୍ଥାନରେ ଗିଲ ସମାନ ସଫଳତା ପାଇବେ ବୋଲି ସୋଲାଙ୍କି ଆଶା ପ୍ରକାଶ କରିଛନ୍ତି। ଅଧିନାୟକ ଭାବେ ନିଜ ନାମ ଘୋଷଣା ହେବା ପରେ ଗିଲ ଖୁବ୍ ଖୁସି ଜାହିର କରିଛନ୍ତି। ଟାଇଟନ୍ସ ପରି ଏକ ଶକ୍ତିଶାଳୀ ଦଳର ନେତୃତ୍ୱ ନେବା ମୋ ଲାଗି ଓ ମୋ ଦଳ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଗତ ଦୁଇଟି ସଂସ୍କରଣରେ ଟାଇଟନ୍ସ ପକ୍ଷରୁ ଗିଲ ୩୩ଟି ମ୍ୟାଚ୍ ଖେଳି ୧୩୭୩ ରନ୍ କରିଛନ୍ତି। ଦ୍ୱିତୀୟ ବର୍ଷ ଦଳ ରନର୍ସ ଅପ୍ ହୋଇଥିଲାବେଳେ ଗିଲ୍ ୧୬ଟି ମ୍ୟାଚ ଖେଳି ୮୯୦ ରନ୍ କରିଥିଲେ।

### ପାଣ୍ଡ୍ୟାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସର ସ୍ୱାଗତ

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୫ଥର ଚାମ୍ପିଅନ ହୋଇଛି। ଏହି ୫ଟି ମଧ୍ୟରେ ୪ଟିରେ ପାଣ୍ଡ୍ୟାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଟାଇଟନ୍ସରେ ମଧ୍ୟ ତାଙ୍କର ପ୍ରଭାବ ବେଶ ଥିଲା। କିନ୍ତୁ କେଉଁ କାରଣ ଯୋଗୁଁ ତାଙ୍କୁ ଟାଇଟନ୍ସ ଛାଡିବାକୁ ପଡ଼ିଲା, ସେ ସମ୍ପର୍କରେ କେହି କିଛି କହିନାହାନ୍ତି। ବିକ୍ରମ ସୋଲାଙ୍କିଙ୍କ ମତରେ ପାଣ୍ଡ୍ୟା ମୁମ୍ବାଇରୁ ଖେଳିବାକୁ ଚାହିଁବାରୁ ଆମେ ତାଙ୍କୁ ଛାଡିଦେଇଛୁ। ଏହା ବିଶ୍ୱାସଯୋଗ୍ୟ ନୁହେଁ। ଅନ୍ୟ ପକ୍ଷରେ ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନକୁ ମୁମ୍ବାଇ ଇଣ୍ଡିଆନ୍ସ ଆକାଶ ଆମ୍ବାନୀ ସ୍ୱାଗତ କରିଛନ୍ତି। ଅତୀତରେ ସେ ଆମ ଲାଗି ଭଲ ଖେଳିଛନ୍ତି ଓ ଦ୍ୱିତୀୟଥର ତା'ଠାରୁ ଅଧିକ ଭଲ ଖେଳିବେ ବୋଲି କହିଛନ୍ତି।

ଗତକାଲି ଖେଳାଳି ରିଟେନ ଓ ଛାଡିବା ଲାଗି ନିଷ୍ପତ୍ତି ନେବା ଶେଷ ଦିନ ଥିଲା। ପାଣ୍ଡ୍ୟାଙ୍କୁ ଟାଇଟାନ୍ସ ରିଟେନ କରିଥିଲେ। ଶେଷ ମୁହୂର୍ତ୍ତରେ ଖେଳାଳି ବିନିମୟ ମାଧ୍ୟମରେ ପାଣ୍ଡ୍ୟାଙ୍କୁ ଟାଇଟନ୍ସ ଛାଡ଼ିବାକୁ ବାଧ୍ୟ ହୋଇଥିଲା। ମୁମ୍ବାଇ ତାଙ୍କୁ ଟାଇଟନ୍ସ ଦେଉଥିବା ୧୫ କୋଟି ଟଙ୍କା ବିନିମୟରେ ଦଳରେ ସାମିଲ କରିଛି। ଏଥିଲାଗି ଅଷ୍ଟ୍ରେଲୀୟ ଅଲରାଉଣ୍ଡର କାମେରନ ଗ୍ରୀନ୍‌ଙ୍କୁ ମୁମ୍ବାଇ ପ୍ରତିଦ୍ୱନ୍ଦ୍ୱୀ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋରକୁ ଦେଇ ଦେଇଛି।

## ଜାତୀୟ ବରିଷ୍ଠ ପୁରୁଷ ହକି

# ପଞ୍ଜାବ-ହରିୟାଣା ଫାଇନାଲ

ଚେନ୍ନଇ, ୨୭।୧୧(ଏଜେନ୍ସି): ପଞ୍ଜାବ ଓ ହରିଆଣା ମଧ୍ୟରେ ହକି ଇଣ୍ଡିଆ ଆୟୋଜିତ ଜାତୀୟ ବରିଷ୍ଠ ପୁରୁଷ ହକି ପ୍ରତିଯୋଗିତାର ଫାଇନାଲ ମୁକାବିଲା ହେବ। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ସେମିଫାଇନାଲରେ ପଞ୍ଜାବ ୫-୧ରେ ହକି କର୍ଣ୍ଣାଟକକୁ ଓ ହରିୟାଣା ୪-୨ ପେନାଲ୍ଟି ସୁଟ୍‌ଆଉଟରେ ହକି ତାମିଲନାଡୁକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅପରାହ୍ଣରେ ଫାଇନାଲ ମୁକାବିଲା ଖେଳାଯିବ। ଏହା ପୂର୍ବରୁ ହକି କର୍ଣ୍ଣାଟକ ଓ ହକି ତାମିଲନାଡୁ ମଧ୍ୟରେ ତୃତୀୟ ସ୍ଥାନ ଲାଗି ମୁକାବିଲା ହେବ। ଏହି ପ୍ରତିଯୋଗିତାରେ ସମସ୍ତ ଅନ୍ତର୍ଜାତୀୟ ଖେଳାଳି ଭାଗ ନେଉଛନ୍ତି। ଅମିତ ରୋହିଦାସ, ଦୀପସାନ ତିର୍କୀ, ନୀଲମ ସଞ୍ଜୀପ ଖେସ୍, ଶିଳାନନ୍ଦ ଲାକ୍ରାଙ୍କ ଭଳି ଖେଳାଳିଙ୍କୁ ନେଇ ଗଠିତ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ହରିୟାଣାଠାରୁ ପରାଜିତ ହୋଇ ବିଦାୟ ନେଇଥିଲା।

ଭାରତୀୟ ଅଗ୍ରଭାଗ ଖେଳାଳି ଅଭିଷେକ ଶର୍ମା ହରିୟାଣା ପକ୍ଷରୁ ଓ ବିପି ସୋମନ୍ନା ତାମିଲନାଡୁ ପକ୍ଷରୁ ନିର୍ଦ୍ଧାରିତ ସମୟରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। କର୍ଣ୍ଣାଟକ ବିପକ୍ଷରେ ପଞ୍ଜାବ ଦଳର ଭାରତୀୟ ଖେଳାଳି ସମସେର ସିଂ, ଆକାଶଦୀପ ସିଂ, ସୁଖଜିତ ସିଂ ଗୋଟିଏ ଲେଖାଏଁ, ଅଧିନାୟକ ହରମନପ୍ରୀତ ସିଂ ୨ଟି ଗୋଲ ସ୍କୋର କରିବା



ପ୍ରଥମ ଖେଲୋ ଇଣ୍ଡିଆ ପାରା ଗେମ୍ସ ଲୋଗୋ ଓ ମାସ୍କଟ ଉଦ୍‌ଘାଟନ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଓ ଅନ୍ୟ ଶ୍ରେଷ୍ଠ ଆଥ୍ଲେଟମାନେ।

● ବିଜୟ ହଜାରେ ଟ୍ରଫି

# ବ୍ୟାଟିଂ ବିଫଳ; କେରଳଠାରୁ ହାରିଲା ଓଡ଼ିଶା

■ ଶାନ୍ତନୁ ମିଶ୍ରଙ୍କ ସଂଘର୍ଷପୂର୍ଣ୍ଣ ଅର୍ଦ୍ଧଶତକ
■ ଅଭିଷେକ ଯାଦବଙ୍କୁ ୪ ୱିକେଟ

କଟକ, ୨୭।୧୧(ସମିସ): ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଲଗାତାର ଦ୍ୱିତୀୟ ପରାଜୟ ହାସଲ କରିଛି। ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ ଯୋଗୁଁ ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୭୮ ରନରେ କେରଳ ଠାରୁ ପରାସ୍ତ ହୋଇଛି। କେରଳ ପକ୍ଷରୁ ଧାର୍ଯ୍ୟ ୨୮୭ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶା ୨୦୮ ରନରେ ଅଲଆଉଟ ହୋଇଥିଲା। ଶାନ୍ତନୁ ମିଶ୍ର ଏକମାତ୍ର ଖେଳାଳି ଭାବେ ସଂଘର୍ଷପୂର୍ଣ୍ଣ ୯୨ରନର ଇନିଂସ୍ ଖେଳିଥିଲେ। ଆସନ୍ତା ୨୯ରେ ଓଡ଼ିଶା ୪ର୍ଥ ମୁକାବିଲାରେ ସୌରାଷ୍ଟ୍ରକୁ ଭେଟିବ।

ଅଲୁରର କେଏସ୍‌ସିଏ କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା-କେରଳ ମ୍ୟାଚ୍ ଖେଳାଯାଇଥିଲା। କେରଳ ଅଧିନାୟକ ସଞ୍ଜୁ ସାମସନ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦୁଇ ଓପନର ଅଧିକ ସମୟ କ୍ରିଜରେ ତିଷ୍ଠି ପାରିନଥିଲେ। ମହମ୍ମଦ ଆଝାରୁଦ୍ଦିନ (୧୨ରନ) ଏବଂ ରୋହନ କୁନ୍ନୁମାଲ (୧୭ରନ) ମିଡିୟମ ପେସର ପ୍ରୟାସ ସିଂହଙ୍କ ଶିକାର ହୋଇଥିଲେ। ଅଧିନାୟକ ସଞ୍ଜୁ ୧୫ରନ କରିଥିବା ବେଳେ ରାଜେଶ ମହାନ୍ତିଙ୍କ ବଲରେ ୱିକେଟ କିପର ରାଜେଶ ଧୂପରଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ପରେ ସଚିନ ବେବିଙ୍କୁ ମାତ୍ର ୨ରନରେ ଆଉଟ କରିଥିଲେ ସ୍ପିନର ଗୋବିନ୍ଦ ପୋଦ୍ଦାର। ୭୫ରନରେ କେରଳ ପ୍ରଥମ ୪ଟି ୱିକେଟ ହରାଇଥିଲା। ମାତ୍ର ବ୍ୟାଟିଂ କ୍ରମ ୫ନଂରେ କ୍ରିଜକୁ ଆସିଥିବା ବିଷ୍ଣୁ ବିନୋଦ ଆକ୍ରମଣାତ୍ମକ ଶୈଳୀରେ ଖେଳି ଓଡ଼ିଶାର ଯୋଜନାକୁ ପଣ୍ଡ କରିଥିଲେ। ପ୍ରାରମ୍ଭରୁ ହିଁ ସେ ଓଡ଼ିଶା ବୋଲରଙ୍କ ଉପରେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଆଇପିଏଲରେ ମୁମ୍ବଇ ଇଣ୍ଡିଆନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବିଷ୍ଣୁ ୮୫ବଲରୁ ୫ଟି ଚୌକା ଓ ୮ଟି ଛକା ବଳରେ ୧୨୦ରନର ଶତକୀୟ ଇନିଂସ୍ ଖେଳିଥିଲେ। ଅଭିଷେକ ଯାଦବଙ୍କ ବଲରେ କ୍ଲିନ ବୋଲ୍ଡ ହୋଇ ବିଷ୍ଣୁ କ୍ରିଜ ଛାଡ଼ିଥିଲେ। କେରଳର ନିମ୍ନ ମଧ୍ୟକ୍ରମର ବ୍ୟାଟରମାନେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥିଲେ। ଶ୍ରେୟାସ ଗୋପାଳ ୧୩ରନ, ଅଖିଳ ସାକାରିଆ ୩୪ରନ ଏବଂ ଅବଦୁଲ ବଶିଷ୍ଠ ୪୮ ରନର ଦ୍ରୁତ ଇନିଂସ୍ ଖେଳିଥିଲେ। କେରଳ ୯ ୱିକେଟ ବିନିମୟରେ ୨୮୬ରନ ସଂଗ୍ରହ କରିଥିଲା। ଓଡ଼ିଶା ପକ୍ଷରୁ ଅଭିଷେକ ସର୍ବାଧିକ ୪ଟି, ରାଜେଶ ମହାନ୍ତି ଓ ପ୍ରୟାସ ସିଂହ ୨ଟି ଲେଖାଏ ଏବଂ ଗୋବିନ୍ଦ ପୋଦ୍ଦାର ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

ଦଳୀୟ ସ୍କୋର ଶୂନରେ ଓଡ଼ିଶା ପ୍ରଥମ ୱିକେଟ ହରାଇଥିଲା। ଖାତା ଖୋଲିବା ପୂର୍ବରୁ ଅନୁରାଗ ଷଡ଼ଙ୍ଗୀ ବାସିଲ ଥାମ୍ପିଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିବା ଶାନ୍ତନୁ ଗୋଟିଏ ପାର୍ଶ୍ୱରୁ ରନସଂଗ୍ରହ କରୁଥିବା ବେଳେ ଅନ୍ୟ ପାର୍ଶ୍ୱରୁ ସହଜରେ ୱିକେଟ ପତନ ଘଟିଥିଲା। ଶୁଭ୍ରାଂଶୁ ଶେଖର ସେନାପତି ୧୬ରନ, ଗୋବିନ୍ଦ ପୋଦ୍ଦାର ୭ରନ, ୱିକେଟ କିପର ରାଜେଶ ୧ରନରେ ଆଉଟ ହୋଇଥିଲେ। ଅଧିନାୟକ ବିପ୍ଳବ ୩୪ରନରେ ଆଉଟ ହେବା ପରେ ଓଡ଼ିଶାର ବିଜୟ ଆଶା ମଉଳି ଯାଇଥିଲା। ୧୧୬ବଲ ସମ୍ମୁଖୀନ ହୋଇ ୬ଟି ଚୌକା ଏବଂ ୨ଟି ଚୌକା ସହାୟତାରେ ୯୨ରନ ସଂଗ୍ରହ କରି ୬ଷ୍ଠ ୱିକେଟ ଭାବେ ଶାନ୍ତନୁ କ୍ରିଜ ଛାଡ଼ିଥିଲେ। ଅଭିଷେକ ଓ ପ୍ରୟାସ ଯଥାକ୍ରମେ ୨୧ରନ ଏବଂ ୨୦ରନ କରିବା ଯୋଗୁଁ ଓଡ଼ିଶାର ସ୍କୋର ୨୦୦ ଟପିଥିଲା। କେରଳ ପକ୍ଷରୁ ସ୍ପିନର ଶ୍ରେୟାସ ଗୋପାଳ ସର୍ବାଧିକ ୪ଟି, ବାସିଲ ଥାମ୍ପି ଏବଂ ଅଖିଳ ସାକାରିଆ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।



ଅଭିଷେକ ଯାଦବ



ଶାନ୍ତନୁ ମିଶ୍ର

# ଓଡ଼ିଶା-ବରୋଦା ମ୍ୟାଚ୍ ଅମୀମାଂସିତ

କୁଚ୍ ବିହାର ଟ୍ରଫି

କଟକ, ୨୭।୧୧(ସମିସ): ଭଦୋଦରାର ମୋତିବଗ୍ କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ଓ ବରୋଦା ମଧ୍ୟରେ ଚାଲିଥିବା କୁଚ୍ ବିହାର ଟ୍ରଫି ମ୍ୟାଚ ଡ୍ର ରହିଛି। ତେବେ ପ୍ରଥମ ପାଳି ଅଗ୍ରଣୀଭିତ୍ତିରେ ବରୋଦା ୩ ପଏଣ୍ଟ ପାଇଛି। ଓଡ଼ିଶା ମାତ୍ର ୧ ପଏଣ୍ଟରେ ସନ୍ତୁଷ୍ଟ ହୋଇଛି। ଉକ୍ତ ମ୍ୟାଚ୍‌ର ୩ୟ ଦିବସ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ସୂଚନାଯୋଗ୍ୟ, ନିତ୍ୟ ପାଣ୍ଡ୍ୟାଙ୍କ ୧୨୫ ଏବଂ ସି ଉତ୍ସବରାଜଙ୍କ ୧୦୮ ରନ ସହାୟତାରେ ବରୋଦା ପ୍ରଥମ ପାଳିରେ ସମସ୍ତ ୱିକେଟ ହରାଇ ୩୦୭ ରନ କରିଥିଲା। ଓଡ଼ିଶାର ପ୍ରଥମ ପାଳି ୩୦୧ରନରେ ସୀମିତ ରହିଥିଲା। ଆଶୀର୍ବାଦ ସ୍ୱାଇଁ ସର୍ବାଧିକ ୧୪୭ ରନ କରିଥିଲେ। ସୋମବାର ମ୍ୟାଚ୍‌ର ୪ର୍ଥ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ବରୋଦା ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ୪ ୱିକେଟ ବିନିମୟରେ ୮୯ ରନ କରିଥିଲା।

# ଉରଭିଲ୍‌ଙ୍କ ୪୧ ବଲ୍ ଶତକ

● ବିଦା ହେବାର ଦିନକ ପରେ ବିସ୍ଫୋରକ ବ୍ୟାଟିଂ



ବେଙ୍ଗାଲୁରୁ, ୨୭।୧୧(ଏଜେନ୍ସି): ଗୁଜରାଟ ୱିକେଟ୍‌ରକ୍ଷକ ଉର୍‌ଭିଲ୍ ପଟେଲ ସୋମବାର ବିଜୟ ହଜାରେ ଟ୍ରଫିରେ ଏକ ବିଧ୍ୱଂସୀ ପାଳି ଖେଳିଛନ୍ତି। ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚରେ ସେ ମାତ୍ର ୪୧ ବଲରେ ଶତକ ପୂରଣ କରିଥିଲେ। ଏହି ପାଳିରେ ସେ ୭ ଛକା ଓ ୯ ଚୌକା ମାରିଥିଲେ। ଫଳରେ ଗୁଜରାଟ ସହଜରେ ୮ ୱିକେଟ୍‌ରେ ବିଜୟୀ ହୋଇଥିଲା। ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସ ପକ୍ଷରୁ ଖେଳୁଥିବା ଉରଭିଲ୍ ଭାରତୀୟ ଭାବେ ଲିଷ୍ଟ-ଏ କ୍ରିକେଟ୍‌ରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ କରିଛନ୍ତି। ପୂର୍ବରୁ ୨୦୦୯-୧୦ ସଂସ୍କରଣରେ ବରୋଦା ପକ୍ଷରୁ ଖେଳି ୟୁସୁଫ୍ ପଠାନ ୪୦ ବଲରେ ଶତକ ମାରିଥିଲେ।

**ମୁମ୍ବାଇ, ହରିୟାଣା, କର୍ଣ୍ଣାଟକର ହ୍ୟାଟ୍ରିକ ବିଜୟ:** ସେହିଭଳି ଶକ୍ତିଶାଳୀ ମୁମ୍ବାଇ, ହରିୟାଣା, କର୍ଣ୍ଣାଟକ, ରାଜସ୍ଥାନ ଭଳି ଶକ୍ତିଶାଳୀ ଦଳ ହ୍ୟାଟ୍ରିକ ବିଜୟ ହାସଲ କରିଛନ୍ତି। ଗ୍ରୁପ୍-ଏ'ରେ ରେଳବାଇ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଜୟ ବିସ୍ତଙ୍କ ୧୪୪ ରନ ବଳରେ ୫ ୱିକେଟ୍‌ରେ ୩୨୪ ରନ କରିଥିଲା। ଜାବବରେ ଉପେନ୍ଦ୍ର ଯାଦବ (୧୦୨) ଓ ବିବେକ ସିଂ (୯୫)ଙ୍କ ଦମ୍‌ଦାର ବ୍ୟାଟିଂ ସତ୍ତ୍ୱେ ୯ ୱିକେଟ୍‌ରେ ୨୯୮ ରନ କରିଥିଲେ। ଗ୍ରୁପ୍-ସି'ର ଏକ ମ୍ୟାଚରେ ଆୟୁଷ ବଦୋନୀଙ୍କ ୧୦୦ ରନ ସତ୍ତ୍ୱେ ଦିଲ୍ଲୀ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୪୩ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ୧୪୪ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି କର୍ଣ୍ଣାଟକ ୨୭.୩ ଓଭରରେ ୪ ୱିକେଟ୍ ହରାଇ ବିଜୟୀ ହୋଇଥିଲା।

# ରାଜ୍ୟ ବରିଷ୍ଠ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ

ବଲାଙ୍ଗିର, ୨୭।୧୧(ସମିସ) : ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମରେ ଓଡ଼ିଶା ରାଜ୍ୟ ବରିଷ୍ଠ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଛି। ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ଏହି ଚାମ୍ପିଅନସିପ୍ ସୋମବାର ଠାରୁ ଆରମ୍ଭ ହୋଇ ୨୯ ଯାଏଁ ଚାଲିବ। ଉଦ୍‌ଘାଟନୀ ଦିବସରେ ରାଜ୍ୟର ପ୍ରତିଷ୍ଠିତ ଶିଳ୍ପଦ୍ୟୋଗୀ ଓଭୋ ଫାର୍ମର ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସାଂଗଠନିକ ସମ୍ପାଦକ ସୁରୁଲାଲ ମଟାରୀଙ୍କ ତତ୍ତ୍ୱାବଧାନରେ ହେଉଥିବା ଏହି ପ୍ରତିଯୋଗିତାରେ ସାରାରାଜ୍ୟରୁ ୧୬ ଜଣ ରେଫ୍‌ରୀ ଓ ଟେକ୍ନିକାଲ ଅଫିସିଆଲ ଯୋଗ ଦେଇଛନ୍ତି। ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପର୍ଯ୍ୟବେକ୍ଷକ ଭାବେ ନୂଆପଡ଼ା ଜିଲ୍ଲା ସମ୍ପାଦକ ଅଙ୍କିତ କୁମାର ସାହୁ, ସୁଦୀପ୍ତ ବିଶୋଇ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଛନ୍ତି। ମୁଖ୍ୟ ରେଫରୀ ଭାବେ ବିଜୟ କୁମାର ବାଗ ସମସ୍ତ ଖେଳକୁ ପରିଚାଳନା କରିବେ। ପ୍ରତିଯୋଗିତା ଆୟୋଜନରେ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପଦେଷ୍ଟା ବିରେନ୍ଦ୍ର ମିଶ୍ର, ସୁଶାନ୍ତ ଚୋପଦାର, ଘନଶ୍ୟାମ ମିଶ୍ର, ବୁଲୁ ବେହେରା, ସଞ୍ଜୀବ ସାହାଣୀ, ସୁଧିର ପଣ୍ଡା, ସଂଯୋଜକ ଅନନ୍ତ ବେହେରା, ମାନସ ମହାନ୍ତି, କବିରାଜ ଠାକୁର, କାହ୍ନୁଲାଲ, ସୁରେନ୍ଦ୍ର ନେପାଳ, ଚନ୍ଦନ ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି।

## ମାଲେସିଆରେ କନିଷ୍ଠ ହକି ପ୍ରତିଯୋଗିତା

# ଓଡ଼ିଶା ବାଳକ ଦଳକୁ ଟାଇଟଲ

ଭୁବନେଶ୍ୱର, ୨୭।୧୧ (ସମିସ): ମାଲେସିଆରେ ଚାଲିଥିବା ଆମନ୍ତ୍ରଣୀୟ କନିଷ୍ଠ ହକି ପ୍ରତିଯୋଗିତା ମିରନୱାନ କପ୍‌ରେ ଓଡ଼ିଶା ୧୭ ବର୍ଷରୁ କମ୍ ବାଳକ ଦଳ ଟାଇଟଲ ବିଜୟୀ ହୋଇଛି। ଏଥିରେ ଭାଗ ନେଇଥିବା ବାଳିକା ଦଳ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଏହି ପ୍ରତିଯୋଗିତାର ବାଳକ ବିଭାଗ ଫାଇନାଲରେ ଓଡ଼ିଶା କନିଷ୍ଠ ଦଳ ୪-୩ ଗୋଲରେ ଦକ୍ଷିଣ ଆଫ୍ରିକା ବାଳକ ଦଳକୁ ହରାଇ ସ୍ୱର୍ଣ୍ଣପଦକ ଓ ଦକ୍ଷିଣ ଆଫ୍ରିକା କନିଷ୍ଠ ବାଳିକା ଦଳକୁ ହରାଇ ଓଡ଼ିଶା କନିଷ୍ଠ ବାଳିକା ଦଳ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଏହା ଛଡ଼ା ବ୍ୟକ୍ତିଗତ ଇଭେଣ୍ଟରେ ମଧ୍ୟ ଓଡ଼ିଶାର ଖେଳାଳିମାନେ ପୁରସ୍କାର ବିଜୟୀ ହୋଇଛନ୍ତି। ବାଳକ ବିଭାଗରେ ବିବେକ ଲାକ୍ରା ଶ୍ରେଷ୍ଠ ଗୋଲରକ୍ଷକ ବିବେଚିତ ହୋଇଛନ୍ତି। ବାଳିକା ଦଳ କାଂସ୍ୟ ଜିତିଥିଲେ ମଧ୍ୟ ଦୁଇ ଖେଳାଳି ମିନତି ମିଞ୍ଜ ଓ ଜାହ୍ନବୀ ବାଡ଼ ବେଷ୍ଟ ସ୍କୋରର ବିବେଚିତ ହୋଇଛନ୍ତି।

ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ଖେଳାଳିଙ୍କ ଅଭିଜ୍ଞତା ହାସଲ କରିବା ଆମ ଲାଗି ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଓଡ଼ିଶା ହକି ପ୍ରଶିକ୍ଷକ ଡେଭିଡ୍ ଜନ କହିଛନ୍ତି। ଯୁବ ଖେଳାଳିମାନଙ୍କୁ ଏପରି ସୁଯୋଗ ମିଳିବା ଯୋଗୁଁ ସେମାନେ ଅଭିଜ୍ଞ ହୋଇପାରିବେ। ଓଡ଼ିଶାରେ ଅନ୍ତର୍ଜାତୀୟ ହକି ଖେଳ ଲାଗି ପର୍ଯ୍ୟାପ୍ତ ପରିମାଣରେ ସୁବିଧା ସୁଯୋଗ ରହିଛି। ଏଥିରୁ ଆମକୁ ଫାଇଦା ନେବାକୁ ହେବ ବୋଲି ଜନ୍ କହିଛନ୍ତି। ମାଲେସିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ଓଡ଼ିଶା ଦଳ ଅଷ୍ଟ୍ରେଲିଆ, ଜାପାନ ଓ ଦକ୍ଷିଣ ଆଫ୍ରିକାରୁ ଭାଗ ନେଇଥିବା ଦଳଗୁଡ଼ିକୁ ହରାଇଦେଇଛି। ଦୁର୍ଭାଗ୍ୟବଶତଃ ବାଳିକା ଦଳ ସେମିଫାଇନାଲରେ ପରାଜିତ ହୋଇଥିଲା। ମୁଁ ଅତ୍ୟନ୍ତ ଖୁସି ଯେ ଉଭୟ ଦଳ ପଦକ ସହ ଓଡ଼ିଶା ଫେରିବ। ଏଠାରେ ଖେଳାଳିମାନେ ଯେଉଁ ଅଭିଜ୍ଞତା ହାସଲ କରିଛନ୍ତି, ତାହା ଚେନ୍ନଇରେ ଖେଳାଯିବାକୁ ଥିବା ୨୦୨୪ ଖେଲୋ ଇଣ୍ଡିଆ ଗେମ୍ସରେ ଓଡ଼ିଶା ଦଳକୁ ବେଶ ସୁହାଇବ। ମାଲେସିଆରେ ଏହି ପ୍ରତିଯୋଗିତା ନଭେମ୍ବର ୧୮ରୁ ୨୬ ତାରିଖଯାଏ ଖେଳାଯାଇଥିଲା। ଏଥିରେ ୫ଟି ଦେଶରୁ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ।



# ଟି-୨୦ ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ଗୁଆହାଟୀ, ୨୭।୧୧(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମ୍ୟାଚ୍ ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯିବ। ଏହା ପୂର୍ବରୁ ବିଶାଖାପାଟଣା ଓ ଥିରୁଅନନ୍ତପୁରମରେ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ ଯୁବ ଖେଳାଳିମାନଙ୍କୁ ନେଇ ଗଠିତ ଭାରତୀୟ ବ୍ୟାଟରମାନେ ନିଖୁଣ ବ୍ୟାଟିଂ କରି ଭାରତକୁ ଜିତାଇଛନ୍ତି। ତୃତୀୟ ଟି-୨୦ ଖେଳାଯିବାକୁ ଥିବା ବର୍ଷାପଡ଼ାରେ ପିଚ୍ ବ୍ୟାଟରଙ୍କୁ ମଧ୍ୟ ସୁହାଇବ। ଏଣୁ ଏଠାରେ ଆଉ ଏକ ହାଇସ୍କୋରିଂ ମ୍ୟାଚ୍ ହେବ ବୋଲି ପୂର୍ବାନୁମାନ କରାଯାଇଛି। ନିଜର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍ ଓ ସ୍ପିନରଙ୍କ ମାଧ୍ୟମରେ ଭାରତ ଏହି ମ୍ୟାଚ୍ ଜିତି ୩-୦ରେ ଅପରାଜେୟ ଅଗ୍ରଣୀ ନେବା ସହ ସିରିଜ୍ କବ୍‌ଜା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ୍ ହୋଇଥିବା ଅଷ୍ଟ୍ରେଲିଆର ଦଳର ପ୍ରମୁଖ ଖେଳାଳି

**ଖେଳ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ସ୍ପୋର୍ଟ୍ସ ୧୮ ଓ ଜିଓ ସିନେମା**



ଟି-୨୦ ଦଳରେ ସ୍ଥାନ ପାଇ ନାହାନ୍ତି। ଯେଉଁମାନେ ବି ସ୍ଥାନ ପାଇଛନ୍ତି, ସେମାନେ କ୍ଲାନ୍ତ। ଏଭଳି ସ୍ଥିତିରେ ଷ୍ଟିଭେନ ସ୍ମିଥ, ଗ୍ଲେନ ମ୍ୟାକ୍ସୱେଲ, ଜୋଶ ଇଂଲିଶ, ଆଦାମ ଜାମ୍ପା ଓ ମାର୍କସ ଷ୍ଟୋଇନିସଙ୍କ ପରି ଖେଳାଳି ସେମାନଙ୍କ ଖେଳ ପ୍ରଦର୍ଶନ କରିବାରେ ସମର୍ଥ ହେଉନାହାନ୍ତି। କ୍ରମାଗତ ଦୁଇଟି ମ୍ୟାଚ୍‌ରେ ବ୍ୟାଟିଂରେ ଫେଲ ମାରିଥିବା ମାଥ୍ୟୁ ସର୍ଟଙ୍କୁ ଦଳ ତୃତୀୟ ସୁଯୋଗ ଦେଇ ନପାରେ। ଦିନିକିଆ ଫାଇନାଲରେ ଶତକ ହାସଲ କରି ଅଷ୍ଟ୍ରେଲିଆକୁ ଚାମ୍ପିଅନ କରାଇଥିବା ଟ୍ରାଭିସ୍ ହେଡ୍ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଶ୍ରାମ ନେଇଥିଲେ। ସର୍ଟଙ୍କ ସ୍ଥାନରେ ତାଙ୍କୁ ତୃତୀୟ ମ୍ୟାଚ୍‌ରେ ଖେଳାଇବାର ସମ୍ଭାବନା ଅଧିକ। ଯଦିଓ ଟି-୨୦ରେ ହେଡ୍‌ଙ୍କ ପ୍ରଦର୍ଶନ ଦୁର୍ବଳ ତଥାପି ଭଲ ଫର୍ମରେ ଥିବା ଏହି ବାମହାତୀ ଓପନର ଭାରତୀୟ ବୋଲିଂକୁ ଖିନ୍‌ଭିନ୍ କରିଦେବେ ବୋଲି ଆଶା କରାଯାଉଛି। ମ୍ୟାକ୍ସୱେଲ, ଇଂଲିଶ, ଷ୍ଟୋଇନିସ ଆଦି ବ୍ୟାଟର ଅଷ୍ଟ୍ରେଲିଆକୁ କର ଅବା ମର ସ୍ଥିତିରୁ ରକ୍ଷା କରିବେ ବୋଲି ଆଶା କରାଯାଉଛି।

### ତିଳକ, ଅର୍ଶଦୀପଙ୍କ ଲାଗି ସୁଯୋଗ

ପ୍ରଥମ ଦୁଇଟି ମ୍ୟାଚ୍‌ରେ ଦଳର ଦୁଇ ପ୍ରମୁଖ ଖେଳାଳି ବାମହାତୀ ବ୍ୟାଟର ତିଳକ ବର୍ମା ଓ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଭଲ ଖେଳିପାରି ନାହାନ୍ତି। ତିଳକ ମାତ୍ର ୧୨ଟି ବଲ ଖେଳିଥିଲାବେଳେ ଅର୍ଶଦୀପ ୮୭ ରନ୍ ଦେଇ ଗୋଟିଏ ୱିକେଟ ନେଇଛନ୍ତି। ଟି-୨୦ରେ ପଦାର୍ପଣ କରିବା ପରଠାରୁ ତିଳକ ଭାରତ ଖେଳିଥିବା ସବୁ ମ୍ୟାଚ୍‌ରେ ଦଳକୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଚତୁର୍ଥ ଟି-୨୦ରେ ଶ୍ରେୟାସ ଆୟର ଦଳକୁ ଫେରିବେ। ସେ ମଧ୍ୟ ଉପଅଧିନାୟକ ରହିବେ। ଏଣୁ ତିଳକଙ୍କ ସ୍ଥାନ ସୁରକ୍ଷିତ ନୁହେଁ। ଏଠାରେ ଫର୍ମକୁ ଫେରିବା ସକାଶେ ତିଳକଙ୍କ ଲାଗି ଶେଷ ସୁଯୋଗ। ଆୟର ନିଶ୍ଚିତଭାବେ ଚତୁର୍ଥ ମ୍ୟାଚ୍ ଖେଳିବେ। ଅନ୍ୟପକ୍ଷରେ ଅର୍ଶଦୀପଙ୍କ ବୋଲିଂ ପ୍ରଭାବହୀନ ହୋଇଛି। ଏହି ମ୍ୟାଚ ତାଙ୍କ ଲାଗି ଶେଷ ସୁଯୋଗ ହୋଇପାରେ କିମ୍ବା ତାଙ୍କୁ ଚୂଡାନ୍ତ ଏକାଦଶରୁ ବାଦ୍ ଦିଆଯାଇପାରେ। ଏଭଳି ଯଦି ହୁଏ, ତେବେ ଆଭେଷ ଖାନଙ୍କୁ ଖେଳିବାର ସୁଯୋଗ ମିଳିପାରେ। ଏହି ଆଶଙ୍କା ବ୍ୟତୀତ ଭାରତୀୟ ଦଳରେ ଅନ୍ୟ କିଛି ପରିବର୍ତ୍ତନ ହେବାର ସମ୍ଭାବନା କମ୍।

## ୪୭ ବର୍ଷ ପରେ ଇଟାଲୀ ଜିତିଲା ଡେଭିସ୍ କପ୍

ରୋମ୍, ୨୭।୧୧(ଏଜେନ୍ସି): ଇଟାଲୀ ଲନ୍ ଟେନିସ ଦଳ ଦୀର୍ଘ ୪୭ ବର୍ଷ ପରେ ବିଶ୍ୱର ସର୍ବଶ୍ରେଷ୍ଠ ଦଳଗତ ପ୍ରତିଯୋଗିତା ଡେଭିସ୍ କପ୍‌ରେ ଟାଇଟଲ ବିଜୟୀ ହୋଇଛି। ମାଲାଗାରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଜାନିକ ସିନ୍ନର ଶେଷ ଏକକ ମୁକାବିଲାରେ ଆଲେକ୍ସ ଡି ମିନାଉରଙ୍କୁ ପରାସ୍ତ କରି ଏହି ଟାଇଟଲ କବ୍‌ଜା କରିଥିଲେ। ୧୯୭୬ରେ ଇଟାଲୀ ଶେଷଥର ତଥା ପ୍ରଥମଥର ଡେଭିସ୍ କପ୍ ଜିତିଥିଲା। ଅନ୍ୟ ଏକକ ମୁକାବିଲାରେ ମ୍ୟାଟେଓ ଆର୍ଣ୍ଣାଲାଡି ୨-୧ରେ ଆଲେକ୍ସେଇ ପପିରିନ୍‌ଙ୍କୁ ପରାସ୍ତ କରି ବିଜୟ ଧାରା ଆରମ୍ଭ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସିନ୍ନରଙ୍କ ପ୍ରଦର୍ଶନ ବେଶ ଉଚ୍ଚକୋଟୀର ହୋଇଛି। ସେମିଫାଇନାଲ ମୁକାବିଲାରେ ସେ ଗୋଟିଏ ଦିନରେ ଦୁଇଥର ବିଶ୍ୱର ସର୍ବାଧିକ ଗ୍ରାଣ୍ଡସ୍ଲାମ୍ ଟାଇଟଲ ବିଜେତା ନୋଭାକ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିବା ସହ ତାଙ୍କ ଫର୍ମ ସମ୍ପର୍କରେ ସୂଚନା ଦେଇଥିଲେ। ସିନ୍ନରଙ୍କ ପ୍ରଦର୍ଶନ ଯୋଗୁଁ ଇଟାଲୀ ୪୭ ବର୍ଷ ପରେ ଦ୍ୱିତୀୟଥର ଏହି ଟାଇଟଲ ଜିତିବାରେ ସମର୍ଥ ହୋଇଛି। ଏହି ବିଜୟ ମୋତେ ଖୁବ୍ ଆନନ୍ଦ ଦେଇଛି। ମୁଁ କେବଳ ନିଜ ଲାଗି ନୁହେଁ ଦେଶ ଲାଗି ଖେଳି ସଫଳ ହେବା ପରେ ଏହି ଆନନ୍ଦ ମିଳିଛି। ଏହି ବିଜୟ ଉଭୟ ମୋ ଲାଗି ଓ ମୋ ଦେଶ ଲାଗି ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଟାଇଟଲ ଜିତିବା ପରେ ସିନ୍ନର କହିଛନ୍ତି। ଚଳିତ ବର୍ଷ ଇଟାଲୀ ଟେନିସ ଭଲ ଫର୍ମରେ ରହିଛି। ମହିଳା ଦଳଗତ ଖେଳରେ ଇଟାଲୀ ବିଲି ଜିନ୍ କପ୍‌ରେ ରନର୍ସ ଅପ୍ ହୋଇଛି।

## ଶ୍ରୀଲଙ୍କା କ୍ରୀଡ଼ାମନ୍ତ୍ରୀ ବହିଷ୍କୃତ

**କ୍ରିକେଟ ବୋର୍ଡ ସହ ବିବାଦ**

କଲମ୍ବୋ, ୨୭।୧୧(ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟ ବୋର୍ଡ ସହ ଚାଲିଥିବା ବିବାଦରେ ଦେଶର କ୍ରୀଡ଼ାମନ୍ତ୍ରୀ ରୋଶନ ରଣସିଂହେଙ୍କୁ ରାଷ୍ଟ୍ରପତି ରନିଲ ବିକ୍ରମସିଂଘେ ସୋମବାର ବହିଷ୍କୃତ କରିଛନ୍ତି। କ୍ରିକେଟ ବୋର୍ଡରୁ ଦୁର୍ନୀତି ହଟାଇବା ଲାଗି ଚେଷ୍ଟା କରୁଥିବାରୁ ମୋତେ ରାଷ୍ଟ୍ରପତି ମାରିଦେବାକୁ ଧମକ ଦେଇଛନ୍ତି। ମୋର ଯଦି ମୃତ୍ୟୁ ହୁଏ, ସେଥିଲାଗି ବିକ୍ରମସିଂଘେ ଦାୟୀ ରହିବେ ବୋଲି ରଣସିଂହେ ଶ୍ରୀଲଙ୍କା ସଂସଦରେ କହିଥିଲେ। ଏହାର ଗୋଟିଏ ଦିନ ପରେ ରାଷ୍ଟ୍ରପତି ଏହି କ୍ରୀଡ଼ାମନ୍ତ୍ରୀଙ୍କୁ ବରଖାସ୍ତ କରିଛନ୍ତି। ଶ୍ରୀଲଙ୍କା କ୍ରିକେଟ ବୋର୍ଡରେ ଲାଗି ରହିଥିବା ଅଚଳାବସ୍ଥା ନେଇ ରାଷ୍ଟ୍ରପତି ଓ କ୍ରୀଡ଼ାମନ୍ତ୍ରୀଙ୍କ ମଧ୍ୟରେ ବାଦବିବାଦ ଲାଗି ରହିଥିଲା। ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ରଣସିଂହେ କ୍ରିକେଟ ବୋର୍ଡକୁ ଭାଙ୍ଗିଦେଇଥିଲେ। କିନ୍ତୁ ଶ୍ରୀଲଙ୍କା ସୁପ୍ରିମକୋର୍ଟ ବୋର୍ଡକୁ ପୁନଃଅବସ୍ଥାପିତ କରିବା ପରେ ସାଧାରଣରେ ସରକାର ନିନ୍ଦିତ ହୋଇଥିଲେ। ଏହା ରାଷ୍ଟ୍ରପତି ବିକ୍ରମସିଂହେଙ୍କ ସରକାରଙ୍କୁ କ୍ଷୁବ୍ଧ କରିଥିଲା।




## ୬୬ତମ ଜାତୀୟ ସୁଟିଂ: ଶ୍ରୀୟଙ୍କାଙ୍କୁ ରୌପ୍ୟ



ଭୁବନେଶ୍ୱର, ୨୭।୧୧ (ସମିସ): ଓଡ଼ିଶାର ତାରକା ସୁଟର୍ ଶ୍ରୀୟଙ୍କା ଷଡ଼ଙ୍ଗୀ ନୂଆଦିଲ୍ଲୀରେ ଅନୁଷ୍ଠିତ ୬୬ତମ ଜାତୀୟ ସୁଟିଂ ପ୍ରତିଯୋଗିତାରେ ରୌପ୍ୟ ପଦକ ସଫଳତା ପାଇଛନ୍ତି। ମହିଳା ୫୦ ମିଟର ରାଇଫଲ୍ ପ୍ରୋନ୍ ଇଭେଣ୍ଟରେ ସେ ୬୨୪.୭ ସ୍କୋର ସହ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟର ଭାରତର ଏକ ନମ୍ବର ସୁଟର ମାନ୍ୟତା ପାଇଥିବା ସିଫ୍ଟ କୌର ଶର୍ମା ୬୨୭.୩ ସ୍କୋର ସହ ସ୍ୱର୍ଣ୍ଣ ପଦକ କରାୟତ କରିନେଇଥିଲେ। ଉଲ୍ଲେଖଯୋଗ୍ୟ, ସମ୍ବଲପୁରରେ ଜନ୍ମିତ ୨୮ ବର୍ଷୀୟା ଶ୍ରୀୟଙ୍କା ପୂର୍ବରୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

## ଓଡ଼ିଶା ଏଫ୍‌ସିର ଦମ୍‌ଦାର ପ୍ରତିଶୋଧ

**● ଏଏଫ୍‌ସି କପ୍‌ରେ ମୋହନବାଗାନକୁ ୫-୨ ଗୋଲରେ ମାତ୍ ଦେଲା**

କୋଲକାତା, ୨୭।୧୧ (ଏଜେନ୍ସି): ଚଳିତ ଏଏଫ୍‌ସି କପ୍‌ରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ସୋମବାର ବୃହତ୍ ବିଜୟ ହାସଲ କରିଛି। କୋଲକାତାର ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏହି ମ୍ୟାଚରେ ଓଡ଼ିଶା ଏଫ୍‌ସି ୫-୨ ଗୋଲରେ ଘରୋଇ ତଥା ଶକ୍ତିଶାଳୀ ମୋହନ ବାଗାନ ସୁପର୍ ଜାଏଣ୍ଟ୍ସକୁ ମାତ୍ ଦେଇଛି। ଏହି ମ୍ୟାଚରେ ଓଡ଼ିଶା ପକ୍ଷରୁ ରୟ କ୍ରିଷ୍ଣା ୨୯ତମ ମିନିଟ୍‌ରେ ଗୋଲ୍ ଦେଇ ଖାତା ଖୋଲିଥିଲେ। ଏହାପରେ ଡିଏଗୋ ମୌରିସିଓ (୩୨ତମ), ସିୱାଇ ଗୋଡାର୍ଡ (୪୧ତମ), ଅନିକେତ୍ ଯାଦବ (୯୦+୨) ଓ ଇସାକ ଭାନଲାଲରୁଟ୍‌ଫେଲ୍ (୯୦+୫) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରି ଦଳକୁ ବଡ଼ ବିଜୟ ଭେଟି ଦେଇଥିଲେ।



ଏଥିସହ ଓଡ଼ିଶା ଏଏଫ୍‌ସି କପ୍‌ରେ ମୋହନ ବାଗାନ ବିପକ୍ଷରେ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେବାରେ ସଫଳ ହୋଇଛି। ପୂର୍ବରୁ ସେପ୍ଟେମ୍ବର ୧୯ରେ ଘରୋଇ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମୋହନ ବାଗାନ ବିପକ୍ଷ ପ୍ରଥମ ମ୍ୟାଚକୁ ଓଡ଼ିଶା ଏଫ୍‌ସି ୪-୦ ଗୋଲରେ ପରାସ୍ତ ହୋଇଥିଲା। ଓଡ଼ିଶା ଏଫ୍‌ସି ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ୫ ମ୍ୟାଚ୍ ଖେଳି ୩ ବିଜୟ ଓ ୨ ପରାଜୟ ସହ ୯ ପଏଣ୍ଟ ପାଇ ୨ୟ ସ୍ଥାନରେ ରହିଛି। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ତଥା ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଡିସେମ୍ବର ୧୧ରେ ବାଂଲାଦେଶର ବସୁନ୍ଧାରା କିଙ୍ଗ୍‌ସକୁ ଭେଟିବ। କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

ସକାଳ THE SAKALA

ମଙ୍ଗଳବାର
୨୮ ନଭେମ୍ବର ୨୦୨୩

www.sakalaepaper.com




**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ ● ପାଉଣ୍ଡ ୧୦୪.୭୨
- ୟୁରୋ ୯୦.୩୨ ● ୟେନ୍ ୦.୫୫

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୨୫୦ (ନୂଆଦିଲ୍ଲୀ)
- ରୁପା : ୭୮,୫୦୦ (କେଜି)

**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୬୫,୯୭୦.୦୦
- ନିଫ୍ଟି ୧୯,୭୯୪.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

## ଉଚ୍ଚ ମୁଦ୍ରାସ୍ଫୀତିର କରୁଣ ଚିତ୍ର



# ମହଙ୍ଗା ବଜାର ଛଡାଇନେଇଛି ଖାଉଟିଙ୍କ ସୁସ୍ଥ ଜୀବନ

**ଭୁବନେଶ୍ୱର,୨୭।୧୧(ସମିସ):** ବଜାର ଦର ଆକାଶ ଛୁଆଁ। ଦିନକୁ ଦିନ ବଢ଼ିବାରେ ଲାଗିଛି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍। ବଜାର ଦର ତାତିରେ ଖାଉଟି ଅତିଷ୍ଠ। ଏକ ହିସାବ ଅନୁଯାୟୀ, ୨୦୧୪ ପରଠାରୁ ଦେଶରେ ହୁ ହୁ ହୋଇ ବଢ଼ୁଛି ଅତ୍ୟାବଶ୍ୟକ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ(ଏନ୍‌ଏଫ୍‌ଏଚ୍‌ଏସ୍)-୫ ଅନୁଯାୟୀ, ସହରାଞ୍ଚଳ ତୁଳନାରେ ଦେଶର ଗ୍ରାମାଞ୍ଚଳ କ୍ଷେତ୍ରରେ ଶିଶୁମାନଙ୍କଠାରେ ପୁଷ୍ଟିହୀନତା ହାର ଯଥେଷ୍ଟ ଅଧିକ ହୋଇଛି। ତେବେ ଏଥିରୁ ସହରାଞ୍ଚଳର ଶିଶୁମାନେ ମଧ୍ୟ ବାଦ୍ ପଡିନାହାଁନ୍ତି। ଉଚ୍ଚ ବଜାର ଦର ଯୋଗୁ ଡାଲି, କ୍ଷୀର, ଅଣ୍ଡା, ମାଛ ଏବଂ ମାଂସ ଭଳି ପୁଷ୍ଟି ଜାତୀୟ ଖାଦ୍ୟ

- **୨୦୧୪ ପରେ ହୁ ହୁ ହୋଇ ବଢ଼ୁଛି ବଜାର ଦର**
- **ସହର ତୁଳନାରେ ଗାଁରେ ଶିଶୁଙ୍କଠାରେ ବଢ଼ୁଛି ପୁଷ୍ଟିହୀନତା**
- **ଡାଲି, କ୍ଷୀର, ଅଣ୍ଡା, ପୌଷ୍ଟିକ ଖାଦ୍ୟ କିଣିବାରେ ଖାଉଟି ଅସମର୍ଥ**
- **କମୁଛି ଗ୍ରାହକଙ୍କ କ୍ରୟକ୍ଷମତା**
- **ଦର ବୃଦ୍ଧି ସତ୍ତ୍ୱେ ମୃତ୍ୟୁହାର ରୋକିବାରେ ଓଡିଶା ସମର୍ଥ**

ସାମଗ୍ରୀର ଦର। ଏହି ଉଚ୍ଚ ମୁଦ୍ରାସ୍ଫୀତିର କରୁଣ ଚିତ୍ର ହେଉଛି ଦେଶରେ ଶିଶୁମାନଙ୍କୁ ଆଉ ସହଜରେ ପୌଷ୍ଟିକ ଖାଦ୍ୟ ସାମଗ୍ରୀ ମିଳିପାରୁନାହିଁ। ଏହା ସେମାନଙ୍କର କ୍ରୟ କ୍ଷମତା ବାହାରେ। ଏଥିଯୋଗୁ ଶିଶୁମାନଙ୍କଠାରେ ଭୟଙ୍କର ପୁଷ୍ଟିହୀନତା ଦେଖିବାକୁ ମିଳିଛି। ଜାତୀୟ ସାମଗ୍ରୀ କିଣିବାରେ ଖାଉଟି ଅସମର୍ଥ। ଗ୍ରାହକଙ୍କ କ୍ରୟ କ୍ଷମତା ହାର କମିବାରେ ଲାଗିଛି। ଏହାର ପ୍ରଭାବ ସ୍ୱରୂପ ଦେଶରେ ଶିଶୁଙ୍କଠାରେ ପୁଷ୍ଟିହୀନତା ହାର ବଢୁଥିବା ଯୋଗୁ ଉଚ୍ଚତା ଏବଂ ଓଜନ୍ କମୁଛି। ଯାହାଫଳରେ ଏହି ମହଙ୍ଗା ବଜାର ଏବେ ଛଡାଇ ନେଇଛି ଲୋକଙ୍କ ସୁସ୍ଥ



ଅଧିକାର। ଖାଉଟି ବଜାରରେ ଏଭଳି ବିଚିତ୍ର ସ୍ଥିତି ସତ୍ତ୍ୱେ ଶିଶୁ ମୃତ୍ୟୁହାର ରୋକିବାରେ ଓଡିଶା ସଫଳ ହୋଇଥିବା ଏନ୍‌ଏଫ୍‌ଏଚ୍‌ଏସ୍-୫ ରିପୋର୍ଟରୁ ଜଣାପଡିଛି।

ସମ୍ପ୍ରତି ଖାଉଟି ବଜାରରେ ଡାଲି ଚାଉଳଠାରୁ ଆରମ୍ଭ କରି ଅଟା ଓ ସୁଜି ଯାଏ ସବୁର ବଜାର ଦର ଖୁବ ଉପରେ। ହଠାତ୍ ତିନି ମାସ ହେବ ଖୁଚୁରା ବଜାରରେ ଡାଲି କିଲୋ ୧୪୦ ଟଙ୍କାରୁ ୧୯୦ ଟଙ୍କା ଛୁଇଁଛି। ସେହିପରି କ୍ଷୀର ଦର ମାତ୍ର ବର୍ଷକ ମଧ୍ୟରେ ୧୫% ବୃଦ୍ଧି ଘଟିଛି। ବର୍ଷ ପ୍ରାରମ୍ଭରେ ଲିଟର ପିଛା ୪୬-୪୮ ଟଙ୍କା ରହିଥିବା କ୍ଷୀର ଏବେ ୫୨-୫୪ ଟଙ୍କାରେ ବିକ୍ରି ହେଉଛି। ସେହିପରି ଏହି ସମୟରେ ଅଣ୍ଡା ଡଜନ ୬୦ ଟଙ୍କାରୁ ୮୦ ଟଙ୍କା ଛୁଇଁଛି। ଚିକେନ୍ କେଜି ବର୍ଷକରେ ୨୨୦ରୁ ୨୫୦ ଟଙ୍କା ଏବଂ ଖାସି ମାଂସ ୭୦୦ରୁ ୮୦୦ ଟଙ୍କାରେ ପହଞ୍ଚିଛି। ୨୦୧୪ରେ ପେଟ୍ରୋଲ ଲିଟର ପିଛା ୬୬ଟଙ୍କା ଏବଂ ଡିଜେଲ ୫୨ ଟଙ୍କା ରହିଥିବାବେଳେ ବର୍ତ୍ତମାନ ପେଟ୍ରୋଲ ୧୦୯ ଟଙ୍କା ଏବଂ ଡିଜେଲ ୯୪ ଟଙ୍କା ଉପରେ ରହିଛି। ଅତ୍ୟଧିକ ତୈଳ ଦର ବଜାର ମହଙ୍ଗା କରିଛି। ଏଥିଯୋଗୁ ପୂର୍ବ ତୁଳନାରେ ଗ୍ରାହକଙ୍କ କ୍ରୟ କ୍ଷମତାରେ ଯଥେଷ୍ଟ ହ୍ରାସ ଘଟିଛି। ଏଭଳି ବଜାର ଦରରେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ପରିବାର ଚଳିବା କଷ୍ଟକର ହୋଇପଡିଛି। ଉଚ୍ଚ ଦରଦାମ୍ ଯୋଗୁ ପିଲାଙ୍କୁ ପୌଷ୍ଟିକ ଖାଦ୍ୟ ସମଗ୍ରୀ ଯୋଗାଇବା ଏବେ ପିତାମାତାଙ୍କ ପାଇଁ ମୁସ୍କିଲ୍ ହୋଇଛି। କେଉଁଠି ପିଲାମାନଙ୍କର ଓଜନ ବୟସ ଅନୁପାତରେ ଯାହା ରହିବା କଥା ତାହା ନ ରହି ଯଥେଷ୍ଟ କମ୍ ରହିଥିବାବେଳେ କେଉଁଠି ପିଲାଙ୍କ ଉଚ୍ଚତା ବଢୁନାହିଁ। ଉଦାହରଣ ସ୍ୱରୂପ ଏନ୍‌ଏଫ୍‌ଏଚ୍‌ଏସ୍-୪ ତୁଳନାରେ ଏନ୍‌ଏଫ୍‌ଏଚ୍‌ଏସ୍-୫ସର୍ଭେରେ ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ଓଜନ୍‌ରେ ବହୁତ ବୃଦ୍ଧି ଘଟିଛି।

# ଭାରତରେ ୧.୬ ବିଲିୟନ ଡଲାର ନିବେଶ କରିବ ଫକ୍ସକନ୍



ଚୀନ୍‌କୁ ପୁଣି ଝଟ୍‌କା

**ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):** ଭାରତରେ ଏହାର ବିସ୍ତାର ଯୋଜନା ଅନୁଯାୟୀ ଆପଲ୍ ଆଇଫୋନ ନିର୍ମାଣ କରୁଥିବା ତାଇଓ୍ୱାନ କମ୍ପାନି ଫକ୍ସକନ୍ ୧.୬ ବିଲିୟନ ଡଲାର ନିବେଶ କରିବାକୁ ଯାଉଛି। ସୋମବାର, ତାଇଓ୍ୱାନର ଏକ୍ସଚେଞ୍ଜ ଫାଇଲିଙ୍ଗରୁ ଏହି ସୂଚନା ମିଳିଛି। ଏହି ଖୁଲାସାରେ କମ୍ପାନି କହିଛି, ପରିଚାଳନା ପାଇଁ ଆବଶ୍ୟକତା ପୂରା କରିବା ପାଇଁ ନିବେଶ କରୁଛି। ରିପୋର୍ଟ ଅନୁଯାୟୀ, ଫକ୍ସକନ ଏବଂ ଅନ୍ୟ ତାଇଓ୍ୱାନ କମ୍ପାନିମାନେ ଚୀନ ଏବଂ ଆମେରିକା ମଧ୍ୟରେ ଜାରି ତିକ୍ତତା ମଧ୍ୟରେ ଚୀନ ବାହାରେ ନିବେଶ ବଢ଼ାଇବାକୁ ଚାହୁଁଛନ୍ତି ଏବଂ ଫକ୍ସକନ ଭାରତରେ ନିବେଶର ଏହି ନିଷ୍ପତ୍ତିକୁ ଏହି କ୍ରମରେ ରହିଛି। ଅବଶ୍ୟ ଏହି ନିବେଶ ଫକ୍ସକନର ପୁରୁଣା ଫ୍ୟାକ୍ଟ୍ରିରେ ହିଁ ହେବ। ସୂଚନାଥାଉକି, ଫକ୍ସକନର ଅଧାରୁ ଅଧିକ ଆୟ ଆପଲରୁ ଆସିଥାଏ। କମ୍ପାନି ଆପଲ ଆଇଫୋନ ବ୍ୟତୀତ ଅନ୍ୟ ଉତ୍ପାଦ ଗତ କିଛି ବର୍ଷରୁ ଭାରତରେ ନିର୍ମାଣ କରୁଛି। ଆପଲ ନୂଆ ଆଇଫୋନ ୧୫ର ଉତ୍ପାଦନ ଫକ୍ସକନ ଭାରତରେ କରିଛି। ଫକ୍ସକନର ପ୍ରତିନିଧି କହିଛନ୍ତି ଯେ କମ୍ପାନି ଭାରତରେ ଏହାର ଆକାର ବିସ୍ତାର କରିବାକୁ ଚାହୁଁଛି। ଫକ୍ସକନ୍‌ର ୯ ଉତ୍ପାଦନକ୍ୟାମ୍ପସରେ ୩୦ରୁ ଅଧିକ ଫ୍ୟାକ୍ଟ୍ରି ରହିଛି ଯେଉଁଥିରେ ୧୦ ହଜାରରୁ ଅଧିକ ଲୋକ କାମ କରୁଛନ୍ତି। କମ୍ପାନିକୁ ଏଥିରୁ ବାର୍ଷିକ ୧୦ ବିଲିୟନ ଡଲାରରୁ ଅଧିକ ଆୟ ହୋଇଥାଏ। ଏହା ପୂର୍ବରୁ ଚଳିତ ବର୍ଷ ଅଗଷ୍ଟରେ କର୍ଣ୍ଣାଟକ ସରକାର ଏହି ଘୋଷଣା କରିଥିଲେ ଯେ, ଫକ୍ସକନ ରାଜ୍ୟରେ ୬୦୦ ମିଲିୟନ ଡଲାରର ନିବେଶରେ ଦୁଇ ଫ୍ୟାକ୍ଟ୍ରି କରିବ ଯେଉଁଥିରୁ ଗୋଟିଏ ପ୍ଲାଣ୍ଟରେ ଆଇଫୋନ ପାଇଁ ମେକାନିକାଲ ଏନକ୍ଲୋଜର ପ୍ରସ୍ତୁତ କରାଯିବ।

# ବାଲିଯାତ୍ରାରେ ଭାରତ ମସଲା ଷ୍ଟଲ ଉଦ୍‌ଘାଟିତ

## ‘ବମ୍ପର ପ୍ରାଇଜ୍‌ରେ ୱାସିଙ୍ଗ୍ ମେସିନ୍’, ଗୋଟିଏରେ ଗୋଟିଏ ଫ୍ରି ସାଙ୍ଗକୁ ଉପହାର





**କଟକ,୨୭।୧୧(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ଭାରତ ମସଲା କମ୍ପାନୀ ଖୋଲିଛି ତା’ର ୪ଟି ଷ୍ଟଲ। ଉପର ପଡ଼ିଆରେ ୨ଟି ଏବଂ ତଳ ପଡ଼ିଆରେ ଖୋଲାଯାଇଥିବା ୨ଟି ଷ୍ଟଲକୁ ସୋମବାର କଟକ ସାଂସଦ ଭର୍ତ୍ତୃହରି ମହତାବ ଓ ମେୟର ସୁବାସ ସିଂହ ବିଧିବଦ୍ଧ ଭାବେ ଉଦ୍ଘାଟନ କରିଛନ୍ତି। ମାନ, ଗୁଣ ଓ ସୁଲଭ ମୂଲ୍ୟରେ ଗ୍ରାହକମାନଙ୍କ ନିକଟରେ ନିଜର ସ୍ଥିତି ବଜାୟ ରଖିଥିବା ଭାରତ ମସଲା କମ୍ପାନୀ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଗୋଟିଏ ମସଲା କିଣିଲେ ଆଉ ଗୋଟିଏ ଫ୍ରିରେ ଯୋଗାଇ ଦେଉଛି। ଏତଦ୍‌ବ୍ୟତୀତ କ୍ରାଇଜେନିକ ପଦ୍ଧତିରେ ମସଲା ପ୍ରସ୍ତୁତ କରି ଗୃହିଣୀମାନଙ୍କୁ ଶିଳବଟା ମସଲାର ସ୍ୱାଦ ଦେଇ ଆସୁଥିବା ଏହି କମ୍ପାନୀ ଏଥର ବାଲିଯାତ୍ରାରେ ଗୋଟିକରେ ଗୋଟିଏ ମାଗଣା ବ୍ୟତିରେକେ ୨ଶହ ଟଙ୍କାର ମସଲା କିଣିଲେ ପ୍ଲାଷ୍ଟିକ ମଗ, ୪ଶହ ଟଙ୍କାରେ ଷ୍ଟିଲ ଗ୍ଲାସ, ୬ଶହ ଟଙ୍କାରେ ପ୍ଲାଷ୍ଟିକ କଣ୍ଟେନର, ୮ଶହ ଟଙ୍କାରେ ପ୍ଲାଷ୍ଟିକ ବାଲଟି, ୧୨ଶହ ଟଙ୍କାରେ ଷ୍ଟିଲ ଥାଳି, ୩୫ଶହ ଟଙ୍କାରେ ହଟକେସ ବା ଟିଫିନ ବାକ୍ସ, ୫ହଜାର ଟଙ୍କାର ମସଲା କିଣିଲେ ୫ଗ୍ରାମ ଓଜନର ରୁପା କଏନ ଓ ୧୦ ହଜାର ଟଙ୍କାର ମସଲା କିଣିଲେ ଦାମୀ କମ୍ବଳ ଉପହାର ସ୍ୱରୂପ ଦିଆଯାଉଛି। ସେହିପରି ଚଳିତବର୍ଷ ମଧ୍ୟ ପ୍ରତ୍ୟେକ ଦିନ ଗ୍ରାହକଟିଏ ୧ହଜାର ଟଙ୍କାର ମସଲା କିଣିଲେ କୁପନଟିଏ ହାତେଇ ଲକି-ଡ୍ରରେ ନିଜର ଭାଗ୍ୟ ଚୟନ କରିପାରିବ। ପ୍ରଥମ ବିଜେତାଙ୍କୁ ମାଇକ୍ରୋଓଭେନ, ଦ୍ୱିତୀୟ ବିଜେତାଙ୍କୁ ସାଇକଲ ଏବଂ ୩ୟ ବିଜେତାଙ୍କୁ ଗ୍ରାଇଣ୍ଡର ପ୍ରଦାନ କରାଯିବ। ଏହାପରେ ମଧ୍ୟ ଏକ ବମ୍ପର ପ୍ରାଇଜର ଘୋଷଣା କରିଛନ୍ତି ଭାରତ ମସଲା କମ୍ପାନୀର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା। ବମ୍ପର ପ୍ରାଇଜ ସ୍ୱରୂପ ବିଜେତା ପାଇବେ ୱାସିଙ୍ଗ ମେସିନ। ଉଦ୍ଘାଟନୀ ଉତ୍ସବରେ ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ସମାଜସେବୀ ପ୍ରଫୁଲ୍ଲ କୁମାର ସିଂହ, ଜିଏମ(ଅପରେସନ) ଅରୁଣ କୁମାର ନାୟକ, ଜିଏମ(ପ୍ରଡକ୍ସନ) ନବକୃଷ୍ଣ ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ଚଳିତବର୍ଷ ଭାରତ ମସଲା କମ୍ପାନୀ ଗ୍ରାହକମାନଙ୍କ ପାଖରେ ନିଜର ଉତ୍ପାଦକ ସାମଗ୍ରୀ ପହଞ୍ଚାଇବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନ ଯଥା ଭୁବନେଶ୍ୱର, ପାରାଦ୍ୱୀପ ଓ ତିର୍ତ୍ତୋଲଠାରେ ହେଉଥିବା ବାଲିଯାତ୍ରାରେ ମଧ୍ୟ ଷ୍ଟଲ ଖୋଲିଛି।

# ଉତ୍କଳ ଫାବ୍ ଫେଷ୍ଟ ୨୦୨୩ ଆଜି

**ଭୁବନେଶ୍ୱର, ୨୭।୧୧(ସମିସ):** ଷ୍ଟାର୍ଟଅପ୍ ଓଡିଶା ୨୮ ନଭେମ୍ବର ଅର୍ଥାତ୍ ମଙ୍ଗଳବାର ଉତ୍କଳ ଫାବ ଫେଷ୍ଟ ୨୦୨୩ ଆୟୋଜନ କରିବାକୁ ଯାଉଛି, ଯାହା ଏକ ସ୍ୱତନ୍ତ୍ର ତଥା ପ୍ରମୁଖ ସମ୍ମିଳନୀ ଓଡ଼ିଶାକୁ ଲୋଭନୀୟ ଆନ୍ତର୍ଜାତୀୟ ଫ୍ୟାବ ଲ୍ୟାବ ନେଟୱାର୍କରେ ସ୍ଥାନିତ କରିବା ସହିତ ଅତ୍ୟାଧୁନିକ ବିଶ୍ୱ ସ୍ତରର ସର୍ବ-ଅନ୍ତର୍ଭୁକ୍ତ ଫାବ୍ ସିଟିର ବିକାଶ କରିବାକୁ ଲକ୍ଷ୍ୟ ରଖିଛି। ଫାବ ଲ୍ୟାବ ଗ୍ଲୋବାଲ ନେଟୱାର୍କ ହେଉଛି ଫାବ ଫାଉଣ୍ଡେସନର ଏକ ଅଂଶ, ଆମେରିକାର ଅଣ-ଲାଭ ସଂଗଠନ ଯାହା ଏମଆଇଟିର ସେଂଟର ଫର ବିଟ୍ସ ଆଣ୍ଡ ଆଟମସ୍ ଫାବ ଲ୍ୟାବ ପ୍ରୋଗ୍ରାମରୁ ବାହାରିଛି। ଫାବ ଲ୍ୟାବ ନେଟୱାର୍କରେ ଏକୀକରଣ କେବଳ ଷ୍ଟାର୍ଟଅପ୍ ପାଇଁ ନୁହେଁ ବଂର ଓଡିଶାରେ ସାଂସ୍କୃତିକ ଭାବରେ ହସ୍ତତନ୍ତ କ୍ଲଷ୍ଟର ପାଇଁ ଏକ ପରିବର୍ତ୍ତନକାରୀ ହେବ ବୋଲି ଆଶା ରଖିଛି। ସର୍ବଭାରତୀୟ ଫାବ ସମ୍ପ୍ରଦାୟର ଆନ୍ତର୍ଜାତୀୟ ମାନକ ତଥା ଅଗ୍ରଗତି ତଥା ଓଡିଶା ଇକୋସିଷ୍ଟମ ହିତାଧିକାରୀଙ୍କ ବିଭିନ୍ନ ଫାବ ଆବଶ୍ୟକତା ସହିତ ପରିଚିତ ହେବା ଏବଂ ଓଡ଼ିଶା ରାଜ୍ୟରେ ବିଶ୍ୱ ସ୍ତରୀୟ ଫାବ ସୁବିଧା ସୃଷ୍ଟି କରିବା ପାଇଁ ଉତ୍କଳ ଫାବ ଫେଷ୍ଟ ହେଉଛି ଏକ ଅଗ୍ରଣୀ ପଦକ୍ଷେପ। ଷ୍ଟାର୍ଟଅପ୍ ଓଡିଶା, ଓଡିଶା ଭିତିକ କାରିଗର, ଷ୍ଟାର୍ଟଅପ୍, ଇକୋସିଷ୍ଟମ୍ ପାର୍ଟନର, ୟୁନିଭରସିଟି, ଆର ଆଣ୍ଡ ଡି ସେଂଟର, ସେଂଟର ଅଫ୍ ଏକ୍ସଲେନ୍ସ ଏବଂ ବିଦ୍ୟମାନ ଫାବ୍ ଲ୍ୟାବ ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ଡିଜିଟାଲ୍ ଫ୍ୟାକେସନ୍ ଉପରେ ଅତ୍ୟାବଶ୍ୟକୀୟ ଜ୍ଞାନ ଆହରଣ କରିବାର ଏକ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରୁଛି। ଏହି ଦୃଷ୍ଟିକୋଣକୁ ଅନୁସରଣ କରି ଷ୍ଟାର୍ଟଅପ୍ ଓଡିଶା ଫାବ ଫାଉଣ୍ଡେସନ ଏବଂ ଫାବ ସିଟି ଫାଉଣ୍ଡେସନ ଦ୍ୱାରା ପରିଚାଳିତ ହେବାକୁ ଥିବା ଯୋଜନାବଦ୍ଧ କର୍ମଶାଳା ପ୍ରସ୍ତୁତ କରିଛି। ଷ୍ଟାର୍ଟଅପ୍ ଓଡିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡକ୍ଟର ଓମକାର ରାୟ ଏକ ମୁଖ୍ୟ ବକ୍ତବ୍ୟ ଦେଇ ଏହାର ଶୁଭାରମ୍ଭ କରିବେ।

# ବାଲିଯାତ୍ରାରୁ ଉଦ୍ୟୋଗ ଯାତ୍ରା



**ଆରମ୍ଭ କରିଥିଲେ ଛୋଟ କ୍ଷୁଦ୍ର ଶିଳ୍ପ। ଉତ୍ପାଦ ବଢ଼ାଇବାର ଚିନ୍ତା ଘାରିଲା। ପ୍ରତିଯୋଗିତାମୂଳକ ବଜାରରେ ନିଜ ମସଲା ଜାତୀୟ ସାମଗ୍ରୀର ପ୍ରଚାର ପ୍ରସାର ଆଉ ବିକ୍ରି ବଢ଼ିବ କେମିତି? ଏହାର ମାଧ୍ୟମ ହେଉଛି ବାଣିଜ୍ୟ ମେଳା। କଟକର ଐତିହାସିକ ବାଲିଯାତ୍ରା ହିଁ ପ୍ରକୃଷ୍ଟ ସ୍ଥାନ। ସେ ଜିଲ୍ଲା ପ୍ରଶାସନ ନିକଟରେ ଖଣ୍ଡିଏ ଜାଗା ପାଇଁ କରିଥିଲେ ଆବେଦନ। ମାତ୍ର ୪ ଫୁଟର ଜାଗା ମିଳିଲା। ସେଠାରେ ସେ କ୍ଷୁଦ୍ର ଷ୍ଟଲ୍‌ଟିଏ ସ୍ଥାପନ କରିଥିଲେ। ପାଖରେ ପତ୍ନୀ ସଙ୍ଗୀତା ସହଯୋଗର ହାତ ବଢ଼ାଇଥିଲେ। ସେହି ବାଲିଯାତ୍ରା ହିଁ ତାଙ୍କୁ ବିଶେଷ ପରିଚୟ ଦେଇଥିଲା ଜଣେ ଉଦ୍ୟୋଗୀ ଭାବେ। ମାତ୍ର ୨୦ ଟଙ୍କାରେ ସାଲୁ କନାରେ ଷ୍ଟଲ୍‌ର ନାମ ଲେଖି ପ୍ରଥମ କରି ବାଲିଯାତ୍ରାରେ ବ୍ୟବସାୟ ଆରମ୍ଭ କରି ସେ ଆଜି ୫ ଶହ କୋଟି ଟଙ୍କାର ବ୍ୟବସାୟକ କାରବାର କରୁଛନ୍ତି। ରୁଚି ମସଲା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁଙ୍କ ବାଲିଯାତ୍ରା ଅଭିଜ୍ଞତା ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା...**

**ପ୍ରଶ୍ନ- ବାପ୍ ସେ ବେଟା ଯାଦା। ଆପଣଙ୍କ କ୍ଷେତ୍ରରେ ଏହା କେତେ ପ୍ରଯୁଜ୍ୟ?**

ଉ - ମୁଁ ଶଗଡ଼ ଗାଡ଼ିରେ ବାପା, ମା, ଭାଇ, ଭଉଣୀଙ୍କ ସହ ଯାଇଥିଲି ବାଲିଯାତ୍ରା। ସେତେବେଳେ ମୋର ବୟସ ଥିଲା ମାତ୍ର ୫ ବର୍ଷ। ଯାତ୍ରା ପଡ଼ିଆରେ ବାପାଙ୍କର ଏକ ଦୋକାନ ପଡ଼ିଥିଲା। ସେ ଭଲ ମଟନ ଚାମ୍ପ ତିଆରି କରୁଥିଲେ। କାରଣ ହିନ୍ଦ୍ ସିନେମା ସାମ୍ନା ଗଳି ଭିତରେ ମୋ ବାପାଙ୍କର ଦୋକାନ ଥିଲା, ଯାହାକି ବନା ମଟନ ଚାମ୍ପ ନାମରେ ଖ୍ୟାତ। ବାଲିଯାତ୍ରାରେ ମଟନ ଚାମ୍ପ ଖାଇବା ପାଇଁ ନାହିଁ ନଥିବା ଭିଡ଼ ହୋଇଥାଏ। ବାପା କିପରି ମଟନ ଚାମ୍ପ ତିଆରି କରନ୍ତି ତାହା ମୁଁ ପିଲାଦିନୁ ଦେଖେ। ବାଲିଯାତ୍ରାରେ ପ୍ରତିବର୍ଷ ହେଉଥିବା ଅସ୍ଥାୟୀ ଦୋକାନରେ ମୁଁ ଆଗ୍ରହର ସହ ବାପାଙ୍କୁ ସାହାଯ୍ୟ କରିବା ସହ ତାଙ୍କ ବ୍ୟବସାୟକୁ ଅନୁସରଣ କରିଛି। ବଡ଼ ଆକାରରେ ବ୍ୟବସାୟ କରିବାକୁ ମନ ବଳାଇଲି। ବାପାଙ୍କ ଆଶୀର୍ବାଦ ଓ ବାଲିଯାତ୍ରା ମୋତେ ଆଜି ପ୍ରତିଷ୍ଠିତ କରାଇଛି ଜଣେ ଶିଳ୍ପଦ୍ୟୋଗୀ ଭାବେ।

**ପ୍ରଶ୍ନ- ଆପଣଙ୍କ ବ୍ୟବସାୟର ପ୍ରଚାର ଓ ପ୍ରସାର ସମ୍ପର୍କରେ କିଛି କହିବେ କି?**

ଉ - ୧୯୭୬ ମସିହାରେ ମୁଁ ଶିଳ୍ପ ଜଗତରେ ପ୍ରବେଶ କଲି। ମସଲା ଜାତୀୟ ସାମଗ୍ରୀ ପ୍ରସ୍ତୁତ କଲି। ଅଟା, ବେସନ ଉତ୍ପାଦ ମଧ୍ୟ ତିଆରି ହେଲା। ତେବେ ଏସବୁକୁ ବିକିବି କେଉଁଠି ? ବାଲିଯାତ୍ରା ଏକମାତ୍ର ସ୍ଥାନ, ଯେଉଁଠାରେ ଲୋକେ ମୋତେ ଚିହ୍ନିପାରିବେ ଓ ମୁଁ ଲୋକଙ୍କୁ ଚିହ୍ନି ପାରିବି। ମୋର ଉତ୍ପାଦର ବହୁଳ ପ୍ରଚାର ଓ ପ୍ରସାରର ମାଧ୍ୟମ ହେଉଛି ବାଲିଯାତ୍ରା।

**ପ୍ରଶ୍ନ- ବୈଦେଶିକ ଜ୍ଞାନ କୌଶଳ ସମ୍ପର୍କରେ କିଛି କୁହନ୍ତୁ ?**

ଉ - ବ୍ୟବସାୟର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଭାରତ ସମେତ ୧୦ଟି ଦେଶ ବୁଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାଙ୍ଗରେ ଦୁବାଇ, ଜାପାନ ଓ ଜର୍ମାନ ଯାଇଛି। ବୈଦେଶିକ ଜ୍ଞାନ କୌଶଳ ଶିଖାଇବାରେ ମୋତେ ସାହାଯ୍ୟ କରିଥିଲେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ। ସେ ଦକ୍ଷିଣକୋରିଆ ପଠାଇଥିଲେ। ବାଲିଯାତ୍ରା ମୋତେ ପ୍ରତିଷ୍ଠିତ ଶିଳ୍ପଦ୍ୟୋଗୀର ପରିଚୟ ଦେଇଛି।

**ପ୍ରଶ୍ନ- ବାଲିଯାତ୍ରାରେ ‘ରୁଚି’ର ଷ୍ଟଲ୍ ଆରମ୍ଭ ହୋଇଥିଲା କେବେଠାରୁ?**

ଉ - ବାଲିଯାତ୍ରାରେ ପ୍ରଥମ କରି ରୁଚି ପକ୍ଷରୁ ଷ୍ଟଲ ହେବା ନିମନ୍ତେ ତତ୍କାଳୀନ ଶିଳ୍ପ ନିର୍ଦ୍ଦେଶକ ଯୋଗାଇ ଦେଇଥିଲେ ଏକ ଛୋଟିଆ ଜାଗା। ଏଥିରେ ପାଲ ଘେରାଇବାର ବ୍ୟବସ୍ଥା କରଯାଇଥିଲା। ଫ୍ଲେକ୍ସ, ବ୍ୟାନର ସେତେବେଳେ ନଥିଲା। ନାଲି ସାଲୁ କନାରେ ରୁଚି ମସଲା ଲେଖି ଷ୍ଟଲରେ ଲଗାଇଥିଲି। ଗୋଟିଏ ପଟେ ମୁଁ ଓ ଅନ୍ୟ ପଟେ ମୋ ପତ୍ନୀ ସଙ୍ଗୀତା ମସଲା ଜାତୀୟ ସାମଗ୍ରୀ ବିକ୍ରି କଲୁ। ସାଲୁ କନାରେ ରୁଚି ଷ୍ଟଲ୍ ଲେଖି ଖର୍ଚ୍ଚ କରିଥିଲି ମାତ୍ର ୨୦ ଟଙ୍କା। ଏହା ଚାରିବର୍ଷ ପର୍ଯ୍ୟନ୍ତ ବାଲିଯାତ୍ରା କାମରେ ଲାଗିଥିଲା। ବ୍ୟବସାୟ ଆରମ୍ଭ କରିଥିଲି ୫ ହଜାର ଟଙ୍କାରେ। ବର୍ତ୍ତମାନ ୫ ଶହ କୋଟିରେ ବ୍ୟବସାୟ ପହଞ୍ଚିଛି।

**ପ୍ରଶ୍ନ- ବାଲିଯାତ୍ରା ଓ ରୁଚିର ସମ୍ପର୍କ?**

ଉ - ମୁଁ ବେଶୀପାଠ ପଢ଼ିନାହିଁ। ଯାହା ଗୁରୁଙ୍କଠାରୁ ଶିଖିଥାଏ ତାହାକୁ ୧୦ ଗୁଣ କରିବାକୁ ଚେଷ୍ଟା କରିଥାଏ। ବାଲିଯାତ୍ରାରେ କ’ଣ ଆବଶ୍ୟକତା ତାହା ପ୍ରତି ବର୍ଷ ମୁଁ ଗବେଷଣା କରେ। ଶିଳ୍ପ ଜଗତର ବିକାଶ ପାଇଁ ଚିନ୍ତା କରେ। ଏହାର ଦୃଷ୍ଟାନ୍ତ ସାଲୁ କନାରୁ ଆରମ୍ଭ ହୋଇଥିôବା ରୁଚି ଷ୍ଟଲ୍ ବର୍ତ୍ତମାନ ଆନ୍ତର୍ଜାତୀୟସ୍ତରର ଷ୍ଟଲ୍ ହୋଇପାରିଛି ବାଲିଯାତ୍ରାରେ ଏବଂ ଅନ୍ୟ ଶିଳ୍ପଦ୍ୟୋଗୀଙ୍କୁ ପ୍ରେରଣା ଓ ଉତ୍ସାହ ଯୋଗାଇ ଦେଇଛି ଶିଳ୍ପଦ୍ୟୋଗୀ ହେବା କ୍ଷେତ୍ରରେ।

**ପ୍ରଶ୍ନ- ବାଲିଯାତ୍ରା ସହ ରୁଚି ପରିଚାଳନା ନିର୍ଦ୍ଦେଶକ ଶରତ ସାହୁଙ୍କ ସମ୍ପର୍କ?**

ଉ - ବାଲିଯାତ୍ରାକୁ ଆସୁଥିବା ଲୋକମାନେ ମୋର ୫୦ ବର୍ଷ ତଳର ଗ୍ରାହକ ଓ ଈଶ୍ୱର। ଗ୍ରାହକଙ୍କୁ ମସଲା ସାମଗ୍ରୀରେ ବାଲିଯାତ୍ରାରେ ଦିଆଯାଏ ଆକର୍ଷଣୀୟ ଉପହାର। ଏପରିକି ୫୦ ଟଙ୍କାରେ ମସଲା କିଣିଲେ କାର ଏବଂ ଦୁଇ ଚକିଆ ଯାନ ପୁରସ୍କାର ପାଇବାର ନଜିର ରହିଛି। ଏହି ଉପହାର ପ୍ରତିବର୍ଷ ବାଲିଯାତ୍ରା ପାଇଁ ବଳବତ୍ତର ରହିଛି। ୫୦ ବର୍ଷ ଧରି ଯାତ୍ରା ଷ୍ଟଲ୍ଲୁ ଗ୍ରାହକ ମୋ ଉତ୍ପାଦ ମସଲା ଜାତୀୟ ସାମଗ୍ରୀ କିଣିଛନ୍ତି। ମସଲା ଦେଇ ଗ୍ରାହକଙ୍କଠାରୁ ଋଣ କରି ବଡ଼ ବ୍ୟବସାୟିକ ସାମ୍ରାଜ୍ୟ ବିସ୍ତାର କରିଛି। ସେହି ଗ୍ରାହକଙ୍କ ଋଣ ଶୁଝିବାକୁ ଏବେ ମୋର ପ୍ରୟାସ।

**ପ୍ରଶ୍ନ- ରୁଚି ପ୍ରସ୍ତୁତ କରୁଛି ସ୍ୱାସ୍ଥ୍ୟ ଉପଯୋଗୀ ସୁସ୍ୱାଦୁ ଖାଦ୍ୟ। କ’ଣ କହିବେ?**

ଉ - ବାଲିଯାତ୍ରାକୁ ଅଧିôକ ଆକର୍ଷଣୀୟ କରିବା ପାଇଁ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ। ଅନ୍ୟପକ୍ଷରେ ଲୋକଙ୍କ ଖାଇବା ପାଇଁ ରୁଚିକର ଓ ସ୍ୱାସ୍ଥ୍ୟ ଉପଯୋଗୀ ବୈଦେଶିକ ଜ୍ଞାନ କୌଶଳରେ ତିଆରି ହୋଇଥିôବା ଖାଦ୍ୟ ଯୋଗାଇବାକୁ ଏହାକୁ ରୁଚି ପ୍ରାଧାନ୍ୟ ଦେଇଛି। ମଟନ ବିରାୟାନୀ ଓ ଚାମ୍ପ କେବଳ ବାଲିଯାତ୍ରାରେ ରୁଚି ଷ୍ଟଲ୍ରେ ଉପଲବ୍ଧ ହୁଏ ନାହିଁ ବରଂ ପଖାଳ ଭାତ ବଡ଼ି ଚୁରା, ପଖାଳ ଭାତ ଚିଙ୍ଗୁଡ଼ି ଛେଚା ଭଳି ବିଭିନ୍ନ ପ୍ରକାର ଓଡ଼ିଶା ଲୋକଙ୍କ ପସନ୍ଦଯୋଗ୍ୟ ଖାଦ୍ୟ ଦେଇ ଗ୍ରାହକଙ୍କ ଦ୍ୱାରା ଆଦୃତ ହୋଇଛି।

## ସମସ୍ତଙ୍କ ହାତକୁ ଆସିବ ଭାରତୀୟ ଆଇଫୋନ୍

# ୨୮ ହଜାର ଲୋକଙ୍କ ନିମନ୍ତେ କର୍ମନିଯୁକ୍ତି ସୁଯୋଗ

**ମୁମ୍ବାଇ ୨୭।୧୧(ଏଜେନ୍ସି):** ଦେଶର ନାମୀ ଟେକ୍ କମ୍ପାନୀ ଟାଟା ଗ୍ରୁପ ଏବେ କିଛି ନୂଆ କରିବାକୁ ଯାଉଛି। ନିକଟରେ ଟାଟା ଏହାର ମେଗା ପ୍ଲାନ୍ ଉନ୍ମୋଚନ କରିଛି, ଯେଉଁଥିରେ ସମସ୍ତଙ୍କୁ ଏବେ ସ୍ୱଦେଶୀ ଆଇଫୋନ ମିଳିପାରିବ। ଭାରତୀୟ କମ୍ପାନୀ ଟାଟା ଏବେ ଦେଶରେ ଆଇଫୋନ୍ ନିର୍ମାଣ କରିବ। କମ୍ପାନୀ ଭାରତରେ ଆଇଫୋନ ନିର୍ମାଣ କାମ ତ୍ୱରାନ୍ୱିତ କରିବାକୁ ଚାହୁଁଛି। ଏଥିପାଇଁ ଟାଟା ଘରୋଇ ଓ ଅନ୍ତର୍ଜାତୀୟ ବଜାର ପାଇଁ ଭାରତରେ ଆପଲ୍ ଆଇଫୋନର ନିର୍ମାଣ କାମ ଆରମ୍ଭ କରିବ। ଏହି କାମକୁ ତ୍ୱରାନ୍ୱିତ କରିବା ପାଇଁ ଟାଟା ଗ୍ରୁପର କମ୍ପାନୀ ଟାଟା ଇଲେକ୍ଟ୍ରୋନିକ୍ସ ପ୍ରାଇଭେଟ ଲିମିଟେଡ ୧୨୫ ନିୟୁତ ଡଲାରରେ ୱିଷ୍ଟ୍ରର୍ଣ୍ଣ ଇନ୍‌ଫୋକମ ମ୍ୟାନୁଫାକ୍ଚରିଂ ପ୍ରାଇଭେଟ ଲିମିଟେଡ୍‌କୁ ଅଧିଗ୍ରହଣ କରିଛି। ଟାଟା ଏବେ ତାର ସମ୍ପ୍ରସାରଣ ଯୋଜନାରେ ଏହାର କ୍ଷମତା ବୃଦ୍ଧି କରିବ। ଏହି ୟୁନିଟ୍‌ରେ ମୋଟ ୫ ହଜାର କୋଟି ଟଙ୍କା ନିବେଶ ହେବ। ବର୍ଷେରୁ ଦେଢ ବର୍ଷ ମଧ୍ୟରେ କମ୍ପାନୀ ୨୫ରୁ ୨୮ ହଜାର ଲୋକଙ୍କୁ ନିଯୁକ୍ତ ଦେବ। ରିପୋର୍ଟ ଅନୁସାରେ ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି ଯେ କମ୍ପାନୀ ୟୁନିଟ୍‌କୁ ବର୍ତ୍ତମାନର ଆକାର ଓ କ୍ଷମତାକୁ ଦେଢରୁ ୨ ଗୁଣା ବୃଦ୍ଧି କରିବାକୁ ବିଚାର କରୁଛି। ୨୦୦୮ ମସିହାରେ ୱିଷ୍ଟ୍ରର୍ଣ୍ଣର ଭାରତରେ ପ୍ରବେଶ ହୋଇଥିଲା, ୨୦୧୭ ମସିହାରେ ଏହି କମ୍ପାନୀ ଆପଲ ନିମନ୍ତେ ଆଇଫୋନ ମାନୁଫ୍ୟାକ୍‌ଚରିଂ କରିବା ଆରମ୍ଭ କରିଥିଲା। ଏହି ପ୍ଲାଣ୍ଟରୁ ହିଁ ଆଇଫୋନ ୧୪ ମଡେଲର ପ୍ରଡକ୍ସନ ହୋଇଛି। ଏଠାରେ ଏବେ ୧୦ ହଜାରରୁ ଅଧିକ କର୍ମଚାରୀ କାମ କରୁଛନ୍ତି। ଟାଟା କମ୍ପାନୀ ଏହି ପ୍ଲାଣ୍ଟକୁ କ୍ରୟ କରି ଏକ ପ୍ରଶଂସନୀୟ କାମ କରିଛନ୍ତି। ଏବେ ଟାଟା ଏହି କମ୍ପାନୀ କ୍ରୟ କରିବା ପରେ ଭାରତ ମାର୍କେଟରୁ ୱିଷ୍ଟ୍ରର୍ଣ୍ଣ ଆଉଟ୍ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ ୱିଷ୍ଟ୍ରର୍ଣ୍ଣ କମ୍ପାନୀ ବ୍ୟତୀତ ଭାରତରେ ପେଗାଟ୍ରନ ଓ ଫକ୍ସକନ ମଧ୍ୟ ଆଇଫୋନ ପ୍ରଡକ୍ସନ କରୁଛନ୍ତି। ଏବେ ଏହି ତାଲିକାକୁ ଏବେ ଟାଟାଙ୍କର ମଧ୍ୟ ଏଣ୍ଟ୍ରି ହୋଇଯାଇଛି।

